# ଧରିତ୍ରୀ DHARITRI

ବ୍ରହ୍ମପୁର, ସୋମବାର, ମେ ୯/୨୦୨୨ (୧୪ ପୃଷ୍ଠା) | Berhampur, Monday, May 9/2022 | Page 14 | ₹ 7.00 | ★★★

୧୮ଶ ଭାଗ ୧୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ହସରଙ୍ଗାଙ୍କୁ ୫ ଉଇକେଟ ସଫଳତା**

ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ୱାନିଣ୍ଡୁ ହସରଙ୍ଗା ୫ ଉଇକେଟ ସଫଳତା ହାସଲ କରିଛନ୍ତି।

୧୨

୧୧

**ଶ୍ରୁତିଙ୍କ ସୌଭାଗ୍ୟ**

ବହୁଭାଷୀ ଚଳଚ୍ଚିତ୍ରରେ କାମ କରିବା ସୌଭାଗ୍ୟର କଥା ବୋଲି ନାୟିକା ଶ୍ରୁତି ହାସନ କହିଛନ୍ତି।



# ଉଦଳାରେ ହାଜତ ମୃତ୍ୟୁ

- **ପରିବାର ଲୋକ ଅଭିଯୋଗ ଆଣିଲେ**
- **ଡାକ୍ତରଖାନାରେ ଉତ୍ତେଜନା**

**ଉଦଳା,୮।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳାରେ ରବିବାର ହାଜତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପୋଲିସ ହେପାଜତରେ ଥିବା ଯୁବକ ପ୍ରଦୀପ ଦାସ(୩୫)ଙ୍କୁ ପିଟି ପିଟି ମାରି ଦିଆଯାଇଥିବା ତାଙ୍କ କକାପୁଅ ଭାଇ ରାଧାକାନ୍ତ ଦାସ କହିଛନ୍ତି। ଘଟଣାକୁ ନେଇ ଉଦଳା ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରଥମେ ଅତିରିକ୍ତ ଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର ଓ ଏସ୍‌ଡିପିଓ ସାର୍ଥକ ରାୟ ଏବଂ ପରେ ଏସ୍‌ପି ଖିଲାରି ରଷିକେଶ ଦ୍ୟାନଦେଓ ଥାନାରେ ପହଞ୍ଚି ଅଭିଯୋଗର ତଦନ୍ତ କରିଛନ୍ତି। ଗତ ଜାନୁୟାରୀରେ ଉଦଳା ଏନ୍‌ଏସିର ୫ନଂ. ୱାର୍ଡରେ ରହୁଥିବା ଜଣେ ମହିଳାଙ୍କ ଘରୁ ସୁନା ଅଳଙ୍କାର ଲୁଟ୍ ହୋଇଥିଲା। ସଫା କରିବା ଆଳରେ ଦୁର୍ବୃତ୍ତ ଗହଣା ଲୁଟି ନେଇଥିଲେ। ଏନେଇ ଉଦଳା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଉଦଳା ଓ ବଡ଼ସାହି ଥାନା ପୋଲିସ ବାଲେଶ୍ୱର ଜିଲା ମନ୍ଦାରପୁର ଅଞ୍ଚଳରୁ ପ୍ରଦୀପ ଦାସଙ୍କୁ ଶନିବାର ଗିରଫ କରିଥିଲା। ରାତିରେ ପ୍ରଦୀପଙ୍କୁ ଉଦଳା ଥାନାରେ ରଖି ପୋଲିସ ପଚରାଉଚରା କରିଥିଲା। ତେବେ ରବିବାର ଅପରାହ୍ନ ୧ଟା ୫୭ରେ ପୋଲିସ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅପରାହ୍ନ ୨ଟା ୩୫ରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସା କରୁଥିବା ଡାକ୍ତର ପ୍ରଜ୍ଞା ପରମିତାଙ୍କ କହିବାନୁଯାୟୀ ପ୍ରଦୀପଙ୍କୁ ଅତି ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଥିଲା। ସେତେବେଳକୁ ତାଙ୍କର ଚେତା ନ ଥିଲା। ତାଙ୍କ ଜୀବନ ବଞ୍ଚାଇବା ପାଇଁ ଆମେ ଯଥାସମ୍ଭବ ଚିକିତ୍ସା କରିଥିଲୁ। କିନ୍ତୁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଡାକ୍ତର ପରମିତା କହିଛନ୍ତି। ତେବେ



ପ୍ରଦୀପ ଦାସ

ପ୍ରଦୀପ ଗୁରୁତର ଓ ଅଚେତ ହେବା ନେଇ ପୋଲିସ ଉପରେ ସନ୍ଦେହ ସୃଷ୍ଟି ହେଉଛି। ପ୍ରଦୀପଙ୍କ ପିଠିରେ ମାଡ଼ ଚିହ୍ନ ଥିବାରୁ ପୋଲିସ ତାଙ୍କୁ ପିଟି ପିଟି ମାରି ଦେଇଥିବା ତାଙ୍କ ଭାଇ ରାଧାକାନ୍ତ ଅଭିଯୋଗ କରିଛନ୍ତି। ଏହା ଜାଣିବା ପରେ ପ୍ରଦୀପଙ୍କ ଗ୍ରାମ ମନ୍ଦାରପୁରର ପ୍ରାୟ ୩୦୦ ଲୋକ ଡାକ୍ତରଖାନାରେ ପହଞ୍ଚି ହୋହଲ୍ଲା କରିଥିଲେ। ପ୍ରଦୀପ ବାଲେଶ୍ୱର ଗ୍ରାମ୍ୟ ଜଳଯୋଗାଣ ବିଭାଗରେ ରାତି ଜଗୁଆଳ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ କୌଣସି ଅଭିଯୋଗ ନ ଥିଲା। ହେଲେ ପୋଲିସ ତାଙ୍କୁ ଉଠାଇ ନେଇ ହତ୍ୟା କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ହାଜତ ମୃତ୍ୟୁ ଅଭିଯୋଗକୁ ଉଦଳା ଥାନା ଅଧିକାରୀ ନିରଜ କୁମାର ସାମଲ ଖଣ୍ଡନ କରିଛନ୍ତି। ପ୍ରଦୀପଙ୍କୁ କୌଣସି ଶାରୀରିକ ନିର୍ଯାତନା ଦିଆଯାଇନାହିଁ। ସୁନା ଅଳଙ୍କାର ଲୁଟ୍ ମାମଲାରେ ତାଙ୍କୁ ଶନିବାର ରାତିରେ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ରବିବାର ସକାଳେ ମଧ ଜେରା କରାଯିବା ସହ ସୁନା ଅଳଙ୍କାର ଲୁଟ୍ ଅଭିଯୋଗ ଆଣିଥିବା ମହିଳା ଥାନାକୁ ଆସି ପ୍ରଦୀପଙ୍କୁ ଚିହ୍ନିଥିଲେ। ପୂର୍ବାହ୍ନରେ ତାଙ୍କୁ ଜଳଖିଆ ଏବଂ ମଧାହ୍ନରେ ଖାଇବାକୁ ଦିଆଯାଇଥିଲା, କିନ୍ତୁ ସେ ଖାଇ ନ ଥିଲେ। ଏହାପରେ ସେ ଅସୁସ୍ଥ ହୋଇପଡ଼ିବାରୁ ଆମେ ଡାକ୍ତରଖାନାରେ ଭର୍ତ୍ତି କରିଥିଲୁ ବୋଲି ଥାନା ଅଧିକାରୀ ସାମଲ କହିଛନ୍ତି।

ରବିବାର ରାତିରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ତାହାର ରିପୋର୍ଟ ଆସିବା ପରେ ପ୍ରଦୀପଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ପ୍ରଦୀପଙ୍କ ଗୋଟିଏ ଝିଅ, ଗୋଟିଏ ପୁଅ ଏବଂ ସ୍ତ୍ରୀ ଅଛନ୍ତି। ସେମାନେ ଏବେ ଅସହାୟ ହୋଇପଡ଼ିଛନ୍ତି।

## ଏଫ୍‌ପିଆଇ ମାଲିକାନା ୧୯.୫%କୁ ହ୍ରାସ

**ନୂଆଦିଲ୍ଲୀ,୮।୫**

ଘରୋଇ ଶେୟାର ବଜାରରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ର ମାଲିକାନା ଗତ ମାର୍ଚ୍ଚରେ ୧୯.୫%କୁ ହ୍ରାସ ପାଇ ୬୧୯ ବିଲିୟନ ଡଲାରରେ ପହଞ୍ଚିଛି। ନ୍ୟାଶନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ (ଏନ୍‌ଏସ୍‌ଇ)-୫୦୦ କମ୍ପାନୀଗୁଡ଼ିକର ବିଶ୍ଳେଷଣ ପରେ ବ୍ରୋକରେଜ୍ ଫାର୍ମ ବ୍ୟାଙ୍କ୍ ଅଫ୍ ଆମେରିକା ସିକ୍ୟୁରିଟିଜ୍ ଇଣ୍ଡିଆ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ୨୦୧୯ ମାର୍ଚ୍ଚରେ ଏଫ୍‌ପିଆଇର ମାଲିକାନା ୧୯.୩% ରହିଥିଲା। ବାର୍ଷିକ ତଥ୍ୟ ଆଧାରରେ ୨୦୨୧ ମାର୍ଚ୍ଚରେ ଏହା ୨୧.୨% ସ୍ତରରେ ରହିଥିଲା। ୨୦୨୧ ଡିସେମ୍ବରରେ ଘରୋଇ ଶେୟାରର ୫ବର୍ଷର ସର୍ବାଧିକ ସ୍ତରରେ ୨୧.୪% ମାଲିକାନା ରହିଥିଲା। ସେହିପରି ୨୦୧୭ ଡିସେମ୍ବରରେ ୫ବର୍ଷର ସର୍ବନିମ୍ନ ସ୍ତର ୧୮.୬%ରେ ରହିଥିଲା। ତେବେ ଏଫ୍‌ପିଆରେ ହ୍ରାସ ଘଟିଥିଲେ ମଧ ମାର୍ଚ୍ଚ ଅବଧିରେ ଘରୋଇ ଫଣ୍ଡ(ଡିଏଫ୍) ପକ୍ଷରୁ ୬ ବିଲିୟନ ଡଲାରର ନିବେଶ କରାଯାଇ ନିଜ ମାଲିକାନାରେ ବୃଦ୍ଧି ଘଟିଛି। ତଥ୍ୟ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ ଘରୋଇ ଫଣ୍ଡରେ ୧୪.୬ ବିଲିୟନ ଡଲାର ନିବେଶ କରାଯାଇଛି।

# ପୁରୀରୁ ୯୦ କିମି ଦୂରରେ ଯିବ ବାତ୍ୟା 'ଅସାନି'



**ଭୀଷଣ ବାତ୍ୟାରେ ପରିଣତ ହେଲା**

- **୧୦ରୁ ୧୨ ଉପକୂଳରେ ପ୍ରବଳ ବର୍ଷା**
- **୪ ବନ୍ଦରକୁ ଏକ ନମ୍ବର ବିପଦ ସଙ୍କେତ**

**ଭୁବନେଶ୍ୱର, ୮।୫(ବ୍ୟୁରୋ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ରବିବାର ସକାଳେ ବାତ୍ୟାର ରୂପ ନେଇଛି। ନାଁ ରହିଛି 'ଅସାନି'। ରାତି ୮ଟା ବେଳକୁ ଏହା ଭୀଷଣ ବାତ୍ୟାରେ ପରିଣତ ହୋଇ ଘଣ୍ଟା ପ୍ରତି ୧୪ କିମି ବେଗରେ ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି। ପୁରୀଠାରୁ ୮୮୦ କିମି ଦୂର ଉତ୍ତର-ଉତ୍ତର-ପୂର୍ବ ଦିଗରେ ଦକ୍ଷିଣ-ପୂର୍ବ ତତ୍‌ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା କେନ୍ଦ୍ରୀଭୂତ ହୋଇଥିଲା। ୧୦ ତାରିଖ ସନ୍ଧ୍ୟାରେ ବାତ୍ୟା 'ଅସାନି' ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ନିକଟ ସମୁଦ୍ରରେ ପହଞ୍ଚିବ। ଏହା କ୍ରମଶଃ ଉତ୍ତର ଓ ଉତ୍ତର-ପୂର୍ବ ଦିଗରେ ମୁହାଁଇବା ସମ୍ଭାବନା ରହିଥିବାରୁ ପୁରୀଠାରୁ ପ୍ରାୟ ୯୦ରୁ ୧୦୦ କିମି ଦୂରରେ ଅତିକ୍ରମ କରିବ। ତେବେ ସ୍ଥଳଭାଗ ନ ଛୁଇଁ ଧୀରେ ଧୀରେ ସମୁଦ୍ର ଭିତରେ ଦୁର୍ବଳ ହୋଇଯିବ। ଏହି ସମୟରେ ସମୁଦ୍ର ମଧ୍ୟରେ ପବନର ବେଗ ୧୦୫ରୁ ୧୧୫ ଓ ଝଟକା ପବନ ୧୨୫ ରହିପାରେ। ଏହାର ପ୍ରଭାବରେ ଓଡ଼ିଶା ଉପକୂଳବର୍ତ୍ତୀ ଜିଲାରେ ବର୍ଷା ହେବ। ୧୦ ତାରିଖରେ ଗଞ୍ଜାମ, ଗଜପତି ଓ ପୁରୀରେ ପ୍ରବଳ ବର୍ଷିବ। ୧୧ ତାରିଖରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କଟକ ଓ ଜଗତ୍‌ସିଂହପୁର ଆଦି ୫ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ୧୨ ତାରିଖରେ ମଧ କିଛି ଜିଲାରେ ବର୍ଷାର ପ୍ରଭାବ ରହିବ। ଏଥିପାଇଁ ପୁରୀ, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ ଜିଲା ପାଇଁ ଭୁବନେଶ୍ୱର ଆଞ୍ଚଳିକ ☞ପୃଷ୍ଠା-୪




# ରଜତ କରଙ୍କ ପରଲୋକ



**ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ**

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ବିଶିଷ୍ଟ ଶିକ୍ଷାବିତ୍, ସୁସାହିତ୍ୟିକ, ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା, ସୁବକ୍ତା ତଥା ଜଣାଶୁଣା ଆଧ୍ୟାତ୍ମିକ ପ୍ରବଚକ ପଦ୍ମଶ୍ରୀ ଡ. ରଜତ କୁମାର କରଙ୍କ ରବିବାର ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୮୮ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିବା ପୁତ୍ର ରଞ୍ଜିତ କର ସୂଚନା ଦେଇଛନ୍ତି। ସେ ହୃଦ୍‌ଘାତରେ ଆକ୍ରାନ୍ତ ହେବା ପରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସୋମବାର ତାଙ୍କ ପାର୍ଥିବ ☞ପୃଷ୍ଠା-୪

## ୟୁକ୍ରେନ୍ ସ୍କୁଲ୍ ଉପରେ ରୁଷିଆର ବୋମାମାଡ଼: ୬୦ ମୃତ୍ୟୁ ଆଶଙ୍କା

**କିଭ୍,୮।୫**

ପୂର୍ବ ୟୁକ୍ରେନ୍‌ର ଲୁହାନସ୍କ ଅଞ୍ଚଳରେ ଥିବା ଏକ ସ୍କୁଲ୍ ଉପରେ ରୁଷିଆ ବୋମାମାଡ଼ କରିଛି। ଏଥିରେ ୬୦ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଶନିବାର ଅପରାହ୍ନରେ ରୁଷିଆ ସୈନ୍ୟ ବିଲୋହୋରିଭ୍‌କାସ୍ଥିତ ସ୍କୁଲ୍ ଉପରେ ବୋମା ପକାଇବାରୁ ବିଲ୍ଡିଂ ଭୁଶୁଡ଼ିବା ସହ ଜଳିଯାଇଥିଲା। ସେହି ସମୟରେ ଉକ୍ତ ସ୍କୁଲ୍‌ରେ ପ୍ରାୟ ୯୦ ଜଣ ଆଶ୍ରୟ ନେଇଥିଲେ ବୋଲି ଆଞ୍ଚଳିକ ଗଭର୍ନର ସେର୍‌ଜି ଗାଇଡାଇ କହିଛନ୍ତି। ନିଆଁ ଲିଭାଯିବା ପରେ ୨ଟି ମୃତଦେହ ମିଳିଥିବାବେଳେ ୧୩ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୭ ଜଣ ଆହତ ହୋଇଛନ୍ତି। ବିଲ୍ଡିଂର ଭଗ୍ନାବଶେଷ ତଳେ ୬୦ ମୃତଦେହ ରହିଥିବା ଆଶଙ୍କା କରାଯାଉଛି। ରୁଷିଆ ସୈନ୍ୟ ନିରୀହ ନାଗରିକଙ୍କୁ ଟାର୍ଗେଟ କରୁଥିବା ୟୁକ୍ରେନ୍ ଓ ଏହାର ପାଶ୍ଚାତ୍ୟ ସହଯୋଗୀ ଅଭିଯୋଗ କରୁଥିବାବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ରକ୍ତ ଝୁଣ୍ଟୁଛନ୍ତି**

**ଆଜିର ମନ୍ତବ୍ୟ**

" କଂଗ୍ରେସ ଶାସନ ବେଳେ ୨୦୧୪ରେ ୨ଟି ଘରୋଇ ଏଲ୍‌ପିଜି ସିଲିଣ୍ଡର ଦାମ୍ ଯାହା ଥିଲା ଏବେ ଗୋଟିଏ ସିଲିଣ୍ଡର ଦାମ୍ ତା'ଠାରୁ ଅଧିକ ହୋଇଛି।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା





ମୁମ୍ବାଇ ବାନ୍ଦ୍ରାସ୍ଥିତ ଲୀଳାବତୀ ହସ୍ପିଟାଲରୁ ସୁସ୍ଥ ହୋଇ ଫେରିବା ପରେ ସମର୍ଥକଙ୍କ ସହ ଅମରାବତୀର ସ୍ୱାଧୀନ ଏମ୍ପି ନବନୀତ ରାଣା।

# ନୂଆ ସଭାପତି ନେଇ ଆଜି ରାହୁଲଙ୍କ ସହ ଆଲୋଚନା

## ଦିଲ୍ଲୀରେ ଓଡ଼ିଶା କଂଗ୍ରେସ ନେତା

ଭୁବନେଶ୍ୱର,୮।୫(ବ୍ୟୁରୋ)

ପ୍ରଦେଶ କଂଗ୍ରେସ ସଭାପତି ପଦବୀରେ ପରିବର୍ତ୍ତନ କରିବା ଲାଗି ଦଳର ବିଧାୟକଙ୍କ ସମେତ ବହୁ ବରିଷ୍ଠ ନେତା ଏବେ ଦିଲ୍ଲୀରେ। ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଭବନରେ ଏବେ ମାଳମାଳ କଂଗ୍ରେସ ନେତାଙ୍କୁ ଦେଖିବାକୁ ମିଳୁଛି। ମିଳିଥିବା ସୂଚନା ମୁତାବକ, ଦଳର ୮ ବିଧାୟକଙ୍କ ସମେତ ବହୁ ବରିଷ୍ଠ ନେତା ଓଡ଼ିଶା ଭବନରେ ପହଞ୍ଚିଗଲେଣି। ପ୍ରଥମେ ରାଜ୍ୟର ୯ କଂଗ୍ରେସ ବିଧାୟକଙ୍କୁ ରାହୁଲ ଗାନ୍ଧୀ ଭେଟିବା ଲାଗି ଡକାଇଥିବା ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ପକ୍ଷରୁ ଚିଠି ଜରିଆରେ ଜଣାଯାଇଥିଲା। ଏହାପରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦଳର ଅନ୍ୟ ବରିଷ୍ଠ ନେତାଙ୍କୁ ମଧ୍ୟ ରାହୁଲ ଭେଟିବାକୁ ଡାକିଥିବା ଜଣାଇଥିଲେ। ତେଣୁ କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ, ଶରତ ପଟ୍ଟନାୟକ, ଭକ୍ତ ଦାସ, ଜୟଦେବ ଜେନା, ଚିରଞ୍ଜୀବ ବିଶ୍ୱାଳ, ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଦିଲ୍ଲୀରେ ପହଞ୍ଚି ଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ଓଡ଼ିଶାର ଏକ ମାତ୍ର ଏମ୍ପି ସପ୍ତଗିରି ଉଲାକା ମଧ୍ୟ ରାହୁଲଙ୍କୁ ଭେଟିବେ। ତେବେ ରାହୁଲ କ'ଣ ଆଲୋଚନା କରିବେ ସେନେଇ ସମସ୍ତେ ଅପେକ୍ଷା କରିଥିବା ବେଳେ ପିସିସି ସଭାପତି ପରିବର୍ତ୍ତନ ସମ୍ପର୍କରେ ସୋମବାର ବିଶେଷ ଭାବେ ଆଲୋଚନା କରାଯିବ ବୋଲି କୁହାଯାଇଛି।

ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ସବୁ ବିଧାୟକମାନେ ନିଜ ନିଜ ବ୍ୟବସ୍ଥାରେ ଆସିଛନ୍ତି। କେବଳ ଦାଶରଥୀ ଗମାଙ୍ଗ ଆସିନାହାନ୍ତି। ସୋମବାର ସନ୍ଧ୍ୟାରେ ରାହୁଲ ସମସ୍ତଙ୍କୁ ଭେଟିପାରନ୍ତି। ସକାଳୁ ବିଧାୟକମାନଙ୍କ ମଧ୍ୟରେ ଆଲୋଚନା ହୋଇପାରେ ବୋଲି ସେ କହିଛନ୍ତି। ଅନ୍ୟପଟେ ଜଣେ ବିଧାୟକଙ୍କୁ ସଭାପତି କରିବା ଲାଗି ବିଧାୟକମାନେ ଦାବି କରୁଥିବା ବେଳେ ଶରତ ପଟ୍ଟନାୟକଙ୍କୁ ଏହି ଆସନ ମିଳିପାରେ ବୋଲି ଅନେକ ମତ ରଖୁଛନ୍ତି। ସେହିପରି ବିଧାୟକ ଦଳ ନେତା ପଦବୀରୁ ନରସିଂହ ମିଶ୍ର ଏବଂ ମୁଖ୍ୟ ସଚେତକ ପଦରୁ ତାରା ବାହିନୀପତି ଇସ୍ତଫା ଦେଇଥିବା ଜଣାପଡ଼ିଛି। ଏଆଇସିସି ପକ୍ଷରୁ ସେମାନଙ୍କୁ ନିଜ ନିଜର ପଦରୁ ଇସ୍ତଫା ଦେଇଦେବାକୁ ନିର୍ଦ୍ଦେଶ ଆସିଥିଲା ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ତେବେ କଂଗ୍ରେସର ଯେଉଁଭଳି ଓଡ଼ିଶାରେ ସ୍ଥିତି ସେଭଳି କ୍ଷେତ୍ରରେ କାହାକୁ ସଭାପତି ପଦରେ ବସାଇ ଦଳ ଆଗକୁ ବଢ଼ିପାରିବ ବୋଲି ବିଶ୍ୱାସ ରଖୁଛି ସେନେଇ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ସ୍ପଷ୍ଟ ହୋଇଯାଇପାରେ। ଅନ୍ୟପଟେ ନିରଞ୍ଜନ ମଧ୍ୟ ଦିଲ୍ଲୀ ଗସ୍ତରେ ଅଛନ୍ତି, ତାଙ୍କ ସହ ରାହୁଲଙ୍କ ଆଲୋଚନା କିପରି ଏବଂ କେଉଁ ବିଷୟ ଉପରେ ହେବ ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେବେ ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ସମସ୍ତେ ଦିଲ୍ଲୀରେ ପହଞ୍ଚିଛନ୍ତି। ରାହୁଲ ଗାନ୍ଧୀ ଯାହା କହିବେ ତାହା ସମସ୍ତେ ମାନିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଗତଥର ମଧ୍ୟ ରାହୁଲ ଓଡ଼ିଶା ପିସିସି ସଭାପତି ଭାବେ ନିରଞ୍ଜନଙ୍କୁ ବସାଇଥିବା ବେଳେ ସେ କ୍ଷେତ୍ରରେ କ'ଣ ସମସ୍ୟା ହେଲା ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି।

# ଚିଲିକା ବିଧାୟକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରିପୋର୍ଟ ଯାଞ୍ଚ

## ହାଇକୋର୍ଟଙ୍କ ନିର୍ଦ୍ଦେଶ ହେଲା କାର୍ଯ୍ୟକାରୀ

ଖୋର୍ଦ୍ଧା ଅଫିସ, ୮।୫



ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଧାୟକ ପ୍ରଶାନ୍ତ ଜଗଦେବ।

ବାଣପୁର ବ୍ଲକ ସମ୍ମୁଖରେ ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଗିରଫ ପରେ ଅନ୍ତରୀଣ ଜାମିନରେ ଆସିଛନ୍ତି। ରବିବାର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଧାୟକ ଜଗଦେବଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସିଡିଏମ୍ଓ ଡା. ଆର୍ତ୍ତବନ୍ଧୁ ନାୟକଙ୍କ ତତ୍ତ୍ୱାବଧାନରେ ଏକ ୫ଜଣିଆ ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ପୂର୍ବାହ୍ନରେ ଜଗଦେବ ବାଣପୁର ପୋଲିସର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆସି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ସିଡିଏମ୍ଓଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ମେଡିକାଲ ଟିମ୍ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ଏଥିସହ ପୂର୍ବରୁ ବିଭିନ୍ନ ଘରୋଇ ଚିକିତ୍ସାଳୟରେ ହୋଇଥିବା ତାଙ୍କର ଚିକିତ୍ସା ସଂକ୍ରାନ୍ତ ରିପୋର୍ଟ, ଡିସ୍‌ଚାର୍ଜ ରେକର୍ଡପତ୍ର ପ୍ରଭୃତି ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା।

ପ୍ରକାଶ ଯେ, ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣାରେ ବିଧାୟକ ଜଗଦେବ ଗିରଫ ହୋଇ ବାଣପୁର ଜେଲରେ ରହିଥିଲେ। ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା କାରଣରୁ ତାଙ୍କୁ ଅନ୍ତରୀଣ ଜାମିନ ମିଳିଥିଲା। ଗତ ବୁଧବାର ଜଗଦେବଙ୍କ ଅନ୍ତରୀଣ ଜାମିନ ଅବଧି ସରିଥିବାରୁ ତାଙ୍କୁ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିବାକୁ କୋର୍ଟ ନିର୍ଦ୍ଦେଶ ରହିଥିଲା। ତେବେ ଚିକିତ୍ସା ଜାରି ରହିଥିବାରୁ ଜଗଦେବ ପୁଣିଥରେ ଜାମିନ ଅବଧି ବୃଦ୍ଧି ଲାଗି ତାଙ୍କ ଓକିଲଙ୍କ ଜରିଆରେ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ହାଇକୋର୍ଟ ତାଙ୍କୁ ଆଉ ଏକ ସପ୍ତାହ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଅର୍ଥାତ ମେ ୧୦ ତାରିଖ ପର୍ଯ୍ୟନ୍ତ ଏହି ଜାମିନ ଅବଧି ରହିଛି। ତେବେ ଜଗଦେବ ବାରମ୍ବାର ସ୍ୱାସ୍ଥ୍ୟଜନିତ ସମସ୍ୟା ଦର୍ଶାଇ ହାଇକୋର୍ଟରେ ପିଟିଶନ ଦାଖଲ କରିବା ଘଟଣାକୁ କୋର୍ଟ ଗୁରୁତ୍ୱର ସହ ନେଇଛନ୍ତି। ବିଧାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି କି ନାହିଁ, ସେ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ବାଣପୁର ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବାଣପୁର ଥାନା ପକ୍ଷରୁ ସିଡିଏମ୍ଓଙ୍କୁ ସ୍ୱତନ୍ତ୍ର ମେଡିକାଲ ଟିମ୍ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରିବା ଲାଗି ଅନୁରୋଧ କରାଯାଇଥିଲା। ଏନେଇ ସିଡିଏମ୍ଓ ନାୟକ କହିଛନ୍ତି, ବାଣପୁର ପୋଲିସର ଅନୁରୋଧକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ବିଧାୟକ ଜଗଦେବଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ବିଗତ ଦିନରେ ସେ ଯେଉଁ ସବୁ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ, ତାହାର ସବିଶେଷ ତଦନ୍ତ କରାଯାଇଛି। ବିଧାୟକଙ୍କ କେଉଁ ରୋଗ ପାଇଁ ଚିକିତ୍ସା କରାଯାଇଛି, ତାହାର ଯାଞ୍ଚ ହୋଇଛି। ଏ ସଂକ୍ରାନ୍ତ ରିପୋର୍ଟ ବାଣପୁର ଥାନାକୁ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ୧୫୦ରୁ ଊର୍ଦ୍ଧ୍ୱ ଆସନ ଲକ୍ଷ୍ୟରେ ଭାଜପା

## ଗୁଜରାଟ ନିର୍ବାଚନ ଲାଗି ଜୋର୍‌ଦାର ପ୍ରସ୍ତୁତି

ଅହମଦାବାଦ,୮।୫



ଚଳିତ ବର୍ଷ ଶେଷ ଭାଗରେ ଗୁଜରାଟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ଭାଜପା ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ହୋଇଛି। ରାଜ୍ୟ ଭାଜପା ସଭାପତି ସି.ଆର୍. ପାଟିଲ ଏବଂ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ନିର୍ବାଚନ ଦାୟିତ୍ୱ ଦିଆଯାଇଛି। ୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭାରେ ୧୫୦ରୁ ଊର୍ଦ୍ଧ୍ୱ ଆସନ ହାତେଇବା ଲାଗି ଦଳ ଲକ୍ଷ୍ୟ ରଖିଛି।

ଦଳର ଜାତୀୟ ସ୍ତରର ବରିଷ୍ଠ ନେତାମାନେ ଗତ ୬ ମାସ ହେଲା ରାଜ୍ୟକୁ ବାରମ୍ବାର ଗସ୍ତରେ ଆସି ତୃଣମୂଳ ସ୍ତରରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭାଜପା ସାଧାରଣ ସମ୍ପାଦକ ବି.ଏଲ୍. ସନ୍ତୋଷ ଦୁଇଦିନିଆ ଗୁଜରାଟ ଗସ୍ତରେ ଆସି ଆରଏସ୍‌ଏସ୍ ପ୍ରଚାରକ, ମୁଖ୍ୟମନ୍ତ୍ରୀ, ରାଜ୍ୟ ଭାଜପା ସଭାପତି ଓ ଅନ୍ୟ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଭେଟିଥିଲେ। ତାଙ୍କ ଆକଳନ ଆଧାରରେ କେନ୍ଦ୍ରୀୟ ନେତା ପ୍ରଚାର ରଣନୀତି ପ୍ରସ୍ତୁତ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଏହା ପୂର୍ବରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦୁଇଦିନିଆ ଗସ୍ତରେ ଯାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪ ସାଧାରଣ ସଭା ଓ ୩ଟି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇସାରିଲେଣି। ୟୁପି ରାଜ୍ୟପାଳ ତଥା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ଆନନ୍ଦିବେନ୍ ପଟେଲ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜନସଭାକୁ ସମ୍ବୋଧିତ କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବାରମ୍ବାର ଉକ୍ତ ରାଜ୍ୟକୁ ଗସ୍ତରେ ଯାଉଛନ୍ତି। ସେହିପରି ଦଳର ଗୁଜରାଟ ପ୍ରଭାରୀ ଭୂପେନ୍ଦ୍ର ଯାଦବ ଗତ ମାସ ୨୧ରେ ତୃଣମୂଳ ସ୍ତରରେ ସ୍ଥିତି ସମୀକ୍ଷା କରିଥିଲେ।

ସେହିପରି ଗତ ୬ ମାସ ମଧ୍ୟରେ ଗୈରିକ ଦଳ ପକ୍ଷରୁ ଅନେକ କାର୍ଯ୍ୟକ୍ରମ କରାଗଲାଣି। ଦଳର ଯୁବ ଶାଖା ପକ୍ଷରୁ 'ଯୁବ ଯାତ୍ରା' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ମହିଳା ସେଲ୍ ପକ୍ଷରୁ ବିଭିନ୍ନ ସଭାର ଆୟୋଜନ କରାଯାଇଥିଲା। ଦଳର ମିଡିଆ ସେଲ୍ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ଗଣମାଧ୍ୟମ ସଂସ୍ଥା ନିକଟରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି।

୧୯୯୫ରୁ ଭାଜପା ଗୁଜରାଟରେ କ୍ଷମତାରେ ରହିଛି। ତେବେ ୨୦୧୭ ନିର୍ବାଚନରେ ଦଳକୁ ପୂର୍ବାପେକ୍ଷା ୧୦ ଆସନ କମ୍ ମିଳିଥିଲା। ଏହି ନିର୍ବାଚନରେ ଭାଜପାକୁ ୯୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ କଂଗ୍ରେସର ଭୋଟ ଭାଗ ୪୧.୪ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଏଥର ଦରଦାମ୍ ବୃଦ୍ଧି, ବେରୋଜଗାରୀ ଏବଂ ସରକାର ବିରୋଧୀ ହାୱା ଦଳ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହାକୁ ଦୃଷ୍ଟିରେ ରଖି ୨୦୨୦ ଜୁଲାଇରେ ସି.ଆର୍. ପାଟିଲଙ୍କୁ ସାଂଗଠନିକ ଦାୟିତ୍ୱ ଦିଆଯିବା ସହ ୨୦୨୧ ସେପ୍ଟେମ୍ବରରେ ସରକାରରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇଥିଲା।

# ରାଧାରାଣୀ ପଣ୍ଡା ଭାଜପା ପ୍ରାର୍ଥୀ

## ବ୍ରଜରାଜନଗର ଉପନିର୍ବାଚନ

- ଆଜି ପ୍ରାର୍ଥୀ ଘୋଷଣା କରିପାରନ୍ତି ବିଜେଡି, କଂଗ୍ରେସ
- ବେଲପାହାଡ଼ ନେଇ ଚିନ୍ତାରେ ବିଜେଡି

ଭୁବନେଶ୍ୱର,୮।୫(ବ୍ୟୁରୋ)



ରାଧାରାଣୀ ପଣ୍ଡା

ବ୍ରଜରାଜନଗର ଉପନିର୍ବାଚନ ପାଇଁ ଆଉ ମାତ୍ର ୨୨ ଦିନ ଥିବାବେଳେ ନାମାଙ୍କନ ଦାଖଲ ଲାଗି ୩ ଦିନ ବାକି ରହିଛି। ତେବେ ଏହାରି ଭିତରେ ଭାଜପା ପ୍ରଥମେ ପ୍ରାର୍ଥୀ ଘୋଷଣା କରିଛି। ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ଭାଜପା ବ୍ରଜରାଜନଗର ଉପନିର୍ବାଚନର ପ୍ରାର୍ଥୀ କରିଛି। ରାଧାରାଣୀଙ୍କ ନାଁ ଉପରେ ଭାଜପାର କେନ୍ଦ୍ରୀୟ ନିର୍ବାଚନ କମିଟି ମୋହର ମାରିଛି। ୨୦୧୪ରେ ରାଧାରାଣୀ ଏହି ଆସନରୁ ବିଧାୟିକା ଥିବାବେଳେ ୨୦୧୯ ନିର୍ବାଚନରେ ଏହି ଆସନରୁ ରାଧାରାଣୀ ପଣ୍ଡା ହାରି ଯାଇଥିଲେ। ତାଙ୍କ ବିପକ୍ଷରେ କିଶୋର ମହାନ୍ତି ବିଜୟୀ ହୋଇଥିଲେ।

ଏହି ଆସନରୁ ଗତ ନିର୍ବାଚନରେ ରାଧାରାଣୀ ପରାଜୟ ହୋଇଥିବାରୁ ଏଠାରୁ ସୁଜିତ ସିଂଙ୍କୁ ଟିକେଟ ଦେବା ଲାଗି ଗୋଟିଏ ଗୋଷ୍ଠୀ ଦାବି କରିଥିଲେ। ତେବେ ସୁଜିତ ଏବଂ ରାଧାରାଣୀଙ୍କ ମଧ୍ୟରେ ଟିକେଟ ମିଳିବାକୁ ନେଇ ଚାଲିଥିବା ଟଣାଓଟରାରେ ଶେଷରେ ଅନ୍ତ ଘଟିଛି। ଅନ୍ୟପଟେ କଂଗ୍ରେସରୁ କିଶୋର ପଟେଲ ଟିକେଟ ପାଇପାରନ୍ତି। ବିଧାୟକ ସନ୍ତୋଷ ସିଂ ସାଲୁଜା ମଧ୍ୟ ଏନେଇ ଏକ ପ୍ରକାର ସ୍ପଷ୍ଟ କରିଛନ୍ତି। କଂଗ୍ରେସ ସୋମବାର ଉପନିର୍ବାଚନ ପାଇଁ ପ୍ରାର୍ଥୀ ନାଁ ଘୋଷଣା କରିବାକୁ ଥିବାବେଳେ ବିଜେଡି ମଧ୍ୟ ଏପର୍ଯ୍ୟନ୍ତ ନିଜର କାର୍ଡ ଖୋଲି ନାହିଁ। ତେବେ ରାଜ୍ୟରେ ବିଗତ ଦିନଗୁଡିକରେ ଯେତେସବୁ ଉପନିର୍ବାଚନ ହୋଇଛି ସେସବୁଥିରେ ବିଜେଡି ବିଜୟଲାଭ କରିଛି। ତେଣୁ ଏଥର ଉପନିର୍ବାଚନ ଫଳାଫଳ ଉପରେ ସଭିଙ୍କ ନଜର ରହିବ। ଶାସକ ଦଳ ମଧ୍ୟ ନିଜର ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ତେବେ ରାଜ୍ୟରେ ଉପନିର୍ବାଚନ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ପରଲୋକଗତ ନେତାଙ୍କ ପରିବାରରୁ ଜଣଙ୍କୁ ପ୍ରାର୍ଥୀ କରିବାର ଅନେକ ନଜିର ରହିଛି। ସେହି ଅନୁଯାୟୀ ଦେଖିଲେ କିଶୋରଙ୍କ ସ୍ତ୍ରୀଙ୍କୁ ଦଳ ଟିକେଟ ଦେଇପାରେ। ତେବେ ମିଳିଥିବା ଖବର ମୁତାବକ, ମନ୍ତ୍ରୀ ନବ କିଶୋର ଦାସ ତାଙ୍କ ଝିଅକୁ ଏହି ଆସନରୁ ପ୍ରାର୍ଥୀ କରିବାକୁ ଇଚ୍ଛୁକ ଅଛନ୍ତି।

ଅନ୍ୟପଟେ ଗତ ପୌର ନିର୍ବାଚନରେ ଦଳରେ ରହି ଅନ୍ୟ ପ୍ରାର୍ଥୀଙ୍କୁ ଜିତାଇବା ଲାଗି କାର୍ଯ୍ୟ କରିଥିବା କିଛି ବିଜେଡି ନେତା ଓ କର୍ମୀ ଆଗାମୀ ଉପନିର୍ବାଚନରେ କିଭଳି ଭୂମିକା ତୁଲାଇବେ ତାହା ମଧ୍ୟ ଅନେକଙ୍କ ଚିନ୍ତା ବଢ଼ାଇଲାଣି। ଗତ ପଞ୍ଚାୟତ ନିର୍ବାଚନରେ ୯ ଜିଲା ପରିଷଦ ଆସନ ସବୁଥିରେ ବିଜେଡି ବିଜୟୀ ହୋଇଛି। ପଞ୍ଚାୟତ ପରେ ହୋଇଥିବା ପୌର ଭୋଟ୍‌ରେ କିନ୍ତୁ ଅଲଗା ଫଳ ଆସିଲା। ଏଥିରେ ସମସ୍ତ ୩ ନଗରପାଳ ଆସନରେ ବିଜୟୀ ହେବ ବୋଲି ଦଳ ଦାବି କରିଥିଲା। ହେଲେ ଫଳାଫଳ ବାହାରିବା ବେଳକୁ ବେଲପାହାଡ ନଗରପାଳ ଆସନ କଂଗ୍ରେସ ହାତକୁ ଚାଲିଗଲା। ନବ କିଶୋର ଦାସ କଂଗ୍ରେସ ଛାଡିବା ପରେ ସେଠାରେ ଦଳ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବା କୁହାଯାଉଥିଲା। ତଥାପି ସେଠାରେ ଗୋଟିଏ ନଗରପାଳ ଆସନ କଂଗ୍ରେସ ଖାତାକୁ ଯିବା ବିଜେଡି ମୁଣ୍ଡରେ ଚିନ୍ତା ବଢ଼ାଇ ଦେଇଛି। ତେଣୁ ବିଜେଡି ଏବେ ବେଲପାହାଡ ଅଞ୍ଚଳର ଭୋଟ୍‌କୁ ନେଇ ଦ୍ୱନ୍ଦରେ ପଡିଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

# ଫାଣ୍ଡି ଘେରାଉବେଳେ କଂଗ୍ରେସ କର୍ମୀ-ପୋଲିସ ଧସ୍ତାଧସ୍ତି

## ଯୌନ ଶୋଷଣ ଅଭିଯୋଗ ମାମଲା

### ଝରିଗାଁ ବିଧାୟକଙ୍କୁ ଗିରଫ ଦାବି ତେଜୁଛି

ଉମରକୋଟ,୮।୫(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବିଧାୟକ ପ୍ରକାଶ ମାଝିଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆସିବା ପରେ ତାଙ୍କୁ ଗିରଫ ଦାବି ତେଜୁଛି। ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଏବଂ ଥାନା ଘେରାଉ ଜାରି ରହିଛି। ରବିବାର ଜିଲା କଂଗ୍ରେସ ପକ୍ଷରୁ ବିଧାୟକଙ୍କ ନିଜ ନିର୍ବାଚନମଣ୍ଡଳୀ ତଥା ଉମରକୋଟ ବ୍ଲକ ସିଂଶାରୀ ପୋଲିସ ଫାଣ୍ଡି ଘେରାଉ କରାଯାଇଛି। ଏଠାରେ ଦଳୀୟ କର୍ମୀମାନେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିବା ସହ ଫାଣ୍ଡି ପରିସରକୁ ଧସେଇ ପଶିଥିଲେ। ଏହି ସମୟରେ କଂଗ୍ରେସ କର୍ମୀ ଏବଂ ପୋଲିସ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା।

ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ଯାଇ ଥାନା ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଧାୟକଙ୍କ କୁଶପୁତ୍ତଳିକା ଦାହ କରି ଦଳୀୟ ନେତୃବୃନ୍ଦ ଏବଂ କର୍ମୀମାନେ ଶୋକ ପାଳନ କରିଥିଲେ। ଏହି ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ବିଧାୟକଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଫାଣ୍ଡି ଅଧିକାରୀ କୁବେର ଦିଗାଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଧାୟକଙ୍କୁ ଗିରଫ କରାଯିବା ସହ ଅଭିଯୋଗକାରିଣୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଦଳ ପକ୍ଷରୁ ବିଭିନ୍ନ ଥାନା ଘେରାଉ ଜାରି ରହିବ। ଆଗାମୀ ଦିନରେ ଏସ୍‌ପି ଅଫିସ ମଧ୍ୟ ଘେରାଉ କରି ସମଗ୍ର ଜିଲାକୁ ବନ୍ଦ କରି ଦିଆଯିବ ବୋଲି କଂଗ୍ରେସ ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

ଥାନା ଘେରାଉବେଳେ ପୂର୍ବତନ ବିଧାୟକ ଭୁଜବଳ ମାଝି, ଉଲଧର ମାଝି, ଏସ୍. ବିଜୟ, କୃଷ୍ଣ ମାଝି, ନାରୀ ନେତ୍ରୀ ହାରାବତି ଗଣ୍ଡ, ସୁରେନ୍ଦ୍ର ନାୟକ, ଉସ୍ମାନ ଲାଠିଆ, ଅମୂଲ୍ୟ ପଟ୍ଟନାୟକ, ପର୍ଶୁ ନାୟକ, ଦିବାକର ପୂଜାରୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ କପୁରଚାନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଫାଣ୍ଡି ପରିସରକୁ ଧସେଇ ପଶୁଥିବା କଂଗ୍ରେସ କର୍ମୀଙ୍କୁ ପୋଲିସ ଅଟକାଉଛି।




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୭୧,୩୦,୦୯୫ | ୬୨,୭୬,୧୯୨ | ୪୭,୧୭,୮୦,୧୯୧ |
| ଭାରତ | ୪,୩୧,୦୭,୫୦୮ | ୫,୨୪,୦୬୪ | ୪,୨୫,୫୭,୪୯୫ |
| ଓଡ଼ିଶା | ୧୨,୮୮,୨୦୨ | ୯୧୨୬(+୫୩) | ୧୨,୭୮,୮୭୦ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନଗଡ଼ାରେ ବାଲ୍ୟବିବାହ, ଜନସଂଖ୍ୟା ବଢୁଛି

**ଯାଜପୁର ଅଫିସ,୮।୫**

ଆଉ ମାସକ ପରେ ଯାଜପୁର ଜିଲା ନଗଡ଼ାରେ ଶିଶୁ ମୃତ୍ୟୁ ଘଟଣାର ପର୍ଦ୍ଦାଫାସକୁ ୬ ବର୍ଷ ପୂରିବ। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ତତ୍ପରତା ଅନୁପାତରେ ବିଭିନ୍ନ ଲୋକହିତକର ଯୋଜନା ସହିତ ନଗଡ଼ାକୁ ରାସ୍ତା ଫିଟିଛି। ତଥାପି ନଗଡ଼ାର ସାମାଜିକ ଏବଂ ଅର୍ଥନୈତିକ ବିକାଶ ଯେଭଳି ହେବା କଥା ତାହା ହୋଇ ପାରିନାହିଁ। ସ୍ୱାସ୍ଥ୍ୟ ସମେତ ମା ଓ ଶିଶୁଙ୍କ ବିକାଶ ପାଇଁ କାମ କରୁଥିବା ସରକାରୀ ବିଭାଗର ଅଧିକାରୀ ତଥା କର୍ମଚାରୀମାନେ କାଗଜ ଚାଷରେ ସୀମିତ ରହିଛନ୍ତି। ଫଳରେ ଏଯାଏ ନଗଡ଼ାର ଜୁଆଙ୍ଗ ଆଦିବାସୀଙ୍କ ସାମାଜିକ ଚଳଣିରେ ପରିବର୍ତ୍ତନ ଆସି ନ ଥିବା ଦେଖିବାକୁ ମିଳିଛି। ଆଜି ବି ବାଲ୍ୟବିବାହ ଚାଲିଛି। ପରିବାର ନିୟନ୍ତ୍ରଣ ହୋଇପାରୁନାହିଁ ଏବଂ ଅପପୁଷ୍ଟି ଅପବାଦରୁ ନଗଡ଼ା ମୁକୁଳି ପାରିନାହିଁ।

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତର ନଗଡ଼ାରେ ଅପପୁଷ୍ଟି କାରଣରୁ ଶିଶୁ ମୃତ୍ୟୁ ଘଟଣା ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିଲା। ୨୦୧୬ ଏପ୍ରିଲରେ କ୍ରମାଗତ ଭାବେ ୨୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଗଣମାଧ୍ୟମରେ ପ୍ରଥମେ ଜୁନ ଶେଷ ସପ୍ତାହରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀମାନେ ନଗଡ଼ା ଗସ୍ତକୁ ଯାଇ ଏକାଧିକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ପ୍ରଥମ କରି ୧୩।୭।୨୦୧୬ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତତ୍କାଳୀନ ସଚିବ ଆରତି ଆହୁଜା ନଗଡ଼ା ଗସ୍ତକରି ଏକ ସ୍ୱଳ୍ପ ଓ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିଥିଲେ। ଅଧିକାଂଶ ସ୍ୱଳ୍ପ ମିଆଦୀ ଏଠାରେ କାର୍ଯ୍ୟକାରୀ ହୋଇଥିବାବେଳେ ଦୀର୍ଘମିଆଦି ଯୋଜନା ଉପରେ ଅବହେଳା କରାଯାଇଛି। ଦୀର୍ଘମିଆଦୀ ପ୍ରସ୍ତାବରେ ନଗଡ଼ାକୁ ନିଶ୍ଚିତ ଭାବରେ ରାସ୍ତା,

**ସାମାଜିକ ଚଳଣି ଅପରିବର୍ତ୍ତିତ**

**ଦୂର ହୋଇ ପାରୁନି ଅପପୁଷ୍ଟି**

ପାନୀୟଜଳ, ଗୃହ, ବିଦ୍ୟୁତ୍, ଶିକ୍ଷା ବ୍ୟବସ୍ଥା ଯୋଗାଇବା। ଏହାବାଦ୍ ମମତା ଯୋଜନା, ଆଇସିଡିଏସ୍, ସ୍ୱାସ୍ଥ୍ୟସେବା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍), ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, କୃଷି ଯୋଜନାରେ ଲୋକଙ୍କୁ ସାମିଲ କରିବା ସହ ତାହାକୁ ଏକ ଫୋକସ ଗ୍ରାମ ରୂପେ ଗ୍ରହଣ କରିବାକୁ କୁହାଯାଇଥିଲା। ହେଲେ ସ୍ୱାସ୍ଥ୍ୟ, କୃଷି ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ବାଦ ଦେଲେ ଅନ୍ୟ ସମସ୍ତ ଯୋଜନା କେତେକାଂଶରେ କାର୍ଯ୍ୟକାରୀ ହୋଇଛି। ଅନ୍ୟପକ୍ଷେ ପାନୀୟ ଜଳ ଯୋଗାଣ ଓ ରାସ୍ତା ନିର୍ମାଣରେ ବହୁ ଅନିୟମିତତା ହୋଇଥିବା ଲୋକାୟୁକ୍ତରେ ମାମଲା ତଦନ୍ତାଧୀନ ରହିଛି।

ଏହି ଆଦିବାସୀ ଗାଁର ଉନ୍ନୟନ ଉପରେ ସରକାରୀ ସ୍ତରରେ କେତେକାଂଶରେ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ ସଚେତନତା କ୍ଷେତ୍ରରେ ଅଧିକାରୀମାନେ ହାତ ଟେକି ଦେଇଛନ୍ତି। ଫଳରେ ଏହି ଅଞ୍ଚଳରେ ଗତ ୨ ମାସ ମଧ୍ୟରେ ୧୬ ଜଣ ନାବାଳିକାଙ୍କ ବିବାହ ହୋଇଛି। ସେହିପରି ନଗଡ଼ାର ଜନସଂଖ୍ୟା ନିୟନ୍ତ୍ରଣ ବାହାରେ ରହିଛି। ୨୦୧୬ ଜୁନ ସୁଦ୍ଧା ଏଠାରେ ୫୪୩ ଜନସଂଖ୍ୟା ରହିଥିଲାବେଳେ ଏବେ ତାହା ୭୬୦ରେ ପହଞ୍ଚିଛି। ଗୋଟିଏ ଗୋଟିଏ ପରିବାରରେ ୫ରୁ ଊର୍ଦ୍ଧ୍ୱ ଶିଶୁ ଜନ୍ମ ନେଉଛନ୍ତି। ସଚେତନତାର ଘୋର ଅଭାବ ଯୋଗୁ ବାଲ୍ୟ ବିବାହ ସହ ଜନସଂଖ୍ୟା ନିୟନ୍ତ୍ରଣରେ ଅଙ୍କୁଶ ଲାଗିପାରୁନାହିଁ ବୋଲି କୁହାଯାଉଛି।

ଶିଶୁ ମୃତ୍ୟୁ ଘଟଣା ପରେ ସେଠାରେ ଛତୁ, ପନିପରିବା ଇତ୍ୟାଦି ଚାଷକୁ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଏବେ ସେଠାରେ ପୁଣି ପୂର୍ବ ସ୍ଥିତି ଫେରି ଆସିଛି। ଜୁଆଙ୍ଗ ଆଦିବାସୀମାନେ ପୋଡୁଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ବିଭିନ୍ନ ସମୟରେ ଜଙ୍ଗଲ ବିଭାଗ ପକ୍ଷରୁ ଚଢାଉ କରି ସମ୍ପୃକ୍ତ ପୋଡୁଚାଷୀଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଖାଦ୍ୟ ଭାବେ ସେମାନେ ଭାତ ଏବଂ ଜଙ୍ଗଲରୁ ମିଳୁଥିବା ବିଭିନ୍ନ କନ୍ଦା ଉପରେ ନିର୍ଭର କରୁଛନ୍ତି। ପନିପରିବା ଖାଦ୍ୟ ଖାଉ ନ ଥିବାରୁ ମା ଓ ଶିଶୁ ଅପପୁଷ୍ଟିର ଶିକାର ହେଉଛନ୍ତି। କହିବାବାହୁଲ୍ୟ ଯେ, ନଗଡ଼ାରେ ସରକାରଙ୍କ ପକ୍ଷରୁ ଖାଦ୍ୟ ସୁରକ୍ଷା, ଆଶ୍ରମ ସ୍କୁଲରେ ଆବାସିକ ଶିକ୍ଷା, ଅଙ୍ଗନୱାଡି କେନ୍ଦ୍ର, ବିଜୁ ପକ୍କା ଘର, ମାଗଣା ବିହନ, ମଞ୍ଜି ଓ କୃଷି ସାମଗ୍ରୀ ବଣ୍ଟନ, ମୋ ଉପକାରୀ ବଗିଚା, ସହଜ ବ୍ୟାଙ୍କ ଋଣ ଆଦି ଯୋଜନା ଘରକୁ ଘର ପହଞ୍ଚିଛି। ତଥାପି ସଚେତନତା ଅଭାବ ଜୁଆଙ୍ଗ ଆଦିବାସୀଙ୍କ ଚଳଣିରେ ପରିବର୍ତ୍ତନ ହେଉ ନଥିବାରୁ ତାହା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି।




ଭୁବନେଶ୍ୱରଠାରେ ଆୟୋଜିତ ମହିଳା ଉଦ୍ୟୋଗୀ ମେଳା-୨୦୨୨ରେ ଯୋଗଦେବାକୁ ଆସିଥିବା ବଲିଉଡ଼ ଅଭିନେତା ଅର୍ଜୁନ ରାମପାଲ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହ୍ୟର ସୁଦୂର ପ୍ରସାର କରିବା ଲାଗି ଉତ୍ସାହିତ କରିବା ସହ ହକିର ଏକ ଜର୍ସି ପ୍ରଦାନ କରୁଛନ୍ତି।

# ଅତିରିକ୍ତ ତହସିଲଦାର, ୩ ଆର୍‌ଆଇଙ୍କୁ ବାଲି ମାଫିଆଙ୍କ ଆକ୍ରମଣ

**ଗଞ୍ଜାମ,୮।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଗଞ୍ଜାମ ତହସିଲ ଅଧୀନ କାଇଁଚପୁର ପଞ୍ଚାୟତ ମାଳିଜଗନ୍ନାଥପୁରରେ ବାଲି ଚୋରା ଚାଲାଣକୁ ରୋକିବାକୁ ଯାଇ ରବିବାର ଅତିରିକ୍ତ ତହସିଲଦାର ଓ ୩ ଆର୍‌ଆଇ ଆକ୍ରମଣର ଶିକାର ହୋଇଛନ୍ତି। ଅତିରିକ୍ତ ତହସିଲଦାର ଶୁଭେନ୍ଦୁ କୁମାର ଜେନା, ଆର୍‌ଆଇ ଭାସ୍କର ସାହୁ, ସୀତାରାମ ସାହୁ ଓ ସୁଶାନ୍ତ କୁମାର ବେହେରାଙ୍କୁ ଆକ୍ରମଣକାରୀମାନେ ଗଛଡାଳ ଭାଙ୍ଗି ଗୋଡ଼ାଇ ଗୋଡ଼ାଇ ପିଟିଥିବା ଅଭିଯୋଗ ହୋଇଛି। ଆହତମାନେ ଛତ୍ରପୁର ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଏହି ଘଟଣାରେ ସ୍ଥାନୀୟ ପୋଲିସ ୨ ଜଣଙ୍କୁ ଅଟକ ରଖିଛି।

ପ୍ରକାଶ ଯେ, ମାଳିଜଗନ୍ନାଥପୁର ଗ୍ରାମ ନିକଟ ଋଷିକୁଲ୍ୟା ନଦୀ ନିକଟରୁ ଦୈନନ୍ଦିନ ବେଆଇନ ବାଲି ଚୋରା ଚାଲାଣ ହେଉଥିଲା। ରବିବାର ଭୋର ୩ଟାରେ ସେଠାରେ ପୁଣି ବେଆଇନ ଭାବେ ବାଲି ଚାଲାଣ ହେଉଥିବା ତହସିଲ ପକ୍ଷରୁ ଖବର ପାଇ ଗଞ୍ଜାମ ଅତିରିକ୍ତ ତହସିଲଦାର ଏବଂ ହୁମା, ବଡ଼ ରାମଚନ୍ଦ୍ରପୁର ଓ ବୁରୁଡ଼ି ଆର୍‌ଆଇ ଉକ୍ତ ସ୍ଥାନରେ ପହଞ୍ଚି ଚଢ଼ାଉ କରିବା ବେଳେ ୪ଜଣ ବାଲି ମାଫିଆ ହଠାତ୍ ସେମାନଙ୍କୁ ଆକ୍ରମଣ କରିଥିଲେ। ଏପରି କି ପିସ୍ତଲ ଦେଖାଇ ଭୟଭୀତ କରିବା ସହ ମୁଦି, ସୁନାଚେନ, ମୋବାଇଲ ଫୋନ, ପର୍ସ ଛଡ଼େଇ ନେଇଯାଇଥିଲେ। ଜୀବନ ବଞ୍ଚେଇବାକୁ ଯାଇ ଭୟରେ ସେଠାରୁ ପଳେଇ ଆସି ସେମାନେ ତହସିଲଦାର ଓ ପୋଲିସକୁ ଜଣାଇଥିଲେ। ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ, ଆଇଆଇସି ସ୍ୱରୂପ କିଷାନ ଆହତମାନଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ତହସିଲ ଅଫିସ ପକ୍ଷରୁ ଗଞ୍ଜାମ ଥାନାରେ ନଂ. ୬୯/୨୨ରେ ମାମଲା ରୁଜୁ କରାଯାଇଛି। କିଛି ଅଭିଯୁକ୍ତ ଚିହ୍ନଟ ହୋଇଛନ୍ତି। ଶୀଘ୍ର ସେମାନଙ୍କୁ ଧରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗଞ୍ଜାମ ପୋଲିସ କହିଛି। ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତ କଲ୍ୟାଣପୁର ଗ୍ରାମର ଆର୍. ସୁନୀଲ ରେଡ୍ଡୀ ଚିହ୍ନଟ ହୋଇଥିବା ଗଞ୍ଜାମ ଆର୍‌ଆଇ ରବୀନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।




ଆହତ ଅତିରିକ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ।

# ଗୁଣି ସନ୍ଦେହରେ ଦମ୍ପତିଙ୍କୁ ଅଖାଦ୍ୟ ଖୁଆଇଲେ

**ଫୁଲବାଣୀ ଅଫିସ, ୮।୫**

କନ୍ଧମାଳ ଜିଲା ସାରଙ୍ଗଗଡ଼ ଥାନା ଅଞ୍ଚଳରେ ଗୁଣି ଗାରେଡ଼ି ସନ୍ଦେହ କରି ଏକ ବୃଦ୍ଧ ଦମ୍ପତିଙ୍କୁ ଲୋକେ ଅଖାଦ୍ୟ ଖୁଆଇଛନ୍ତି। ସେମାନେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଲୁହା ଛଡ଼ରେ ମାଡ଼ ମରାଯିବାରୁ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ଗୁରୁତର ଅବସ୍ଥାରେ ବୃଦ୍ଧଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଦମ୍ପତିଙ୍କ ପୁଅଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଦୁଇଦିନ ତଳେ ସାରଙ୍ଗଗଡ଼ ଅଞ୍ଚଳର ବୃଦ୍ଧ ଜଣଙ୍କ କୌଣସି କାମରେ ନିକଟସ୍ଥ ବଜାରକୁ ଯାଇଥିଲେ। ରାତିରେ ସେ ଘରକୁ ଫେରିବା ବେଳେ ବିଦ୍ୟୁତ୍ ଚାଲିଯାଇଥିଲା। ଅନ୍ଧାରରେ ଜାଣି ନ ପାରି ବୃଦ୍ଧଜଣଙ୍କ ପଡ଼ୋଶୀଙ୍କ ଘର ବାରଣ୍ଡାକୁ ଚାଲି ଯାଇଥିଲେ। ଏହାଦେଖି ସମ୍ପୃକ୍ତ ଘରର ଲୋକେ କାହିଁକି ଏଠାକୁ ଆସିଛୁ, କାହାକୁ ଗୁଣି କରିବୁ କହି ହଠାତ୍ ଆକ୍ରମଣ କରିଥିଲେ। ସାହିର ଅନ୍ୟମାନେ ମଧ୍ୟ ବୃଦ୍ଧଙ୍କୁ ଘେରିଯିବା ସହ ଛଡ଼ରେ ବାଡ଼େଇବା ଆରମ୍ଭ କରି ଦେଇଥିଲେ। ଦାଣ୍ଡରେ ଥିବା ନାତୁଣୀ ଏହା ଦେଖି ଘରକୁ ଆସି ଜଣାଇବା ପରେ ବୃଦ୍ଧଙ୍କ ସ୍ତ୍ରୀ ସେଠାକୁ ଯାଇଥିଲେ। ଲୋକେ ତାଙ୍କୁ ମଧ୍ୟ ଅଟକାଇଥିଲେ। ଏହାପରେ ଏକ ପାତ୍ରରେ ପାଣି ଆଣି ସେଥିରେ ଅଖାଦ୍ୟ ମିଶାଇ ଦମ୍ପତିଙ୍କୁ ଜୋର ଜବରଦସ୍ତ ୨/୩ ଥର ପିଆଇଥିଲେ। ଏଭଳି ଅମାନବୀୟ କାର୍ଯ୍ୟ ଓ ଯନ୍ତ୍ରଣାରେ ଛଟପଟ ହେଉଥିବା ବୃଦ୍ଧଙ୍କୁ ଦେଖି କେହିଜଣେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିଛି ସମୟ ପରେ ଆମ୍ବୁଲାନ୍ସ ପହଞ୍ଚି ବୃଦ୍ଧ ଦମ୍ପତିଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ସେଠାରେ ବର୍ତ୍ତମାନ ସୁଦ୍ଧା ବୃଦ୍ଧଜଣଙ୍କ ଚିକିତ୍ସିତ ହେଉଛନ୍ତି। ତାଙ୍କ ଗୋଡ ଭାଙ୍ଗିଛି। ଦମ୍ପତି ଏବେ ବି ଭୟଭୀତ ଅବସ୍ଥାରେ ଅଛନ୍ତି। ଗାଁକୁ ଫେରିଲେ ମାରି ଦିଆଯିବ ବୋଲି ଧମକ ମିଳୁଥିବା ଦମ୍ପତି ଏବଂ ତାଙ୍କ ପୁଅ ପ୍ରକାଶ କରିଛନ୍ତି। ଏ ନେଇ ସାରଙ୍ଗଗଡ ଥାନାଧିକାରୀ ବଧୂଲିକା ବିଶ୍ୱାଳଙ୍କୁ ପଚରିବାରେ, ଏହି ଘଟଣା ନେଇ ଅଭିଯୋଗକ୍ରମେ ନଂ.୪୦/୨୨ରେ ମାମଲା ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

**ଆକ୍ରମଣରେ ବୃଦ୍ଧ ଗୁରୁତର**




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆୟୁଷ
ପରିବାରବର୍ଗ


ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳସ ପଣରେ ତୋଟାକୁ ନ ଗଲି**
**ଆମ୍ବ ଖାଇଗଲା ଭାଲୁ**
**ଅଳସ ପଣରେ ଓଷଦ ନ ଦେଲି**
**ପିଠି ଯାଦୁ କଲା ଗଲୁ।**

ଅଳସୁଆ ସବୁବେଳେ ଦୁଃଖପାଏ। ଏହା ଜାଣି ମଧ୍ୟ କିଛି ବ୍ୟକ୍ତି ଆଳସ୍ୟର ବଶବର୍ତ୍ତୀ ହୋଇ ସୌଭାଗ୍ୟ ପରିବର୍ତ୍ତେ ଦୁର୍ଭାଗ୍ୟକୁ ଆଦରି ନେଇଥାନ୍ତି। ଆଳସ୍ୟ ସର୍ବଦା କ୍ଷତିକାରକ, ଏଣୁ ଏହା ବର୍ଜନୀୟ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଣ୍ଟା ଭଙ୍ଗା ଗୁଆକାତି**
**ପାଖରେ ବସାଇ ପାନ ଖୁଆନ୍ତି**
**ନୁହଁନ୍ତି ଆପଣା ଜାତି।**

ଜଣଙ୍କର ଅନ୍ୟ ଜଣଙ୍କ ପ୍ରତି ଭଲପାଇବା ନେଇ ପରିପ୍ରକାଶ। ବେଳେବେଳେ ଅଜ୍ଞାତ ବ୍ୟକ୍ତିକୁ ପାଖରେ ବସାଇ ଭାବନା ସୃଷ୍ଟିକରି ନିଜର କରିବାକୁ ଇଚ୍ଛାହୁଏ। କିନ୍ତୁ ସେ ନିଜ ଜାତି ବା ପରିଚିତର ହୋଇ ନ ଥିବାରୁ କିଛି ସାମାଜିକ ଅନ୍ତରାୟ ରହିଯାଇଥାଏ। ଏହାକୁ ସେ ଅତିକ୍ରମ କରି ପାରୁ ନ ଥାଏ କି ତାକୁ ଛାଡି ରହିପାରୁ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

# ଇଚ୍ଛାମୃତ୍ୟୁ ପାଇଁ ନିବେଦନ କଲେ ପିହୁଙ୍କ ମା'

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ

ବରୀ,୮।୫(ଡି.ଏନ୍.ଏ.) : ଯାଜପୁର ଜିଲା ବରୀ ବ୍ଲକ ବିଞ୍ଝାରପୁର ଥାନା ଅଧୀନ ମଧୁସୂଦନପୁର ଗ୍ରାମର ପିହୁ ନାମ୍ନୀ ଜଣେ ୨ ବର୍ଷର ଶିଶୁ ୨୦୨୦ ଅଗଷ୍ଟ ୯ରେ ଗାଁ ଦାଣ୍ଡରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଅପହରଣ କରାଯାଇଥିବା ନେଇ ପିହୁଙ୍କ ମା' ମୋନାଲିସା ନାୟକ ବିଞ୍ଝାରପୁର ଥାନାରେ ଉକ୍ତ ଦିନ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ନ ଥିଲା। ବାରମ୍ବାର ଥାନାକୁ ଦୌଡ଼ିବା ପରେ ଅଗଷ୍ଟ ୧୪ରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଚୁପ୍ ବସି ପଡ଼ିଥିଲା। ଏହାପରେ ମୋନାଲିସା ନ୍ୟାୟ ପାଇଁ ଯାଜପୁର ଏସ୍‌ପି, ଜିଲାପାଳ, ପୋଲିସ ଡିଜି, ରାଜ୍ୟ ମହିଳା ଓ ଶିଶୁ ଆୟୋଗ, ରାଜ୍ୟପାଳଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପିହୁଙ୍କ ଅସ୍ତିତ୍ୱ ଜଣାପଡ଼ିନାହିଁ। ବିଞ୍ଝାରପୁର ପୋଲିସ ନ୍ୟାୟ ଦେବା ବଦଳରେ ମୋନାଲିସା ଓ ତାଙ୍କ ପରିବାର ଲୋକଙ୍କୁ ବାରମ୍ବାର ଥାନାକୁ ଡାକି ମାନସିକ ନିର୍ଯାତନା ଦେଉଛି। ଏନେଇ ଅଭିଯୋଗ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ତେଣୁ ସିବିଆଇ ଦ୍ୱାରା ପିହୁ ନିଖୋଜ ଘଟଣାର ତଦନ୍ତ କରାଯାଉ ନଚେତ ତାଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦିଆଯାଉ ବୋଲି ମୋନାଲିସା ରବିବାର ମାତୃଦିବସରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି। ଉକ୍ତ ଚିଠିର ନକଲ ରାଷ୍ଟ୍ରପତି, ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି, ଓଡ଼ିଶା ରାଜ୍ୟପାଳ ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟକୁ ସେ ପଠାଇଛନ୍ତି।

# ନିର୍ବାଚନ ପ୍ରତିଶ୍ରୁତି କେତେ ପାଳିଛ ରିପୋର୍ଟ ଦିଅ

## ବିଭିନ୍ନ ବିଭାଗକୁ ଚିଠି କଲେ ରାଜ୍ୟ ସରକାର

**ଭୁବନେଶ୍ୱର,୮।୫(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ ଶାସକ ବିଜେଡି ରାଜ୍ୟବାସୀଙ୍କୁ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି(ଇସ୍ତାହାର)କିଭଳି କାର୍ଯ୍ୟକାରୀ ହୋଇଛି ତା'ର ରିପୋର୍ଟ ଦେଖାଯିବ। ଏହାଛଡ଼ା ସେସବୁ କାର୍ଯ୍ୟକାରୀ କରିବା ଦିଗରେ ବିଭିନ୍ନ ବିଭାଗ ଗତ ୩ ବର୍ଷ ମଧ୍ୟରେ କ'ଣ ସବୁ ପଦକ୍ଷେପ ନେଇଛନ୍ତି ସେନେଇ ରିପୋର୍ଟ ଦେବା ପାଇଁ ରାଜ୍ୟ ସରକାର ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର କ୍ରମାଗତ ୫ମ ଥର ଶପଥ ନେବା ଦିନ ହିଁ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଡାକି ୨୦୧୯ ସାଧାରଣ ନିର୍ବାଚନରେ ଦଳ ଦେଇଥିବା ନିର୍ବାଚନୀ ଇସ୍ତାହାର ଉପରେ ମୋହର ମାରିଥିଲେ। ମେ ୨୯ରେ ବିଜେଡି ସରକାରର ୫ମ ପାଳିର ୩ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ୨୦୧୯ ମେ'ରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ନିର୍ବାଚନୀ ଇସ୍ତାହାରକୁ କାର୍ଯ୍ୟକାରୀ କରିବା ଦିଗରେ ବିଭାଗଗୁଡ଼ିକ କି ପଦକ୍ଷେପ ନେଇଛନ୍ତି ଏବଂ ବର୍ତ୍ତମାନର ସ୍ଥିତି କ'ଣ ତାହା ଜଣାଇବା ଲାଗି ମଧ୍ୟ କୁହାଯାଇଛି।

ରାଜ୍ୟ ସରକାରଙ୍କ ତରଫରୁ ୧୯ଟି ପ୍ରମୁଖ ବିଭାଗକୁ ଦିଆଯାଇଥିବା ଚିଠିରୁ ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ୫ମ ପାଳି ସରକାରର ୩ ବର୍ଷ ପୂର୍ତ୍ତି ଅବସରରେ ଇସ୍ତାହାର ପୂରଣ କେତେ ମାତ୍ରାରେ ହୋଇଛି ତା'ର ସମୀକ୍ଷା କରିବେ। ଏନେଇ ସବୁ ବିଭାଗ ମେ ୭ ତାରିଖ ସୁଦ୍ଧା ଜଣାଇବାକୁ ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତବର୍ଷ ମେ ୨୯ ତାରିଖରେ ସରକାର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ମନ୍ତ୍ରୀ ପରିଷଦରେ ପାରିତ ସଂକଳ୍ପ ଅନୁସାରେ ବିପର୍ଯ୍ୟୟ ଓ ମହାମାରୀ ପରିଚାଳନାକୁ ସ୍କୁଲ ଓ କଲେଜ ପାଠ୍ୟକ୍ରମ ସାମିଲ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାସହ ବିପର୍ଯ୍ୟୟ ମୁକାବିଲା ଦିଗରେ ରାଜ୍ୟରେ ପ୍ରତ୍ୟେକଙ୍କୁ ଜଣେ ଲେଖାଏ ଯୋଦ୍ଧା ଭାବେ ବିକଶିତ କରିବାକୁ ଏହି ସଂକଳ୍ପରେ ପାରିତ ହୋଇଥିଲା। ଏଥିଲାଗି ଏକ ଟାସ୍କଫୋର୍ସ ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହି ସଂକଳ୍ପର ମୁଖ୍ୟ ଲକ୍ଷ୍ୟ ଥିଲା, ରାଜ୍ୟର ପ୍ରତ୍ୟେକ ଘରେ ଜଣେ ଲେଖାଏ ଯୋଦ୍ଧା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ସଂକଳ୍ପ କାର୍ଯ୍ୟକାରୀ କରିବାରେ ବିଭାଗଗୁଡ଼ିକ ନେଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ମଧ୍ୟ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ କୁହାଯାଇଛି।

## ରଜତ କରଙ୍କ ...

ଶରୀରକୁ ଭୁବନେଶ୍ୱର ଆଇଆର୍‌ସି ଭିଲେଜସ୍ଥିତ ବାସଭବନକୁ ଅଣାଯିବ। ଝିଅ ବେଙ୍ଗାଲୁରୁରୁ ଆସିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ରଜତ କୁମାର କରଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକପ୍ରକାଶ କରିଛନ୍ତି। ରାଜ୍ୟପାଳ ଟୁଇଟ୍ କରି ସ୍ୱର୍ଗତ କର ନିଜର ଅନନ୍ୟ ବାଗ୍ମିତା, ପାଣ୍ଡିତ୍ୟ ଓ ସୃଜନ କୃତି ପାଇଁ ଚିରସ୍ମରଣୀୟ ରହିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଏକ ଶୋକବାର୍ତ୍ତାରେ କହିଛନ୍ତି, ସ୍ୱର୍ଗତ ରଜତ କର ଓଡ଼ିଆ ସାରସ୍ୱତ ଜଗତକୁ ବହୁ ଭାବରେ ସମୃଦ୍ଧ କରିଯାଇଛନ୍ତି। ଭଞ୍ଜ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ଓଡ଼ିଆ ସଂସ୍କୃତି ଓ ପରମ୍ପରା ବିଶେଷକରି ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ ତାଙ୍କର ଅବଦାନ ପାଇଁ ସେ ସବୁବେଳେ ସ୍ମରଣୀୟ ହୋଇ ରହିବେ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ତାଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନ୍ତ୍ରୀ ପ୍ରତାପ ଜେନା, ଅଶୋକ ଚନ୍ଦ୍ର ପଣ୍ଡା, ରଘୁନନ୍ଦନ ଦାସ, ସମୀର ରଞ୍ଜନ ଦାଶ, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ପ୍ରମୁଖ ଶୋକପ୍ରକାଶ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ସଚିବ ପ୍ରବୋଧ ରାଉତ ମଧ୍ୟ ଶୋକପ୍ରକାଶ କରିଛନ୍ତି। ୧୯୩୪ ଅକ୍ଟୋବର ୨ରେ କଟକ ଜିଲା ମାହାଙ୍ଗା ଗ୍ରାମରେ ରଜତ ଜନ୍ମଗ୍ରହଣ କରିଥିଲେ। ସେ ରେଭେନ୍‌ଶା କଲିଜିଏଟ୍ ସ୍କୁଲର ଛାତ୍ର ଥିଲେ ଏବଂ ପରେ ଅର୍ଥନୀତିରେ ଡିଗ୍ରୀ କରିଥିଲେ। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶକ ଭାବେ ଚାକିରିରୁ ଅବସର ନେଇଥିଲେ। ଭଞ୍ଜ ସାହିତ୍ୟକୁ ଲୋକପ୍ରିୟ କରିବା ପାଇଁ ସେ ନିରନ୍ତର ଭାବେ କାର୍ଯ୍ୟରତ ଥିଲେ। ସେ ବହୁ ନାଟକ, କବିତା ଓ ପ୍ରବନ୍ଧ ପୁସ୍ତକ ରଚନା କରିଯାଇଛନ୍ତି। ଏଥିସହ ସେ ଆକାଶବାଣୀ ଓ ବିଭିନ୍ନ ଟେଲିଭିଜନ ଚ୍ୟାନେଲରେ ରଥଯାତ୍ରାର ଧାରା ବିବରଣୀ ଦେଇ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ଦୀର୍ଘ ୬୦ ବର୍ଷ ଧରି ସେ ବିଭିନ୍ନ ଟିଭି ଓ ରେଡିଓରେ ଜଗନ୍ନାଥ ସଂସ୍କୃତି ବିଷୟରେ ସମସ୍ତଙ୍କୁ ଅବଗତ କରାଉଥିଲେ। ଉଭୟ ଓଡ଼ିଆ ଓ ଇଂଲିଶ ଭାଷାର ଜଣେ ସୁବକ୍ତା ଭାବେ ତାଙ୍କର ଖ୍ୟାତି ରହିଛି। ସେ ପ୍ରାୟ ୭ଟି ନନ୍ ଫିକ୍ସନ ବହି ଓ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଅନେକ ପୁସ୍ତକ ରଚନା କରିଥିଲେ। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୧ରେ ତାଙ୍କୁ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା। ଏଥି ସହିତ ସେ ଅନେକ ପୁରସ୍କାର ପାଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସହିତ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧନା, ଗୋଦାବରୀଶ ମିଶ୍ର ସମ୍ମାନ ଆଦି ପାଇଛନ୍ତି। ତାଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ, ସଂସ୍କୃତି ଓ ଶିକ୍ଷା ଜଗତ ସମେତ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

### ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ

ଶୁକ୍ରବାର ରଜତ କର ଫୋନ୍ କରି ଏକ କାର୍ଯ୍ୟକ୍ରମ ସମ୍ପର୍କରେ ମୋ ସହ କଥା ହୋଇଥିଲେ। ହଠାତ୍ ତାଙ୍କ ଦେହାନ୍ତ ଖବର ଶୁଣି ଆଶ୍ଚର୍ଯ୍ୟ ଲାଗୁଛି। ଆମେ ଦୁହେଁ ଘନିଷ୍ଠ ଥିଲୁ। ଆମ ଭିତରେ ଘରୋଇ ସମ୍ପର୍କ ଥିଲା। ରଜତ ବହୁ ରାଗୀ ଥିଲେ ସତ, ମାତ୍ର ତାହାକୁ ସେ ଗଭୀର ଭାବେ ନେଉ ନ ଥିଲେ। ଜଗନ୍ନାଥ ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡିତ ଥିଲେ। ରଥଯାତ୍ରା କାର୍ଯ୍ୟକ୍ରମରେ ତାଙ୍କ ସହ ମୋର ସବୁବେଳେ ସାକ୍ଷାତ୍ ହୁଏ। ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।

**-ନୀଳାଦ୍ରିମୋହନ ଶତପଥୀ, ସଭାପତି, ଭୁବନେଶ୍ୱର ଭଞ୍ଜଭାରତୀ**

### ସାହିତ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତିରେ ଅପୂରଣୀୟ କ୍ଷତି

ରଜତଙ୍କ ସହ ମୁଁ ଅତ୍ୟନ୍ତ ଘନିଷ୍ଠ ଭାବେ ଜଡିତ ଥିଲି। ଚାକିରି ସମୟରେ ତାଙ୍କ ସହିତ ମିଶିବାର ସୁଯୋଗ ପାଇଥିଲି। ଏହାବାଦ୍ ସାହିତ୍ୟିକ ଭାବେ ମଧ୍ୟ ତାଙ୍କୁ ଜାଣିଥିଲି। ଅନ୍ୟକୁ ପ୍ରଶଂସା କରିବା, ସେବା କରିବା ତାଙ୍କର ଭଲ ଗୁଣ ଥିଲା। ତାଙ୍କ ଗଳାରେ ସରସ୍ୱତୀ ବିଦ୍ୟମାନ ଥିଲେ। ସେଭଳି ବ୍ୟକ୍ତିତ୍ୱ ପାଇବା କଷ୍ଟକର। ରଜତଙ୍କ ବିୟୋଗରେ ସାହିତ୍ୟ ସହିତ ଶ୍ରୀଜଗନ୍ନାଥ ସଂସ୍କୃତିରେ ମଧ୍ୟ ଅପୂରଣୀୟ କ୍ଷତି ଘଟିଲା।

**-ପ୍ରତିଭା ରାୟ, ସାହିତ୍ୟିକା**

## ପ୍ରଥମ ପୃଷ୍ଠାରୁ...

### ରଜତ ଯୁଗର ଅବସାନ ଘଟିଲା

ଆମ ସାହିତ୍ୟ ଓ ସଂସ୍କୃତି ପାଇଁ ଏକ ବଡ଼ ଦୁଃଖଦ ଦିନ। ଭଞ୍ଜୀୟ ଆନ୍ଦୋଳନରେ ରଜତ ଯୁଗର ଅବସାନ ଘଟିଲା। ସେ ମୋ ପିତାଙ୍କ ବନ୍ଧୁ ଥିଲେ। ତେଣୁ ତାଙ୍କ ସହିତ ମୋର ସମ୍ପର୍କ ଅତ୍ୟନ୍ତ ଗଭୀର। ରଥଯାତ୍ରାରେ ଆମେ ଦୁହେଁ ମିଶି ଧାରା ବିବରଣୀ ଦେଉଥିଲୁ। ସେ ସମୟର ସ୍ମୃତି ମୋ ଆଖି ଆଗରେ ନାଚି ଯାଉଛି। ତାଙ୍କର ଯେଉଁ ବ୍ୟକ୍ତିତ୍ୱ ଓ ପାଣ୍ଡିତ୍ୟ ଥିଲା, ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ। ସେ ଏକାଧାରରେ ଜଣେ ସାହିତ୍ୟିକ, ଶିକ୍ଷାବିତ୍, ବାଗ୍ମୀ, ଗବେଷକ, ନାଟ୍ୟକାର ଏବଂ ରଥଯାତ୍ରାର ସମୃଦ୍ଧ ଘୋଷକ ଥିଲେ। ତାଙ୍କର ଆବର୍ତ୍ତମାନ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତାଙ୍କର ଧାରାକୁ ଆଗାମୀ ଦିନରେ ଅବ୍ୟାହତ ରଖିବା ଆମର ସଂକଳ୍ପ ହେବା ଦରକାର।

**-କୃଷ୍ଣ କେଶବ ଷଡ଼ଙ୍ଗୀ, ସଂସ୍କୃତି ସାହିତ୍ୟ ଗବେଷକ**

### ବିୟୋଗ ଖବର ଶୁଣି ଅତ୍ୟନ୍ତ ମର୍ମାହତ

ରଜତ କରଙ୍କୁ ବହୁଦିନରୁ ଜାଣିଥିଲି। ସେ ବହୁ ସମୟରେ ମୋ ସହ କାମ କରିଛନ୍ତି। ସାହିତ୍ୟ ସମ୍ପାଦନାଠାରୁ ଆରମ୍ଭ କରି ଅନେକ କାମ ଆମେ ମିଶିକି କରିଛୁ। ସେ ଚାଲିଯିବା ଖବର ଶୁଣି ମୁଁ ଅତ୍ୟନ୍ତ ମର୍ମାହତ। ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି।

**-ଶିତିକଣ୍ଠ ମହାପାତ୍ର, ସାହିତ୍ୟିକ**

## ପୁରୀରୁ ୯୦ କିମି ଦୂରରେ...

ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଦିଆଯାଇଛି।

ଏପଟେ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ୪ ବନ୍ଦର ପାଇଁ ୧ ନମ୍ବର ବିପଦ ସଙ୍କେତ ଜାରି କରିଛନ୍ତି ରାଜ୍ୟ ସରକାର। ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ ଜେନା। ଏଥିସହ ସ୍ଥାନାନ୍ତର ଓ ଉଦ୍ଧାର କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ଆର୍‌ସି। ବିଶେଷକରି ଗଞ୍ଜାମ ଜିଲାର ରଙ୍ଗେଇଲୁଣ୍ଡା, ଚିକିଟି, ଗଞ୍ଜାମ ଓ ଛତ୍ରପୁର ବ୍ଲକ, ପୁରୀ ଜିଲାର କୃଷ୍ଣପ୍ରସାଦ, ବ୍ରହ୍ମଗିରି, ପୁରୀ ସଦର, ଗୋପ, କାକଟପୁର ଓ ଅସ୍ତରଙ୍ଗ, ଜଗତ୍‌ସିଂହପୁରର ବାଲିକୁଦା, ଏରସମା, କୁଜଙ୍ଗ, କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ଏବଂ ରାଜନଗର ବ୍ଲକର ତଳିଆ ଅଞ୍ଚଳରେ ମାଟିଘର ଓ କୁଡ଼ିଆ ଘରେ ବାସ କରୁଥିବା ଜନସାଧାରଣଙ୍କୁ ୧୦ ତାରିଖ ଅପରାହ୍ନ ସୁଦ୍ଧା ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ। ସେହିପରି ଆଗାମୀ ୧୫ ଦିନ ମଧ୍ୟରେ ପ୍ରସବ କରିବାକୁ ଥିବା ଗର୍ଭବତୀଙ୍କୁ ନିକଟ ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର ସହ ସେମାନଙ୍କର ସମସ୍ତ ପ୍ରକାର ଯତ୍ନ ନିଆଯିବ। ୯ ତାରିଖ ସକାଳ ସୁଦ୍ଧା ୬ଟି ଓଡ୍ରାଫ ଟିମକୁ ପୁରୀ ଓ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ, ଗଞ୍ଜାମ, ଭଦ୍ରକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ମୁତୟନ କରାଯିବ। ସେହିଭଳି ବାତ୍ୟା ସମୟରେ ହେବାକୁ ଥିବା ବର୍ଷା ଦ୍ୱାରା ତଳିଆ ଅଞ୍ଚଳ ଜଳମଗ୍ନ ହେବାର ସମ୍ଭାବନା ରହିଛି। ତୁରନ୍ତ ଜଳନିଷ୍କାସନ ପାଇଁ ଆଗୁଆ ପଦକ୍ଷେପ ନେବାକୁ ୧୮ ଜିଲାର ଜିଲାପାଳ, ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମ ଉନ୍ନୟନ, ଜଳସମ୍ପଦ, ନଗର ଉନ୍ନୟନ, ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମସ୍ତ ମାନବସମ୍ବଳ ଓ ମେଶିନ ସଜାଗ ରଖିବା ପାଇଁ କୁହାଯାଇଛି। ଆବଶ୍ୟକ ସ୍ଥଳେ ଏସ୍‌ଆରସିଙ୍କ ନିର୍ଦ୍ଦେଶମତେ ସେମାନଙ୍କୁ ନିୟୋଜନ କରାଯିବ। ସେହିପରି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ତରଫରୁ ସମସ୍ତ ଜିଲା ଓ ତତ୍‌ସଂଲଗ୍ନ ଅଫିସଗୁଡ଼ିକୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ମାର୍ଗଦର୍ଶିକା ବିଷୟରେ ଅବଗତ କରିବା ସହ ବାତ୍ୟାଜନିତ ପୂର୍ବ ଓ ପରବର୍ତ୍ତୀ ସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ଜଣେ ବରିଷ୍ଠ ଅଧିକାରୀ ନୋଡାଲ ଅଫିସର ଭାବେ ଏସ୍‌ଆରସିଙ୍କ ଅଫିସ ସହ ନିରନ୍ତର ସଂଯୋଗରେ ରହିବେ। ଆବଶ୍ୟକ ପଶୁ ଔଷଧ ବିଭିନ୍ନ ପ୍ରାଣୀ ଚିକିତ୍ସାଳୟରେ ମହଜୁଦ ରଖାଯିବ। ପଶୁ ଆହାର ଯୋଗାଣକାରୀଙ୍କର ଏକ ତାଲିକା ପ୍ରସ୍ତୁତ କରିବାକୁ ମଧ୍ୟ କୁହାଯାଇଛି।

## ୟୁକ୍ରେନ୍ ସ୍କୁଲ୍ ଉପରେ ...

ମସ୍କୋ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଧ୍ୱଂସପ୍ରାପ୍ତ ବନ୍ଦର ସହର ମାରିଉପୋଲ୍‌ର ଏକ ଷ୍ଟିଲ୍ ପ୍ଲାଣ୍ଟରୁ ଅନେକ ନାଗରିକଙ୍କୁ ଉଦ୍ଧାର କରାଯାଇଛି। ଆଜୋଭ୍‌ଷ୍ଟାଲ ଷ୍ଟିଲ୍‌ୱାର୍କସ୍‌ରୁ ୩୦୦ରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଉଦ୍ଧାର କରାଯାଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି କହିଛନ୍ତି। ଅନ୍ୟପକ୍ଷରେ ପ୍ଲାଣ୍ଟରୁ ୧୭୬ ଜଣ ନାଗରିକଙ୍କୁ ଉଦ୍ଧାର କରାଯାଇଥିବା ରୁଷିଆ ସମର୍ଥିତ ବିଚ୍ଛିନ୍ନତାବାଦୀ ସଂଗଠନ ପକ୍ଷରୁ କୁହାଯାଇଛି। ମାରିଉପୋଲ୍ ସହର ଏବେ ରୁଷିଆ ନିୟନ୍ତ୍ରଣକୁ ଆସିଯାଇଥିବାବେଳେ ଅନେକ ନାଗରିକ ଅଣ୍ଡରଗ୍ରାଉଣ୍ଡ ଆଶ୍ରୟସ୍ଥଳରେ ଶରଣ ନେଇଥିଲେ। ରୁଷିଆ ସୋମବାର ବିଜୟ ଦିବସ ପାଳିବାକୁ ଯାଉଥିବାବେଳେ ୟୁକ୍ରେନ୍ ଉପରେ ଜୋର୍‌ଦାର ଆକ୍ରମଣ କରିପାରେ ବୋଲି ଆଶଙ୍କା କରାଯାଉଛି। ନାଜି ଜର୍ମାନୀ ଉପରେ ସୋଭିଏଟ୍ ୟୁନିୟନର ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଜୟକୁ ପାଳନ କରିବା ଲାଗି ସୋମବାର ଛୁଟି ଘୋଷଣା କରାଯାଇଛି। ଏହି ସମୟରେ ରୁଷିଆ ଆକ୍ରମଣର ମୁକାବିଲା ଲାଗି ୟୁକ୍ରେନ୍‌ର ସହରଗୁଡ଼ିକ ପ୍ରସ୍ତୁତ ହୋଇ ରହିଛନ୍ତି। ଅନ୍ୟପକ୍ଷରେ କୃଷ୍ଣସାଗରର ସ୍ନେକ୍ ଆଇଲାଣ୍ଡ ନିକଟରେ ରୁଷିଆର ଏକ ଜାହାଜ ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣରେ ଧ୍ୱଂସ ହୋଇଥିବା କିଭ୍ ପ୍ରତିରକ୍ଷା ବିଭାଗ ପକ୍ଷରୁ ଦାବି କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ର ଭାଇ, ବନ୍ଧୁ କିମ୍ବା ଆତ୍ମୀୟଙ୍କ ସାହାଯ୍ୟରୁ ଅର୍ଥ ପାଇବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ଆଜି ବିବାଦୀୟ ଘଟଣାରେ କୌଣସି ନିର୍ଦ୍ଦିଷ୍ଟ ପକ୍ଷକୁ ସମର୍ଥନ କରିବା ଠିକ୍ ହେବ ନାହିଁ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**
ମୃଗଶିରା ନକ୍ଷତ୍ର ଗତକାଲିଠାରୁ ସ୍ଥିର କରିଥିବା ଯାତ୍ରା ପ୍ରୀତିପ୍ରଦ ରହିବ। କିନ୍ତୁ ବୁଝାମଣା ଅଭାବରୁ ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଘଟିପାରେ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାକୁ ପଡିପାରେ। ବନ୍ଧୁମିଳନ, ଆନୁଷ୍ଠାନିକ କ୍ଷେତ୍ର କିମ୍ବା ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମିଥୁନ**
ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ଆର୍ଦ୍ରା ନକ୍ଷତ୍ର ଚେଷ୍ଟା କରି ମଧ୍ୟ ପାଇ ନ ଥିବା ପ୍ରାପ୍ୟଧନ ଆଜି ସନ୍ଧ୍ୟାରେ ପାଇବେ। ସମ୍ପର୍କୀୟ ବ୍ୟକ୍ତିମାନଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ରହିବ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ**
ପୁଷ୍ୟା ନକ୍ଷତ୍ରର ସାମଗ୍ରିକ ଦୃଷ୍ଟିକୋଣରୁ ଆଜି ଦିନଟି ଭଲରେ ଅତିବାହିତ ହେବ। ଆପଣଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରି ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ,କିନ୍ତୁ ସହଜ ଓ ସୁବିଧାରେ ନୁହେଁ। କଚେରି ମାମଲା, ଜମିଜମା ସମ୍ପର୍କିତ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ସିଂହ**
ମଘା ନକ୍ଷତ୍ରର ପ୍ରତିବନ୍ଧକ ଓ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ହେତୁ ମନ ଭଲ ରହିବ ନାହିଁ। ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ସାମାଜିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନି।

**କନ୍ୟା**
ପ୍ରତ୍ୟେକ କାମ ସମସ୍ୟା ବିଜଡିତ ସାଙ୍ଗକୁ ବିଳମ୍ବରେ ହେଉଥିବାରୁ ବ୍ୟସ୍ତତା ବଢ଼ିଯିବ। ହସ୍ତା ନକ୍ଷତ୍ର ବନ୍ଧୁଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଦ୍ୱନ୍ଦ୍ୱ ଲାଗିଯାଇପାରେ। ଦୀର୍ଘ ଦିନରୁ ସାଧାରଣ କଥାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଯାତ୍ରା, ବାଣିଜ୍ୟ, ନିର୍ମାଣ, ପ୍ରଶାସନ ଓ ଆଇନ ଅଦାଲତରେ ବ୍ୟସ୍ତ ରହିବେ।

**ତୁଳା**
କିଛି କହିବା ଅପେକ୍ଷା ଆଜି ଦିନଟିରେ ପରିସ୍ଥିତିକୁ ଦେଖି ନୀରବଦ୍ରଷ୍ଟା ସାଜି ପାରନ୍ତି। ହସ୍ତା ନକ୍ଷତ୍ର ସକାଶେ ଆଜି ବନ୍ଧୁମାନଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ସ୍ୱାସ୍ଥ୍ୟ ଓ କାର୍ଯ୍ୟହାନି ଘଟିବା କାରଣରୁ ଟେନ୍ସନ ବୃଦ୍ଧି ପାଇବ।

**ବିଛା**
କର୍ମକ୍ଷେତ୍ରର ଚାପ ବୃଦ୍ଧି ପାଇବା କାରଣରୁ ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଅନୁରାଧା ନକ୍ଷତ୍ର ବନ୍ଧୁଙ୍କ ପରାମର୍ଶାନୁଯାୟୀ ବିବାଦୀୟ ଘଟଣାରୁ ଦୂରେଇ ରହିବା ଭଲ ହେବ। ଉଚ୍ଚ ପଦାଧିକାରୀଙ୍କ ସହାନୁଭୂତିରୁ ପଡ଼ିରହିଥିବା କାମଟିରେ ଅଗ୍ରଗତିର ସୂଚନା ପାଇବେ।

**ଧନୁ**
ପାରିବାରିକ କଳହ କିମ୍ବା ପୂର୍ବ ଶତ୍ରୁତାକୁ ନେଇ ମନ ଭଲ ରହିବନାହିଁ। ଦିନତମାମ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇଲେ ମଧ୍ୟ ଉପଭୋଗ୍ୟ ହୋଇ ନ ପାରେ। ପୂର୍ବାଷାଢ଼ା ନକ୍ଷତ୍ରର ଭ୍ରମଣ, ରାଜନୀତି, ପ୍ରଶାସନ, ବାଣିଜ୍ୟ, ବ୍ୟବସାୟ ପାଇଁ ଆଜି ଦିନଟି ବହୁତ ଭଲ। ପଡ଼ୋଶୀଙ୍କଠାରୁ କୌଣସି ଖବର ପାଇ ବିସ୍ମିତ ହେବେ।

**ମକର**
ବନ୍ଧୁମାନଙ୍କୁ ସୁପରାମର୍ଶ, ଶିକ୍ଷା,ପରୀକ୍ଷା ତଥା ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। କିନ୍ତୁ ଧନିଷ୍ଠା ନକ୍ଷତ୍ରର ପାରିବାରିକ ସମସ୍ୟାର ସମାଧାନ କରିବା କଷ୍ଟକର ହୋଇପଡ଼ିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ**
ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ସୃଷ୍ଟି ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ହେବ ନାହିଁ। ଜମିଜମା କାରବାର କିମ୍ବା ଛୋଟ ବ୍ୟବସାୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ବାଦବିବାଦରେ ଆପୋସ ସମାଧାନ ଘଟିବ ଓ ଶତଭିଷା ବିଜୟୀ ହେବେ। ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**ମୀନ**
ସାମାଜିକ ସ୍ତରରେ ବନ୍ଧୁଙ୍କ ସାହାଯ୍ୟ ଲାଭ କରି ମାନସିକ ସ୍ଥିତି ସୁସ୍ଥ ହୋଇଯିବ। ପୂର୍ବଭାଦ୍ରପଦ ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ସଜାଗ ନ ହେଲେ ଅନୁତାପ କରିବାକୁ ପଡ଼ିବ। ଆଲୋଚନା, ସଭାସମିତି, କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହୋଇପାରେ।


# classifieds Everyday
0674-2580101, 2549302




**SALE**

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/flat ଅଛି। 9658122456, 8327785834.** D-73241

ଭୁବନେଶ୍ୱର ତମାଣ୍ଡୋ ଛକଠାରୁ କାଶୀପୁରୁ ମୌଜାରେ ଘରବାରି ପ୍ଲଟ୍- 30x50=(1500sqft.) 29ଟି ପ୍ଲଟ୍ ଅଛି। ନିୟର ଆଣ୍ଡ ବ୍ୟାକ୍ ସାଇଡ୍ D.N. ରିଗଲିଆ ଗ୍ରିନ୍ ଭିଲେଜ ଆପାର୍ଟମେଣ୍ଟ ପାଖରେ yellowzone ଅଣ୍ଡର BDA ଭୁକ୍ତ ପ୍ଲଟ୍ ଘର ନିର୍ମାଣ କରିବା ପାଇଁ ଉପଯୋଗୀ ପ୍ଲଟ୍ ଯୋଗାଇ ଦିଆଯାଉଅଛି। ଯୋଗାଯୋଗ ମୋବାଇଲ ନମ୍ବର- 7077583420, 9938015353. SUVAM CONSTRUCTIONS. D-366

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 50mtr ଦୂରରେ BDA yellowzone ପ୍ଲଟ୍ ମିଳୁଛି। 9556368377.** D-73238




Prabhakar construction construct your building get quality house. 9437025258, 8984389029. D-315




Space Available for Shop, Office, Service Centre, Godown, at Lane-12 ବାପୁଜୀ Nagar, Bhubaneswar. Contact- 9437081583. D-73317




Take wellness relax body massage by experienced lady therapist. 7008773793. D-73601

Newly open full body massage ladies and gents. 7750904837. D-71894

Newly open SPA positively health benefits expert therapist, Kalpana. 7846814019. D-73602

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Newly open SPA positively health benefit with expert. Contact: 7749976301. D-71987

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71986

Newly open full body massage ladies and gents. 8327740003. D-71893

Refreshing your mind and body with the best therapy, 7873794731. D-317

Ayurvedic full body massage ladies & jents. Contact: 8093860513, 8658994614. D-71897

## AFFIDAVIT

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ମୁଁ ପ୍ରଭାସିନୀ ଦାଶ, ସ୍ୱାମୀ- ଦିଲ୍ଲିପ କୁମାର ହୋତା, ଗ୍ରାମ- କୁମେରପଟା, ପୋ- ଗୋଛାଡେଙ୍ଗେନ, ଥାନା- ମ.ରାମପୁର, ଜିଲ୍ଲା- କଳାହାଣ୍ଡି। ତା।୦୫।୦୫।୨୦୨୨ରିଖରେ Executive Magistrate M.Rampurଙ୍କ ସମ୍ମୁଖରେ affidavit କରିଛି ଯେ ପ୍ରଭାସିନୀ ହୋତା ଓ ପ୍ରଭାସିନୀ ଦାଶ ଗୋଟିଏ ଜଣ ଅଟନ୍ତି। ତଦନୁସାରେ ଘୋଷଣାନାମା ପ୍ରକାଶ କରାଗଲା। ଧ-୩୭୧

Affidavit before Executive Magistrate, Vyasanagar, I have changed my name from Bijaya Kumar Kundu to Bijaya Kumar Kund and my wife's name from Kalpana Kundu to Kalpanabala Kundu, At- Gayatri Vihar, PO/PS.- Jajpur road, Dist.- Jajpur for all purposes.
Bijaya Kumar Kund. D-370

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହେଲ୍‌ମେଟ ନ ପିନ୍ଧି ୪୪ ଲକ୍ଷ ଡଣ୍ଡ ଦେଇଛନ୍ତି ଅମାନିଆ

- ବ୍ରହ୍ମପୁରରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ
- ମାସକରେ ୪୬. ୪୮ ଲକ୍ଷ ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୮।୫

ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ବ୍ରହ୍ମପୁର ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଉଛି। ବିଶେଷକରି ହେଲମେଟ୍ ଧରପଗଡ଼ ଅଭିଯାନ ଜୋରଦାର ଚାଲିଛି। ହେଲମେଟ ପିନ୍ଧୁ ନ ଥିବା ଅମାନିଆଙ୍କଠାରୁ ଆଉ ୫ଶହ ନୁହେଁ ସଂଶୋଧିତ ନିୟମ ଅନୁସାରେ ୧ହଜାର ଟଙ୍କା ଜରିମାନା ଆଦାୟ କରିବା ବ୍ୟବସ୍ଥା କରାଯାଇଛି। ଏପରିକି ହେଲମେଟ୍ ନ ପିନ୍ଧିଲେ ୩ ମାସ ପର୍ଯ୍ୟନ୍ତ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ(ଡିଏଲ୍) ରଦ୍ଦ କରିବା ପାଇଁ ପୋଲିସ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କୁ ସୁପାରିସ୍ କରିବ ବୋଲି ନିୟମ କରାଯାଇଛି। ଗତ ଏପ୍ରିଲ ମାସରେ ବ୍ରହ୍ମପୁର ଟ୍ରାଫିକ ଥାନା ପକ୍ଷରୁ ମୋଟ ୪୬ ଲକ୍ଷ ୪୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ଏହି ଜରିମାନା ମାନୁଆଲ୍ ଏବଂ ଇ-ଚାଲାନ୍‌ରେ ମୋଟ ୪୮୧୭ ଅମାନିଆ ଗାଡି ଚାଳକଙ୍କ ଉପରେ ଧାର୍ଯ୍ୟ ହୋଇଛି ବୋଲି ଟ୍ରାଫିକ୍ ଥାନାଧିକାରୀ ସୁନୀଲ ବେହେରା ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ହେଲମେଟ ନ ପିନ୍ଧିବା ଅଭିଯୋଗରେ ସହରବାସୀ ସର୍ବାଧିକ ୪୪ ଲକ୍ଷ ୪୨ ହଜାର ଟଙ୍କା ଜରିମାନା ଗଣିଛନ୍ତି। ସେହିପରି ରାସ୍ତାରେ ଗାଡି ଚଳାଇବା ସମୟରେ ମୋବାଇଲ ବ୍ୟବହାର କରିବା, ଟ୍ରିପଲ ରାଇଡିଂ ଆଦି ନିୟମ ପାଳନ କରୁନଥିବା ଚାଳକଙ୍କ ଠାରୁ ୨ ଲକ୍ଷ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ଅନ୍ୟପକ୍ଷରେ ୧୬୨ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ଆରଟିଓଙ୍କୁ ସୁପାରିସ କରାଯାଇଥିବା ଥାନାଧିକାରୀ ବେହେରା ସୂଚନା ଦେଇଛନ୍ତି। ଏପରି ଧରପଗଡ଼ ଆଗକୁ ମଧ୍ୟ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେଣୁ ହେଲମେଟ୍ ପିନ୍ଧି, ଟ୍ରାଫିକ୍ ନିୟମ ପାଳନ କରିବା ସହ ନିଜ ଜୀବନକୁ ସୁରକ୍ଷିତ ରଖନ୍ତୁ ବୋଲି ପୋଲିସ ପକ୍ଷରୁ ଆହ୍ୱାନ କରାଯାଇଛି।

ବ୍ରହ୍ମପୁର ସହରର ବିଭିନ୍ନ ଛକରେ ଲାଗିଥିବା ସମନ୍ୱିତ ଟ୍ରାଫିକ ପରିଚାଳନା ସିଷ୍ଟମ (ଆଇଟିଏମ୍‌ଏସ୍)ର ସିସି କ୍ୟାମେରାରେ ଯେଉଁମାନେ ଧରା ପଡୁଥିଲେ ସେମାନଙ୍କ ମୋବାଇଲକୁ ଇ-ଚାଲାନ୍ ପଠାଯାଉଥିଲା। ଏବେ ଏହାକୁ ଆହୁରି କଡ଼ାକଡ଼ି ପାଳନ କରାଯାଇଛି। ଆଇଟିଏମଏସ ବ୍ୟବସ୍ଥା ସହିତ ପୋଲିସ ସହରର ବିଭିନ୍ନ ଛକରେ ଜଗି ରହି ହେଲମେଟ୍ ଯାଞ୍ଚ କରୁଛି। କେତେଜଣ ଅମାନିଆ ଏବେ ବି ସୁଧୁରୁ ନାହାନ୍ତି। ଯେଉଁମାନେ କି ପୋଲିସ ହାତରେ ଧରାପଡ଼ି ଜରିମାନା ଗଣୁଛନ୍ତି। ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି କରିବା ପାଇଁ ୨୦୧୯ ସେପ୍ଟେମ୍ବର ୧ ତାରିଖରୁ ବ୍ରହ୍ମପୁର ମହାନଗରରେ ଆଇଟିଏମ୍‌ଏସ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ମହାନଗରରେ ୩ କୋଟି ୭୨ଲକ୍ଷ ଟଙ୍କା ବ୍ୟୟରେ କାନାଡ଼ା ବୈଷୟିକ ଜ୍ଞାନକୌଶଳକୁ ଅବଲମ୍ବନ କରି ଆଇଟିଏମ୍‌ଏସ୍‌କୁ କାର୍ଯ୍ୟକାରୀ କରାଯାଇଥିଲା। ଏହାଦ୍ୱାରା ବିପର୍ଯ୍ୟସ୍ତ ଟ୍ରାଫିକରେ ସୁଧାର ଆଣିବା ସହ ସିସି କ୍ୟାମେରା ଜରିଆରେ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖାଯାଉଛି। ପ୍ରଥମ ପର୍ଯ୍ୟାୟରେ ଟାଟାବେଞ୍ଜ ଛକ, କମାପଲ୍ଲୀ, କୋର୍ଟପେଟା ଛକ, ପିଭିଏନ୍ ରାଓ ପେଟ୍ରୋଲ ପମ୍ପ ଛକ ଓ ଗେଟବଜାର ଛକରେ ଏହା କାର୍ଯ୍ୟକାରୀ କରାଯାଇଛି। ଏହା ସହିତ ସହରର ବିଭିନ୍ନ ସ୍ଥାନରେ ଅତିରିକ୍ତ ୧୦୦ଟି ସିସି କ୍ୟାମେରା ଖଞ୍ଜାଯାଇଛି ବୋଲି ଟ୍ରାଫିକ୍ ଥାନା ଅଧିକାରୀ କହିଛନ୍ତି।


ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ପୋଲିସ ଜରିମାନା ଆଦାୟ କରୁଛି।

## ସଂକ୍ଷେପରେ

### ତାଲାବନ୍ଦ ଘରୁ ସୁନା ଗହଣା ଚୋରି

**ବ୍ରହ୍ମପୁର ଅଫିସ,୮।୫:** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଯୋଧାନଗରର ଏକ ତାଲାବନ୍ଦ ଘରୁ ସୁନା ଅଳଙ୍କାର ଚୋରି ହୋଇଛି। ଏ ନେଇ ଥାନାରେ ରାଧାରାଣୀ ରଥ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୩୩/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ରାଧାରଣୀଙ୍କ ଅଭିଯୋଗକୁ ଆଧାର କରି ତାଙ୍କ ଘରେ କାମ କରୁଥିବା ଚାକରାଣୀ ଏହି ସୁନା ଚୋରି କରିଥିବା ପୋଲିସ ସନ୍ଦେହ କରୁଛି ।
ପ୍ରକାଶ ଯେ, ଅଯୋଧା ନଗର ୪ର୍ଥ ଲାଇନରେ ରାଧାରାଣୀ ରହୁଛନ୍ତି। ତାଙ୍କ ସ୍ୱାମୀ ଏବଂ ଶାଶୁ ଗତ କିଛିଦିନ ତଳେ ନଣନ୍ଦଙ୍କ ଘରକୁ ଯାଇଥିଲେ। ସେହିପରି ରାଧାରାଣୀଙ୍କ ପରୀକ୍ଷା ହେତୁ ସେ ମଧ ପରୀକ୍ଷା ଦେବା ପାଇଁ ଘରେ ତାଲା ଦେଇ ଚାଲିଯାଇଥିଲେ। ସେ ଘରକୁ ଫେରି ଦେଖିବା ବେଳେ ଆଲମୀରାରେ ଥିବା ୪୪ ଗ୍ରାମର ସୁନା ଅଳଙ୍କାର ଗାୟବ ଥିଲା। ପରେ ସେ ଉକ୍ତ ଘରେ କାମ କରୁଥିବା ମହିଳା ଜଣଙ୍କୁ ଏନେଇ ପଚରାଉଚରା କରିଥିଲେ।

### ଅଗ୍ନି ନିରାପତ୍ତା ଯାଞ୍ଚ

**ବ୍ରହ୍ମପୁର ଅଫିସ,୮।୫:** ଅଗ୍ନିଶମ ବିଭାଗ ଡିଜି ସନ୍ତୋଷ କୁମାର ଉପଧାୟଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଅଗ୍ନିଶମ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଅଗ୍ନି ନିରାପତ୍ତା ଯାଞ୍ଚ କରାଯାଇଥିଲା। ପ୍ରଥମ ଦିନ ହାବିଲଦାର ସନାତନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ସହରରେ ଥିବା ୧୨ଟି ମଲ, ପେଟ୍ରୋଲ ପମ୍ପ ଓ ଗୋଦାମରେ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଅଧିକାଂଶ ସ୍ଥାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକ୍ଷମ ହେଉନଥିବା ଜଣାପଡ଼ିଥିଲା। ଏଣୁ ସେମାନଙ୍କୁ ତାଗିଦ କରାଯାଇଥିଲା। ଏପରିକି ଅଗ୍ନିଶମ ବିଭାଗ ପକ୍ଷରୁ ପଞ୍ଜିକୃତ ସାର୍ଟିଫିକେଟ ନେଇ ଏହାର ଖିଲାପ କରାଯାଇଥିବା ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ମଧ ସହରର ବିଭିନ୍ନ ସ୍ଥାନରେ ଅଗ୍ନିଶମ ବିଭାଗ ପକ୍ଷରୁ ଏଭଳି ଚଢ଼ାଉ ଜାରି ରହିବ। ଶେଷରେ ଏନେଇ ଏକ ସବିଶେଷ ରିପୋର୍ଟ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ (ବ୍ରହ୍ମପୁର) ପ୍ରଶାନ୍ତ କୁମାର ଦାସଙ୍କୁ ଦିଆଯିବ ବୋଲି ହାଭିଲଦାର ସନାତନ ମହାପାତ୍ର ସୂଚନା ଦେଇଛନ୍ତି।

### ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୃଦ୍ଧାଙ୍କ ମୃତ୍ୟୁ

**ଜଗନ୍ନାଥପ୍ରସାଦ,୮।୫(ଡି.ଏନ.ଏ.):** ଜଗନ୍ନାଥ ପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିକିଲି ଗ୍ରାମର ମୃତ ସୀମାଞ୍ଚଳ ପ୍ରଧାନଙ୍କ ସ୍ତ୍ରୀ ଅକାରଣ (୬୦)। ସୂଚନା ମୁତାବକ, ରାଶନକାର୍ଡ ଚାଉଳ ନେବା ପାଇଁ ସକାଳ ୮ଟାରେ ଅକାରଣ ଜଗନ୍ନାଥପ୍ରସାଦ ଗ୍ରାମପଞ୍ଚାୟତକୁ ଆସିଥିଲେ। ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ବସିଯାଇଥିଲେ। ସରପଞ୍ଚ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ସେଠୀ, ଜିଆର୍‌ଏସ୍ ବସନ୍ତ ଦାସ ଅକାରଣଙ୍କୁ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମୁଜାଗଡ଼ ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି

**ଭଞ୍ଜନଗର,୮।୫(ଡି.ଏନ.ଏ.):** ଭଞ୍ଜନଗର ବ୍ଲକ ମୁଜାଗଡ଼ ଠାକୁରାଣୀ ଯାତ୍ରା ଚଳିତ ମାସରେ ହେବ । ଏନେଇ ଗତ ୪ ତାରିଖରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା । ଶୁଭଖୁଣ୍ଟି ସ୍ଥାପନ ପୂର୍ବରୁ ଗ୍ରାମରେ ପୂଜାର୍ଚ୍ଚନା ହେବାସହ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଗ୍ରାମବାସୀ ସହଯୋଗ କରିଥିଲେ ।

# ଜବରଦଖଲ ଉଚ୍ଛେଦ ପାଇଁ ରାସ୍ତା ଚିହ୍ନଟ

ଆର.ଉଦୟଗିରି,୮।୫(ଡି.ଏନ୍.ଏ.)

ମୋହନା ପାତ୍ରସାହିରେ ଜବରଦଖଲ ଉଚ୍ଛେଦ ପାଇଁ ରାସ୍ତା ଚିହ୍ନଟକରଣ କରାଯାଇଥିଲା। ପାତ୍ରସାହି ରାସ୍ତା ପ୍ରଶସ୍ତୀକରଣ ସହ ରାସ୍ତା ଓ ଉଭୟ ପାର୍ଶ୍ୱରେ ନାଳ ନିର୍ମାଣ ପାଇଁ ଶୁକ୍ରବାର ରାଜସ୍ୱ କର୍ମଚାରୀ, ଜନପ୍ରତିନିଧି ଓ ଯୁବକ ସଂଘ ଉପସ୍ଥିତିରେ ଗାଁ ଦାଣ୍ଡ ରାସ୍ତା ଜମି ମାପ କରାଯାଇଥିଲା। ଦୀର୍ଘ ବର୍ଷରୁ ସାହିର ଉଭୟ ପାର୍ଶ୍ୱରେ ଘରଗୁଡ଼ିକ କିଛି ରାସ୍ତା ଜମି ଅଧିଗ୍ରହଣ କରି ଘର କରିଦେଇଥିବାରୁ ସାହି ରାସ୍ତା ଅଣଓସାରିଆ ହେବା ସହ ଗାଁର ଯାନିଯାତ୍ରା ସମେତ ବିଭିନ୍ନ ପର୍ବପର୍ବାଣି ପାଳନ କରିବାରେ ବାଧକ ସୃଷ୍ଟି ହେଉଛି। ତେଣୁ ସାହି ବାସିନ୍ଦାଙ୍କ ସହମତି କ୍ରମେ ଜାଗା ଚିହ୍ନଟକରଣ ହୋଇଛି। ଆଗକୁ ଉଚ୍ଛେଦ ପ୍ରକ୍ରିୟା କରି ସାହି ରାସ୍ତା ପ୍ରଶସ୍ତୀକରଣ ସହ ନାଳ ନିର୍ମାଣ ସହ ସାହି ସୌନ୍ଦର୍ଯ୍ୟକରଣ କରାଯିବାର ଲକ୍ଷ୍ୟ ରହିଛି ବୋଲି ନିର୍ବାଚିତ ପ୍ରତିନିଧିଙ୍କ ପକ୍ଷରୁ କୁହାଯାଇଛି। ଉଚ୍ଛେଦ ସମୟରେ ସରପଞ୍ଚ, ସମିତିସଭ୍ୟ, ଗ୍ରାମମୁଖିଆ ଓ ଯୁବକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବ୍ରହ୍ମପୁର ଟିମ୍‌ର କଟକ ଯାତ୍ରା

## ରାଜ୍ୟସ୍ତରୀୟ କନିଷ୍ଠ ବକ୍ସିଂ ପ୍ରତିଯୋଗିତା ଆଜିଠୁ

ବ୍ରହ୍ମପର ଅଫିସ,୮।୫

ସୋମବାରଠାରୁ କଟକ ବାରବାଟୀ ଷ୍ଟାଡ଼ିୟମରେ ରାଜ୍ୟସ୍ତରୀୟ ବାଳକ ଓ ବାଳିକା କନିଷ୍ଠ ବକ୍ସିଂ ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଭାଗ ନେବା ନିମନ୍ତେ ରବିବାର ଗଞ୍ଜାମ ଜିଲା ବକ୍ସିଂ ସଂଘ ପକ୍ଷରୁ ପୁରୁଷ ଓ ମହିଳା ବକ୍ସିଂ ଦଳ କଟକ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦଳରେ ୧୦ ଜଣ ବାଳକ ଓ ୨ ଜଣ ବାଳିକା ପ୍ରତିଯୋଗୀଙ୍କ ସମେତ ଟିମ ମ୍ୟାନେଜର ଓ କୋଚ ଭାବେ ସୁରେଶ କୁମାର ଦାସ ଓ ସୁମନ ଦାସ ଯାତ୍ରା କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସ୍ତରୀୟ ବକ୍ସିଂ ପ୍ରତିଯୋଗିତା ପୂର୍ବରୁ ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଜିଲା ବକ୍ସିଂ ସଂଘ ପକ୍ଷରୁ ଏପ୍ରିଲ ୨୭ ରୁ ମେ ୮ ପର୍ଯ୍ୟନ୍ତ ୧୦ ଦିନିଆ ବକ୍ସିଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବାଳକ ଓ ବାଳିକା ଉଭୟ ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଚୟନ କରାଯାଇଛି। ପ୍ରତିଯୋଗୀଙ୍କୁ ଜିଲା ବକ୍ସିଂ ସଂଘ ସମ୍ପାଦକ କେ.ପ୍ରଭାକର ରାଓ ଓ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଆଶୋକ ସାହୁ ଶୁଭେଚ୍ଛା ଜଣାଇଛନ୍ତି।


ଗଞ୍ଜାମ ଜିଲା ବକ୍ସିଂ ଟିମ।

# ଶିବାନନ୍ଦ ସତ୍‌ସଙ୍ଗ କେନ୍ଦ୍ରର ରୌପ୍ୟ ଜୟନ୍ତୀ

ବ୍ରହ୍ମପୁର ଅଫିସ୍,୮।୫

ଶିବାନନ୍ଦ ସତସଙ୍ଗ କେନ୍ଦ୍ରର ରୌପ୍ୟ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ରବିବାର ବୈକୁଣ୍ଠ ନଗର ସ୍ଥିତ ପଶୁପତି ନାଥ ମନ୍ଦିରରେ ଗୀତା ମହାଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଛି। ଏଥିରେ କେନ୍ଦ୍ରର ଉପସଭାପତି କୁଞ୍ଜ ବିହାରୀ ପାଢୀ ଅଧ୍ୟକ୍ଷତା କରିଥିଲେ। ପୂର୍ବାହ୍ନରେ ଗଣେଶ କୀର୍ତ୍ତନ, ଜପ ଧ୍ୟାନ, ଗୁରୁପାଦ ପୂଜା, ଅର୍ଚ୍ଚନା, ବିଶ୍ୱ ପ୍ରାର୍ଥନା, ପ୍ରଭୁ ପ୍ରାର୍ଥନା ଓ ଜଗତର ମଙ୍ଗଳ କାମନା ନିମନ୍ତେ ହନୁମାନ ଚାଳିଶା ପାରାୟଣ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ରୂପେ ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀ ମହାରାଜ, ହରିଶରଣାନନ୍ଦ ସରସ୍ୱତୀ ମହାରାଜ, ରାମ ଶରଣାନନ୍ଦ ସରସ୍ୱତୀ ମହାରାଜ, ରାମଦାସାନନ୍ଦ ସରସ୍ୱତୀ ମହାରାଜ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଆର୍ଶିବଚନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରର ଦକ୍ଷିଣାଞ୍ଚଳ ସମନ୍ୱୟ ସମିତିର ସଂପାଦକ ପ୍ରକାଶ ଚନ୍ଦ୍ର ରଥ, ମନ୍ଦିର ସଭାପତି ରାମଚନ୍ଦ୍ର ସାହୁ, ସଂପାଦକ ମନୋଜ କୁମାର ସାହୁଙ୍କ ସମେତ ଘନଶ୍ୟାମ ମିଶ୍ର, ତ୍ରିଲୋଚନ ଦାଶ, ଜନାର୍ଦ୍ଦନ ମହାନ୍ତି, ପ୍ରଭାକର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସତସଙ୍ଗ କେନ୍ଦ୍ର ପକ୍ଷରୁ ୨୫ ବର୍ଷ ହେଲା ପଶୁପତିନାଥ ମନ୍ଦିରଠାରେ ପ୍ରତ୍ୟେକ ସୋମବାର ସନ୍ଧ୍ୟାରେ ସତସଙ୍ଗ କରାଯାଉଛି।

# ସରିଲା କନକ ଦୁର୍ଗାଙ୍କ ଘଟ ପରିକ୍ରମା


କଳାକୁଞ୍ଜ


ମା' କନକ ଦୁର୍ଗାଙ୍କ ଘଟ ପରିକ୍ରମା

ବ୍ରହ୍ମପୁର ଅଫିସ,୮।୫

ବ୍ରହ୍ମପୁର ଶିଳ୍ପାଞ୍ଚଳ ଆଙ୍କୁଲିର ପ୍ରସିଦ୍ଧ ମା' କନକ ଦୁର୍ଗା ବୁଢ଼ୀ ଠାକୁରାଣୀ ଯାତ୍ରାର ଦ୍ୱାଦଶ ଦିବସ ବିତିଛି। ରବିବାର ରାତ୍ରରୁ ମା'ଙ୍କ ଘଟ ପରିକ୍ରମା ଶେଷ ହୋଇଛି। ଏହି ୧୫ ଦିନିଆ ଯାତ୍ରା ଗତ ୨୭ ତାରିଖରୁ ଆରମ୍ଭ ହୋଇଥିଲା। ଅବଧି ମଧ୍ୟରେ ୫ ଦିନ ଘଟ ବୁଲି ନଥିଲା। ଅସ୍ଥାୟୀ ମଣ୍ଡପରେ କେବଳ ସନ୍ଧ୍ୟା ଆଳତି ସହ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେବାର ବ୍ୟବସ୍ଥା ହୋଇଥିଲା। ଅପରପକ୍ଷରେ ଯାତ୍ରା ସମାପନ ଆଉ ମାତ ୪ ଦିନ ଥିବାରୁ ଭକ୍ତଙ୍କ ଗହଳି ବଢ଼ୁଛି। କଳାକୁଞ୍ଜ ଓ ମୀନା ବଜାର ଯୋଗୁ ଆଙ୍କୁଲି ଯାତ୍ରା ଦାଣ୍ଡ ଚଳଚଞ୍ଚଳ ହୋଇଯାଇଛି। ସବୁ ସାହିରେ ରଂଗୀନ ଆଲୋକ ଝଲସୁଛି ଏବଂ ବାଦ୍ୟ ବାଜଣାରେ କମ୍ପୁଛି। ମାନସିକ ବେଶଧାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମହାମାରି କରୋନା ଯୋଗୁ ଗତ ଦ୍ୱି-ବାର୍ଷିକ ଯାତ୍ରା ହୋଇପାରିନଥିଲା। କଟକଣା କୋହଳ ହେବାରୁ ଚଳିତ ବର୍ଷର ଯାତ୍ରା ଧୂମଧାମରେ ହେବାରୁ ଅଞ୍ଚଳବାସୀ ଉତ୍ସାହିତ ହୋଇଯାଇଛନ୍ତି। ସବୁଠି କୋଳାହଳ ଲକ୍ଷ୍ୟ କରାଯାଇଛି। ଯାତ୍ରା ଦାଣ୍ଡରେ ବିଭିନ୍ନ ପସରା ଖୋଲିଛି ଓ ବେ ଅପରାହ୍ନରୁ ଅର୍ଦ୍ଧରାତ୍ର ଯାଏଁ ଅସମ୍ଭବ ଗହଳି ହେଉଛି।

### ଆଙ୍କୁଲି ଠାକୁରାଣୀ ଯାତ୍ରା

ଆସନ୍ତା ବୁଧବାର ରାତ୍ର ମା' କନକ ଦୁର୍ଗା ନିଜସ୍ୱ ମନ୍ଦିରକୁ ବାହୁଡ଼ିବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଅସ୍ଥାୟୀ ମଣ୍ଡପରୁ ବାହାରି ନୂଆସାହି, କାର୍ଜୀ ସାହି, ପ୍ରଧାନ ସାହି, କାଳିଞ୍ଜି ସାହି, ଖଳା ସାହି, ସ୍କୁଲ ଛକ, ସୁଣ୍ଡି ସାହି, ରେଡ଼ିକା ସାହି, ବଡ଼ ସାହି, ଦେଉଳ ସାହି ଓ ମାଳି ସାହି ଦେଇ ମନ୍ଦିରକୁ ନିଆଯିବ। ବାହୁଡ଼ାଣି ଯାତ୍ରା ବେଳେ ସାହିବାସିନ୍ଦାମାନଙ୍କ ଦୁଆର ଆଗରେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ମା'ଙ୍କୁ ବିଦାୟ ଦିଆଯିବ। ୪୦ନଂ ୱାର୍ଡ ବିଜେଡି କର୍ପୋରେଟର ଭାଗିରଥୀ ମହାରଣା ଯାତ୍ରା ପରିଚାଳନା କମିଟି ମୁଖ୍ୟ ଅଛନ୍ତି।

# ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ



ଅତିଥିମାନଙ୍କ ସହ କୃତୀ ପ୍ରତିଯୋଗୀ।

ବ୍ରହ୍ମପୁର ଅଫିସ,୮।୫

ଆସ୍କାରୋଡ଼ ସ୍ଥିତ ସରକାରୀ ପୌର ଉଚ୍ଚ ବାଳିକା ବିଦ୍ୟାଳୟଠାରେ ରବିବାର ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ଏଥିରେ ଶିକ୍ଷକ ବିଜୟ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଜାତୀୟ ଟ୍ରେନିଂ ଓ ପରାମର୍ଶଦାତା ଦେବୀ ପ୍ରସାଦ ସାହୁ , ସ୍ଥାନୀୟ କର୍ପୋରେଟର ପଦ୍ମିନି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜୁନିୟର ରେଡ଼କ୍ରସ ସମ୍ପାଦକ ତଥା ଶାରୀରିକ ଶିକ୍ଷାଧିକାରୀ ଭାଗୀରଥି ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମାନବିକତାର ପ୍ରତୀକ ହୁଅ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୁସୁମି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଆଦିତ୍ୟ ପ୍ରସାଦ ସାହୁ, ମ୍ୟୁନିସିପାଲିଟି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅଞ୍ଜଳି ସାହୁ ଓ ଭାଟକୁମରଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ପୁନମ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲା ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ରେଡ଼କ୍ରସ ପରାମର୍ଶଦାତା ଓ ଅଧିକାରୀ ମାନେ ଉପସ୍ଥିତ ରହି ରେଡ଼କ୍ରସର ଅଭିମୁଖ୍ୟ ସମ୍ପର୍କରେ ମତପ୍ରକାଶ କରିବା ସହ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କନିଷ୍ଠ ଡାକ୍ତରଙ୍କ ବିରୋଧରେ ଅଧକ୍ଷଙ୍କ ଏତଲା

## ଡାକ୍ତରୀ ଛାତ୍ରଙ୍କୁ ର୍‍ୟାଗିଂ ଘଟଣା

ବ୍ରହ୍ମପୁର ଅଫିସ,୮।୫

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଏମବିବିଏସ ଦ୍ୱିତୀୟ ବର୍ଷର ଡାକ୍ତରୀ ଛାତ୍ରଙ୍କୁ ର୍‍ୟାଗିଂ ଘଟଣା ଏବେ ଥାନାରେ ପହଞ୍ଚିଛି। ର୍‍ୟାଗିଂ କରାଯିବା ନେଇ ସିସିଟିଭି ଫୁଟେଜ ସାମ୍ନାକୁ ଆସିବା ପରେ ଏମକେସିଜିର ଅଧ୍ୟକ୍ଷ ତଥା ଡିନଙ୍କ ପକ୍ଷରୁ ଏମକେସିଜିର ହାଉସ ଅଫିସର ତଥା କନିଷ୍ଠ ଡାକ୍ତର ବିଶ୍ୱବିକାଶ ସାହୁଙ୍କ ନାଁରେ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି। ଡା. ବିଶ୍ୱବିକାଶ ଘଟଣା ଦିନ ହଷ୍ଟେଲକୁ ଯାଇ ଅନ୍ତେବାସୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ର୍‍ୟାଗିଂ କରିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ଏହାପରେ ହଷ୍ଟେଲ କାଉନସିଲ ବୈଠକ ଡକାଯାଇଥିଲା। ଆଉ ବୈଠକରେ ହୋଇଥିବା ନିଷ୍ପତ୍ତି ପ୍ରକାରେ ଅଧକ୍ଷ ତଥା ଡିନ ପ୍ରଫେସର ଅବନୀକାନ୍ତ ମିଶ୍ର ଏନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଅଧକ୍ଷଙ୍କ ଏତଲାକୁ ଭିତ୍ତି କରି ପୋଲିସ ଥାନାରେ କେସ ନଂ ୧୩୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା କହିଛି। ସୂଚନା ଅନୁଯାୟୀ କିଛି ଦିନ ତଳେ ଏମକେସିଜିର ବରିଷ୍ଠ ଡାକ୍ତରୀ ଛାତ୍ରମାନେ ଦ୍ୱିତୀୟ ବର୍ଷର କନିଷ୍ଠ ଛାତ୍ରଙ୍କ ହଷ୍ଟେଲକୁ ଯାଇ ର୍‍ୟାଗିଂ କରିଥିବା ଅଭିଯୋଗ ହୋଇଥିଲା। ର୍‍ୟାଗିଂର ଶିକାର ଡାକ୍ତରୀ ଛାତ୍ରମାନେ ଆଣ୍ଟି ରେଗିଂ ସେଲରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଏ ନେଇ ଏମକେସିଜିରେ ମିଳିତ ବୈଠକ ମଧ୍ୟ ହୋଇଥିଲା। ପ୍ରକୃତରେ ର୍‍ୟାଗିଂ ହୋଇଛି କି ନାହିଁ ସେ ନେଇ ସିସିଟିଭି ଫୁଟେଜ ସଂଗ୍ରହ ପାଇଁ ଏମକେସିଜି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଦୁଇ ଦିନ ତଳେ ସିସିଟିଭି ଫୁଟେଜ ମିଳିବା ପରେ ହଷ୍ଟେଲ କାଉନସିଲ ବୈଠକ ଡକାଯାଇ ଏତଲା ଦେବାକୁ ନିଷ୍ପତ୍ତି ହୋଇଥିଲା। ନିୟମ ଅନୁସାରେ ସଂପୃକ୍ତ କନିଷ୍ଠ ଡାକ୍ତରଙ୍କ ନାଁରେ ଏତଲା ଦିଆଯାଇଛି ବୋଲି ଏମକେସିଜିର ଅଧକ୍ଷ ପ୍ରଫେସର ମିଶ୍ର କହିଛନ୍ତି।

# 'ସ୍ୱାସ୍ଥ୍ୟ ପାଇଁ ଚାଲନ୍ତୁ' ବାର୍ତ୍ତା ନେଇ ଭାରତ ଭ୍ରମଣ


ଭାରତ ଭ୍ରମଣରେ ବାହାରିଥିବା ଦମ୍ପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବ୍ରହ୍ମପୁର ଅଫିସ୍,୮।୫

'ସ୍ୱାସ୍ଥ୍ୟ ପାଇଁ ଚାଲନ୍ତୁ' ବାର୍ତ୍ତା ନେଇ କେରଳ ପଚ୍ଚାୟମର ଦମ୍ପତି ଭାରତ ଭ୍ରମଣରେ ବାହାରି ରବିବାର ବ୍ରହ୍ମପୁରରେ ପହଞ୍ଚିଛନ୍ତି। ଏହି ଦମ୍ପତିଙ୍କୁ ସହରର ଫାଷ୍ଟ ଗେଟ ଆସିକା ରୋଡ ସ୍ଥିତ ପାଣିଗ୍ରାହୀ ନଗରଠାରେ ଆଇନଜୀବୀ ଏସ. ତମନ୍ନା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଭାରତ ଭ୍ରମଣରେ ବାହାରିଥିବା ବେନି କେ ଓ ମୂରଲୀ ବେନି ହେଉଛନ୍ତି ଅବସର ପ୍ରାପ୍ତ ଶିକ୍ଷକ। ଏମାନେ ଡିସେମ୍ବର ୧ରୁ କନ୍ୟାକୁମାରୀରୁ ଏହି ଯାତ୍ରା ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୬ଟି ରାଜ୍ୟକୁ ମିଶାଇ ପ୍ରାୟ ୬ହଜାର କିଲୋମିଟର ଭ୍ରମଣ କରିଛନ୍ତି। ଏଭଳି ଭାବେ ୯ ହଜାର କିଲୋମିଟର ଚାଲିବା ପାଇଁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ଆସନ୍ତା ଜୁଲାଇରେ ଯାତ୍ରା ସାରିବା ପାଇଁ ଲକ୍ଷ୍ୟ ରଖିଥିବା ମୂରଲୀ ବେନି କହିଛନ୍ତି।

# ପୋତି ହୋଇଛି ଡ୍ରେନ୍, ବିପଦସଙ୍କୁଳ ଜନ କଲ୍ୟାଣ କେନ୍ଦ୍ର

ବ୍ରହ୍ମପୁର ଅଫିସ୍,୮।୫

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଡ୍ରେନ୍ ଗୁଡିକ ପୋତିହୋଇ ରହିଥିବା ନେଇ ଦୀର୍ଘ ଦିନରୁ ଅଭିଯୋଗ ହୋଇଆସୁଛି। ବର୍ଷା ଦିନ ପ୍ରାରମ୍ଭରୁ ୱାର୍ଡଗୁଡିକର ଡ୍ରେନେଜ ସମସ୍ୟା ସମାଧାନ କରିବାକୁ ଦାବି ହେଉଛି।

ବିଏମସି ୩୯ ନଂ ୱାର୍ଡ ଅନ୍ତର୍ଗତ କୁମ୍ଭାରପଲୀଠାରେ ଦୀର୍ଘ ଦିନ ଧରି ଡ୍ରେନ୍ ପୋତି ହୋଇ ରହିଥିବା କାରଣରୁ ବର୍ତ୍ତମାନ ସାହି ବାସିନ୍ଦା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ଅଭିଯୋଗ ଯେ, ଡ୍ରେନ ପୋତି ହୋଇପଡିବାରୁ ନର୍ଦ୍ଦମା ପାଣି ନିଷ୍କାସିତ ହୋଇପାରୁ ନାହିଁ। ଡ୍ରେନ ଉପରେ କଂକ୍ରିଟ ପ୍ଲେଟ ପଡିଥିବା ବେଳେ ଏହାକୁ ଉଠାଇ ସଫେଇ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଡ୍ରେନ ନିକଟରେ ଏକ ଷ୍ଟାଣ୍ଡ ପୋଷ୍ଟ ରହିଛି। ତାହା ବି ଭଗ୍ନ ଅବସ୍ଥାରେ ରହିଛି। ଷ୍ଟାଣ୍ଡପୋଷ୍ଟର ପାଇପ ଡ୍ରେନ ମଧ୍ୟରେ ଯାଇଥିବା କାରଣରୁ ଅନେକ ସମୟରେ ନର୍ଦ୍ଦମା ପାଣି ଷ୍ଟାଣ୍ଡ ପୋଷ୍ଟରେ ଆସୁଥିବା ଅଭିଯୋଗ ହୋଇଛି। ବିଏମସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଏ ବାବଦରେ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ସେହିପରି ସାହି ମଧ୍ୟରେ ବହୁମୁଖୀ ଜନକଲ୍ୟାଣ କେନ୍ଦ୍ର ରହିଛି। ଏହି କେନ୍ଦ୍ରଟି ସର୍ବସାଧାରଣଙ୍କ ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହେଉଛି। କିନ୍ତୁ କେନ୍ଦ୍ରଟି ଦୀର୍ଘ ଦିନ ଧରି ଜରାଜୀର୍ଣ୍ଣ ଓ ଭଗ୍ନ ଅବସ୍ଥାରେ ପଡି ରହିଛି।

ସୂଚନା ଥାଉ କି, ୨୦୦୬ ମସିହାରେ ପୂର୍ବତନ ଏମପି ଅନାଦି ସାହୁଙ୍କ ୫୦ ହଜାର ଟଙ୍କା ଅନୁଦାନ ଓ ବ୍ରହ୍ମପୁର ପୌରପାଳିକା ଅନୁଦାନରୁ ୨୫ ହଜାର ଟଙ୍କା ବ୍ୟୟରେ ଜନ କଲ୍ୟାଣ କେନ୍ଦ୍ର ନିର୍ମିତ ହୋଇଥିଲା। ଉଦଘାଟନ ପରେ ସ୍ଥାନୀୟ ବାସିନ୍ଦା ଏହାକୁ ବିବାହ, ବ୍ରତ ଭଳି ବିଭିନ୍ନ କାର୍ଯ୍ୟ ନିମନ୍ତେ ବ୍ୟବହାର କରୁଥିଲେ। କିନ୍ତୁ ପରେ ଏହାର ଉଚିତ ରକ୍ଷଣାବେକ୍ଷଣ ଅଭାବ କାରଣରୁ ବର୍ତ୍ତମାନ କୋଠାଟି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଅନ୍ୟପଟେ କୋଠାର ଚର୍ତୁଃପାର୍ଶ୍ୱରେ କୁଢ କୁଢ ଅଳିଆ ଆବର୍ଜନା ପଡି ରହିଛି। କୋଠା ପରିସର ପରିଷ୍କାର ପରିଚ୍ଛନତା କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ୱାର୍ଡର କର୍ପୋରେଟର ସାବିତ୍ରୀ କର୍ପୋରେଟର ସାବିତ୍ରୀ ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଶିଳ୍ପାଞ୍ଚଳଠାରୁ ସୂର୍ଯ୍ୟ ନଗର ଯାଏଁ ରାସ୍ତା ଓ ଡ୍ରେନେଜ ମରାମତି ପାଇଁ ବିଏମସି ପକ୍ଷରୁ ଟେଣ୍ଡର ହୋଇଛି। ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।


ପୋତି ହୋଇଥିବା ଡ୍ରେନ୍।

> ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। –ଶ୍ରୀଅରବିନ୍ଦ

# ରକ୍ତ ଝୁଣୁଛନ୍ତି

ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତି କମିଟି(ଏମ୍‌ପିସି) ନିକଟରେ ରେପୋ ରେଟ୍ ୪୦ ବେସିସ୍ ପଏଣ୍ଟ ବୃଦ୍ଧି କରିଛି। ଫଳରେ ଏହା ୪.୪ ପ୍ରତିଶତରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ରେପୋ ରେଟ୍ ହେଉଛି ଏକ ହାର, ଯେଉଁଥିରେ ଆର୍‌ବିଆଇ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ପାଣ୍ଠିରେ ନିଅଣ୍ଟ ଥିଲେ ଉଧାର ଦେଇଥାଏ। ଏହା ଇନ୍‌ଫ୍ଲେଶନ ବା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରେ ବୋଲି କୁହାଯାଇଥାଏ। ପରିସଂଖ୍ୟାନ ଦେଖିଲେ ଗତ ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ୬.୯୫ ପ୍ରତିଶତ ରହିଥିଲା। ଖାଦ୍ୟସାମଗ୍ରୀ ଦର ବହୁମାତ୍ରାରେ ବଢ଼ିଯିବାରୁ ଏଭଳି ସ୍ଥିତି ଉପୁଜିଛି। ତେବେ ରେପୋ ରେଟ୍ ବଢ଼ିଯିବା ପରେ ବ୍ୟକ୍ତିଗତ ଓ ଗୃହ ଋଣ ବୃଦ୍ଧି ପାଇବା ସ୍ୱାଭାବିକ। ଏଭଳି ସ୍ଥଳେ ୭ ମେ ୨୦୨୨ରେ ତୈଳ ବିପଣନ କମ୍ପାନୀ ବା ଅଏଲ୍ ମାର୍କେଟିଂ କମ୍ପାନିଜ୍ ( ଓଏମ୍‌ସି) ରନ୍ଧନ ଗ୍ୟାସ୍ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୫୦ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ୧୪.୨ କେଜିର ଗୋଟିଏ ସିଲିଣ୍ଡର ଭୁବନେଶ୍ୱରରେ ୧,୦୨୬ ଟଙ୍କାରୁ ଅଧିକ ହୋଇଥିବା ବେଳେ ମାଲକାନଗିରିରେ ୧,୦୫୦ ଟଙ୍କା ଛୁଇଁଛି। ୨୦୨୧ ଏପ୍ରିଲ ପରେ ଗୋଟିଏ ବର୍ଷ ମଧ୍ୟରେ ସିଲିଣ୍ଡର ପିଛା ୧୯୦ ଟଙ୍କା ବଢ଼ିଛି। ନିଶ୍ଚିତ ଭାବେ ଏହା ପ୍ରତି ପରିବାର ଉପରେ ଆର୍ଥିକ ବୋଝ ଲଦି ଦେଇଛି।

ଏକ ଜନମଙ୍ଗଳ ରାଷ୍ଟ୍ରରେ ଲୋକ କଲ୍ୟାଣ ହେବା କଥା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ନୀତି ପ୍ରଣୟନକାରୀଙ୍କ ମନୋଭାବ ଦେଖିଲେ ମନେହେଉଛି ଯେପରି ତୈଳ ବିପଣନ କମ୍ପାନୀଗୁଡ଼ିକର



ଲାଭ ପାଇଁ ସବୁକିଛି କରାଯାଉଛି। କୁହାଯାଇପାରେ ଯେତେବେଳେ ଶାସକ ଦଳକୁ ଭୋଟ ଲୋଡ଼ା ହେଉନାହିଁ, ସେତେବେଳେ ପ୍ରତ୍ୟେକ ସାମଗ୍ରୀର ଅହେତୁକ ଦରବୃଦ୍ଧି କରିଦିଆଯାଉଛି। ସେହି ସମୟରେ କୌଣସି ଏକ କ୍ଷୁଦ୍ର ବିଷୟକୁ ନେଇ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିବା ସକାଶେ ସବୁ ଶକ୍ତି ବ୍ୟବହାର କରି ଜନସାଧାରଣଙ୍କ ଦୃଷ୍ଟି ବାସ୍ତବ ସମସ୍ୟାଠାରୁ ଦୂରେଇ ଦିଆଯାଉଛି। ଆଗକୁ ନିର୍ବାଚନ ଥିଲେ କେନ୍ଦ୍ରରେ ଶାସିତ ସରକାର ପେଟ୍ରୋଲ, ଡିଜେଲ ଓ ଏଲ୍‌ପିଜିର ମୂଲ୍ୟକୁ ସ୍ଥିର ରଖିଥାଆନ୍ତି। ଏହିସବୁ ସାମଗ୍ରୀର ଦାମ୍ ଯେତେବେଳେ ବଢ଼ୁଛି ସେତେବେଳେ ସରକାରଙ୍କୁ ପ୍ରଶ୍ନ କରାଗଲେ ଉତ୍ତର ମିଳୁଛି ଯେ, ସ୍ୱୟଂକ୍ରିୟ ବ୍ୟବସ୍ଥାରେ ମୂଲ୍ୟ ବୃଦ୍ଧି କିମ୍ବା ହ୍ରାସ ହୋଇଥାଏ।

> **କୁହାଯାଇପାରେ ଯେତେବେଳେ ଶାସକ ଦଳକୁ ଭୋଟ ଲୋଡ଼ା ହେଉନାହିଁ, ସେତେବେଳେ ପ୍ରତ୍ୟେକ ସାମଗ୍ରୀର ଅହେତୁକ ଦରବୃଦ୍ଧି କରିଦିଆଯାଉଛି। ସେହି ସମୟରେ କୌଣସି ଏକ କ୍ଷୁଦ୍ର ବିଷୟକୁ ନେଇ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିବା ସକାଶେ ସବୁ ଶକ୍ତି ବ୍ୟବହାର କରି ଜନସାଧାରଣଙ୍କ ଦୃଷ୍ଟି ବାସ୍ତବ ସମସ୍ୟାଠାରୁ ଦୂରେଇ ଦିଆଯାଉଛି।**

ଭାରତର ଅର୍ଥନୀତି କେତେ ଦୁର୍ବଳ ହୋଇଗଲାଣି ତାହାର ଦୃଷ୍ଟାନ୍ତ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୭୭ ଟଙ୍କାରେ ପହଞ୍ଚିବାରୁ ବୁଝିହେଉଛି। ଏଥିପାଇଁ ଅନ୍ତର୍ଜାତୀୟ ସ୍ଥିତିକୁ ଦୋଷ ଦିଆଯାଉଛି। କିନ୍ତୁ ୨୦୧୪ରୁ ଅଦ୍ୟାବଧି ଦେଖିଲେ ବୁଝାପଡ଼ୁଛି ଯେ, ସବୁବେଳେ ନିର୍ବାଚନରେ ଜିତିବା ପାଇଁ ଅତ୍ୟଧିକ ମାତ୍ରାର ମନ୍ଦ ଉଦ୍ଦେଶ୍ୟ ରଖାଯାଇ ବିଭିନ୍ନ ଅର୍ଥନୈତିକ ନିଷ୍ପତ୍ତି ନିଆଯାଉଛି। ଏହା ପରେ ପ୍ରବଳ ଅର୍ଥ ଖର୍ଚ୍ଚ କରି ବିଜ୍ଞାପନ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ଅନେକ ଅସତ୍ୟ ପ୍ରଚାର କରାଯାଉଛି। କୁହାଯାଉଛି, ଯେଉଁ ଅସୁବିଧା ବା ଦରବୃଦ୍ଧି ଘଟୁଛି ତାହା ସାଧାରଣ ନାଗରିକର ଦେଶ ଗଠନ ପାଇଁ ଅବଦାନସ୍ୱରୂପ। ଫଳରେ ଅର୍ଥନୀତିକୁ ମାଡ଼ କରି ରାଜନୈତିକ ଲାଭ ଉଠାଯାଉଛି। ଏହାଦ୍ୱାରା ଦେଶ ଖୁବ୍ ଶୀଘ୍ର ଶ୍ରୀଲଙ୍କା ଭଳି ପରିସ୍ଥିତିକୁ ଯିବ ବୋଲି ଅର୍ଥନୀତିଜ୍ଞମାନେ କହିବାକୁ ଆରମ୍ଭ କଲେଣି।

ବାରମ୍ବାର ଏହି ସ୍ତମ୍ଭରେ କହିଆସିଛୁ ଯେ, ସାମଗ୍ରୀର ଦରଦାମକୁ ନିୟନ୍ତ୍ରଣରେ ରଖାଯାଇପାରିବ, ଯଦ୍ୱାରା ଜନସାଧାରଣଙ୍କ ଉପରେ ଆର୍ଥିକ ବୋଝ ପଡ଼ିବ ନାହିଁ। ସେଥିପାଇଁ ପ୍ରଥମେ ପେଟ୍ରୋଲିୟମ୍‌ଜାତ ପଦାର୍ଥକୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଅନ୍ତର୍ଭୁକ୍ତ କରାଯାଇପାରନ୍ତା। କିନ୍ତୁ ଆଜିର ସରକାର ମାନିବାକୁ ପ୍ରସ୍ତୁତ ନୁହେଁ। ସେହି ଗୋଟିଏ ଚାବିରେ ସମସ୍ତଙ୍କ ରକ୍ତ ଝୁଣୁଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | 5 | 8 | | |
| | | 3 | 4 | 1 | | | 6 | |
| | | | | | | 5 | 1 | 7 |
| | | 5 | | 6 | | | | |
| | | 9 | 3 | | 7 | | | |
| 3 | 1 | | 9 | 4 | | | | 8 |
| 7 | | | | | | | | |
| 1 | | | | | 6 | | | |
| | | | 5 | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 8 | 7 | 3 | 1 | 2 | 4 | 6 |
| 2 | 4 | 1 | 6 | 9 | 5 | 8 | 7 | 3 |
| 6 | 3 | 7 | 2 | 8 | 4 | 5 | 1 | 9 |
| 1 | 8 | 6 | 5 | 4 | 7 | 3 | 9 | 2 |
| 3 | 7 | 5 | 9 | 2 | 8 | 4 | 6 | 1 |
| 4 | 2 | 9 | 1 | 6 | 3 | 7 | 8 | 5 |
| 8 | 9 | 3 | 4 | 1 | 2 | 6 | 5 | 7 |
| 7 | 6 | 2 | 8 | 5 | 9 | 1 | 3 | 4 |
| 5 | 1 | 4 | 3 | 7 | 6 | 9 | 2 | 8 |

ଗତକାଲିର ଉତ୍ତର

# ଏମାନେ ଅଛନ୍ତି ବୋଲି



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ମଣିଷ ଜୀବନ ସୁଖଦୁଃଖ, ଭଲମନ୍ଦ ଓ ହସକାନ୍ଦର ଅସରନ୍ତି କଥାଟିଏ। ସେମିତି ପୁଣି ଆମ ସମାଜ। ସତ୍ୟ ଅସତ୍ୟ, ନୀତିଅନୀତି ବା ଆଚାର ଅନାଚାରର ଦ୍ୱିବିଧତା ମଧ୍ୟରେ ଏହା ସତେ ପରିପୁଷ୍ଟ। ତେବେ ଜୀବନ ହେଉ କି ସମାଜ, ଏ ଦୁହିଁଙ୍କର କଥା ଯେତେ କୁହାଗଲେ ବି ତଥାପି କିଛି କହିବାକୁ ବାକି ରହିଥାଏ। କଥାଟି ସମ୍ପୂର୍ଣ୍ଣ ବ୍ୟକ୍ତିଗତ ହୋଇପାରେ। ଏହା ସହ ଅନ୍ୟ କାହାର କିଛି ସମ୍ପର୍କ ନ ଥାଇପାରେ। ତଥାପି ଏହାକୁ ଅଲୋଡ଼ା କହି ଦୂରକୁ ଫିଙ୍ଗିଦେଇ ହୁଏନା। କଥା ତ ନୁହେଁ, ତାହା ଏମିତି ଏକ ଅନୁଭବ, ଯାହା କେତେବେଳେ ଶୀତଳ ଚନ୍ଦନ ହୋଇ ମନ ଓ ଚୈତନ୍ୟକୁ ସୁରଭିତ କରେ ତ ଅନ୍ୟବେଳେ ଦାରୁଣ ବ୍ୟଥାରେ ମନ୍ଥି ପକାଏ ହୃଦୟକୁ। ଏହି ଅନୁଭବ ମଧ୍ୟରେ କେଉଁଠି ପ୍ରତିବିମ୍ବିତ ହୁଏ ଚରମ ସ୍ୱାର୍ଥସେବାର ଉତ୍ତାଳ ତରଙ୍ଗର ଚିତ୍ର ତ ଅନ୍ୟ କେଉଁଠି ପ୍ରତିଧ୍ୱନିତ ହୁଏ ପରାର୍ଥପ୍ରାଣତାର ଓଁକାର ଉଚ୍ଚାରଣ। ମାତ୍ର ଫରକ ଏତିକି, ସ୍ୱାର୍ଥର ସଡ଼କରେ ବାଟ ଚାଲି ନିଜ ପାଇଁ ସକଳ ସୁଖଦୁଃଖ ସାଉଁଟୁଥିବା ସାଧାରଣମାନେ ସବୁରି ବିସ୍ମୃତିରେ ହଜିଯାଉଥିବା ବେଳେ ଚିରକାଳ ଜନସ୍ମୃତିରେ ସଂଜୀବିତ ରହିଥା'ନ୍ତି ଅନ୍ୟର ଦୁଃଖମୋଚନ ପାଇଁ ନିଜ ଜୀବନକୁ ସମର୍ପିତ କରିଥିବା ଅନନ୍ୟ ଅସାଧାରଣମାନେ।

ଏହି ଅନନ୍ୟ ଅସାଧାରଣମାନେ ହୋଇପାରନ୍ତି ଧନୀ ବା ଗରିବ, ଶିକ୍ଷିତ ଅବା ଅଶିକ୍ଷିତ, ପୋଲିସ, ପ୍ରଫେସର କିମ୍ବା ମାମୁଲି ମାଳୀର ଦରିଦ୍ର ସନ୍ତାନ। ଦୁଃଖୀର ଦୁଃଖ ଲାଘବ କରି ନ ପାରିଲେ ବା ଅସହାୟକୁ ସହାୟ ହୋଇ ନ ପାରିଲେ ଏମାନେ ନିଜକୁ ପରିପୂର୍ଣ୍ଣ ମନେ କରିପାରନ୍ତି ନାହିଁ। ଅନ୍ୟ କାହାର ସ୍ୱୀକୃତି ବା ପ୍ରଶସ୍ତିକୁ ଅପେକ୍ଷା ନ କରି ଏମାନେ ନୀରବରେ ଆଗେଇ ଚାଲନ୍ତି ନିଜ ନିଜର ସାଧନା ପଥରେ। ଏମାନଙ୍କ ନାଁ କାନରେ ପଡ଼ିଲେ ଅନ୍ତର ପୂରିଉଠେ ଅନିର୍ବଚନୀୟ ମୁଗ୍ଧ ଅନୁଭବରେ। ଜୀବନର ଯାବତୀୟ ଜଞ୍ଜାଳ ଓ ଜଟିଳତା ତଥା ଅବକ୍ଷୟୀ ସମାଜର ସକଳ କାଳିମା ସତ୍ତ୍ୱେ ଏ ସଂସାର ତଥାପି ଅପରିବର୍ଜନୀୟ ବୋଲି ମନରେ ବିଶ୍ୱାସ ଜନ୍ମେ।

ମଦୁରାଇର ମନ୍ଦିର ବେଢ଼ାରେ ଭକ୍ତମାନଙ୍କୁ ଫୁଲମାଳ ବିକୁଥାଏ ପନ୍ଦର ବର୍ଷୀୟା ତରୁଣୀଟିଏ। ସ୍କୁଲ ପାଠପଢ଼ା ମଧ୍ୟରେ ବାପାଙ୍କ ବେଉସା ସମ୍ଭାଳିବାର ସାମୟିକ ଦାୟିତ୍ୱ ମୁଣ୍ଡାଉଥାଏ ସେ। ଦିନେ ଫୁଲ ବିକୁଥିବା ବେଳେ ତା' ନଜରରେ ପଡ଼ିଲା ମୁଣିଟିଏ। ମୁଣିଟିକୁ ଆଣି ଦେଖିଲା କିଛି କାଗଜପତ୍ର ସାଙ୍ଗକୁ ତିନିବିଡ଼ା ନୋଟ୍, ଯାହାର ପରିମାଣ ଥିଲା ତିନି ଲକ୍ଷ ଟଙ୍କା। ବର୍ଷକ ପରେ ମାଟ୍ରିକ୍ ପରୀକ୍ଷା ଦେବାକୁ ଯାଉଥିବା ପିଲାଟି ତା' ଅଭାବୀ ବାପାର ଦାରିଦ୍ର୍ୟକୁ ଭଲ ଭାବେ ବୁଝି ସାରିଥିଲା। ତଥାପି ପରିବାରର ଦାରିଦ୍ର୍ୟ ବା ତାରୁଣ୍ୟର ଚପଳତାରେ ଦୁର୍ବଳ ନ ହୋଇ ସେ ମୁଣିଟିକୁ ମନ୍ଦିର ଅଫିସ୍‌ରେ ଜମା ଦେଇଥିଲା। କେବଳ ସେତିକି ନୁହେଁ, ତା' ପରଦିନ ମୁଣିର



ମାଲିକ ମନ୍ଦିର ଅଫିସ୍‌ରୁ ତାଙ୍କ ହୃତ ସମ୍ପଦ ଫେରାଇ ନେଲାବେଳେ ପିଲାଟିର ଅପୂର୍ବ ସାଧୁତାର ମୂଲ୍ୟ ସ୍ୱରୂପ ତା' ହାତରେ ପାଞ୍ଚ ହଜାର ଟଙ୍କା ଗୁଞ୍ଜି ଦେଲା ବେଳେ ସେ ତା' ନିଜ ଢଙ୍ଗରେ ପ୍ରତିବାଦ କରିଥିଲା ଓ କହିଥିଲା, ''ଯାହା ମୋର ନୁହେଁ, ତାହା ମୁଁ ଗ୍ରହଣ କରିପାରିବି ନାହିଁ।'' ଆଃ, କଞ୍ଚା ବୟସରେ କି ବିରଳ ସାଧୁତା! କି ଅଭିନବ ଅନାସକ୍ତି!!

ନାହିଁ ନାହିଁର ଜୀବନ ବଞ୍ଚୁଥିବା ଏକ ଗରିବ ବାଳକ ଯେମିତି ଜୀବନକୁ ଚିହ୍ନିଛି, ସେମିତି ଚିହ୍ନିଛନ୍ତି କି ଆମ ଭଳି ବିଜ୍ଞ ବୟସ୍କମାନେ ? ନିଜ ନିଜର ଭିତରକୁ ନିରେଖି ଦେଖିବାର ଏହି ପ୍ରଶ୍ନଟିର ଉତ୍ତରରେ ଆଉ ଏକ ଉଜ୍ଜ୍ୱଳ ଉଦାହରଣ। ମାଟ୍ରିକ୍ ପରୀକ୍ଷାରେ କ୍ରମାଗତ ଦୁଇଥର ଫେଲ୍ ହେଲା ପରେ ନିଜ ଉପରୁ ଆସ୍ଥା ହରାଇ ଘରର ପୁଳାଏ ସୁନା ଗହଣା ସହ ଏକ ଅଜଣା ଲକ୍ଷ୍ୟରେ ପାଦ ବଢ଼ାଇଲେ ଦୁଇ ଗ୍ରାମ୍ୟ ତରୁଣ। ରାଜଧାନୀ ସହରରେ ପହଞ୍ଚି ଗହଣାତକ ବିକିବାକୁ ପ୍ରସ୍ତୁତ ହେଉଥିଲା ବେଳେ ଜଣେ ଅସାମାଜିକ ଅପରାଧୀ ହାବୁଡ଼ରେ ପଡ଼ିଗଲେ। ସେମାନଙ୍କ ପାଇଁ ଏକ ସହଜ ଜୀବନର ବ୍ୟବସ୍ଥା କରିଦେବ ବୋଲି ବିଶ୍ୱାସ ଜନ୍ମାଇ ସେ ମୂଲ୍ୟବାନ୍ ଅଳଙ୍କାରତକ ହାତେଇବାକୁ ଉଦ୍ୟମ କରୁଥିବାବେଳେ ଅଚାନକ ଦୃଶ୍ୟପଟରେ ଆବିର୍ଭୂତ ହେଲେ ସ୍ଥାନୀୟ ଥାନାର ଜଣେ ପୋଲିସ। ପୋଲିସବାବୁ ଚାହିଁଥିଲେ ପଳାତକ ପିଲାଦୁହିଁଙ୍କୁ ନେଇ ଆଇନର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିପାରିଥାନ୍ତେ କିମ୍ବା ନିଜର ଅନ୍ୟ କିଛି ଅସାଧୁ ସହକର୍ମୀଙ୍କ ପରି ସୁରକ୍ଷାର କବଚ ପିନ୍ଧାଇବା ନାଁରେ ବହୁ ମୂଲ୍ୟ ଅଳଙ୍କାରତକ ହାତେଇ ନେଇପାରିଥାନ୍ତେ। ମାତ୍ର ସେ ଏମିତି କିଛି କଲେନାହିଁ। ସେ ପଥହୁଡ଼ା ପିଲାଦୁହିଁଙ୍କୁ ନିଜ ଘରକୁ ନେଇଗଲେ ଓ ତାଙ୍କ ପରିବାର ପାଖକୁ ଫେରିଯିବାକୁ ବହୁଭାବେ ପ୍ରବର୍ତ୍ତାଇଲେ। କିନ୍ତୁ ପିଲା ଦୁହେଁ ନିଜ ଘର ଠିକଣା ପ୍ରକାଶ କଲେ ନାହିଁ। ସେଇ ପୋଲିସବାବୁ ଦୀର୍ଘ ସାତଦିନ କାଳ ସେ ଦୁହିଁଙ୍କୁ ନିଜ ଘରେ ରଖି ସେ ଓ ତାଙ୍କ ପତ୍ନୀ ଶେଷରେ ପିଲାଦୁହିଁଙ୍କୁ ପ୍ରଭାବିତ କରି ସେଠାରୁ ତିନିଶହ କିମି ଦୂର ତାଙ୍କ ଗାଁରେ ନେଇ ଛାଡ଼ି ଦେଇ ଆସିଲେ। ପିଲାଦୁହିଁଙ୍କ ବିରହରେ ସେଯାଏଁ ଦାରୁଣ ଦୁଃଖ ଭୋଗୁଥିବା ସେମାନଙ୍କ ମା'ବାପା କୃତଜ୍ଞ ଆଖିର କରୁଣତା ଥିଲା ସେଇ ପୋଲିସବାବୁଙ୍କ ମହାର୍ଘ ମଣିଷପଣିଆ ନିକଟରେ ଏକ ନୀରବ ସମର୍ପଣ।

ସବୁଦିନ ଭଳି ସେଦିନ ବି ବସ୍‌ରେ ପୁରୀ ଯାଉଥା'ନ୍ତି ଅଧ୍ୟାପକ ମିଶ୍ର। ଭୁବନେଶ୍ୱରରେ ରହି ପୁରୀ କଲେଜରେ ଅଧ୍ୟାପନା କରୁଥିବା ମିଶ୍ରବାବୁ ବସ୍‌ଟିରେ ଭରପୂର ଯାତ୍ରୀ ଭିଡ଼ ସତ୍ତ୍ୱେ ନିଜ ସିଟ୍‌ରେ ବସି ଆରାମରେ ଯାତ୍ରା କରୁଥିବା ବେଳେ ହଠାତ୍ ସେ ଲକ୍ଷ୍ୟ କଲେ ଶିଶୁଟିକୁ କାଖରେ ଜାକିଛିଡ଼ାହୋଇ ଯାତ୍ରା କରୁଥିବା ମହିଳା ଜଣେ ତନ୍ଦ୍ରାଚ୍ଛନ୍ନ ହୋଇ ବାରମ୍ବାର ଟଳି ପଡୁଛନ୍ତି। ପାଖରେ ଛିଡ଼ା ହୋଇଥିବା ତାଙ୍କ ସ୍ୱାମୀଙ୍କୁ ଢୁଳାଉଥିବା ଅବସ୍ଥାରେ କାଖର ପିଲାଟି ଖସି ପଡ଼ିପାରେ ବୋଲି ସେ ସତର୍କ କରାଇଦେବାରୁ ବଡ଼ ବିକଳ ଭାବେ ସେ ଯେଉଁ ସଫେଇ ଦେଲେ ତାହା ଥିଲା ବେଶ୍ ମାର୍ମିକ। ସେମାନେ ପୂର୍ବଦିନ ସନ୍ଧ୍ୟାରୁ ସୁନ୍ଦରଗଡ଼ରୁ ବାହାରି ସକାଳେ ଭୁବନେଶ୍ୱରରେ ପହଞ୍ଚିଛନ୍ତି ଓ ଗାଡ଼ି ବଦଳାଇ ଜଗନ୍ନାଥ ଦର୍ଶନ ପାଇଁ ଯାଉଛନ୍ତି। ରାତିଅନିଦ୍ରା ଓ ଦୀର୍ଘ ଯାତ୍ରାର କ୍ଲାନ୍ତି ସାଙ୍ଗକୁ ଭିଡ଼ ବସ୍‌ରେ ଛିଡ଼ାହୋଇ ଯାତ୍ରା କରିବାର ଯନ୍ତ୍ରଣା। ସିଟ୍‌ଟାଏ ପାଇ ପରମ ଆନନ୍ଦରେ ଯାତ୍ରା କରୁଥିବା ଯାତ୍ରୀମାନେ ଯିଏ ଯାହା ଖୁସିରେ ମଗ୍ନ ଥିଲାବେଳେ ଅଧ୍ୟାପକ ମିଶ୍ର କିନ୍ତୁ ସେଇ ଅବସନ୍ନ ତରୁଣୀ ମାଆଟିର ଦୁଃଖ ଦେଖି ଉଠିପଡ଼ିଲେ ଓ ନିଜ ସିଟ୍‌ରେ ସେଇ ମହିଳାଙ୍କୁ ବସାଇ ଅବଶିଷ୍ଟ ଯାତ୍ରାପଥ ଛିଡ଼ାହୋଇ ଅତିକ୍ରମ କଲେ।

ମଦୁରାଇର ସେଇ ମାଳୀ ପିଲା, ରାଜଧାନୀର ପୋଲିସବାବୁ ଅବା ଅଧ୍ୟାପକ ମିଶ୍ର– ଏମାନେ ଅଛନ୍ତି ବୋଲି ସଂସାରଟା ବୋଧହୁଏ ଏତେ ସୁନ୍ଦର ଲାଗୁଛି। ଜୀବନ ମନେହେଉଛି ଅଧିକ ହୃଦ୍ୟ ଓ ରମଣୀୟ। ଏମାନଙ୍କୁ ଦେଖିଲେ ନିଜ ଅଲକ୍ଷ୍ୟରେ ହାତ ଯୋଡ଼ିକ ଯୋଡ଼ି ହୋଇଯାଆନ୍ତି। ଈଶ୍ୱର ବିସ୍ମୃତିରେ ହଜିଯା'ନ୍ତି କେଇ ମୁହୂର୍ତ୍ତ ପାଇଁ, କାରଣ ସେଇ ଅଦୃଶ୍ୟ ଈଶ୍ୱର ଏଇ ଦୃଶ୍ୟମାନ ପରାର୍ଥପ୍ରାଣଙ୍କଠାରୁ ଅଧିକ ଦିବ୍ୟ, ଅଧିକ ମଙ୍ଗଳମୟ ହୋଇଥିବେ ବୋଲି ମନରେ ବିଶ୍ୱାସ ହୁଏନା।

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର–୧୦**
**ମୋ: ୮୮୯୫୬୭୨୪୧୦୫**

# ମହୋଦଧିର ମହତ୍ତ୍ୱ ଓ ପର୍ଯ୍ୟଟକର ଭାବନା



ଡ. ଭାରତ ଭୂଷଣ ରଥ

ସଦ୍ୟ ପୁରୀ ସମୁଦ୍ରଜଳରେ ଜଣେ ନିରୀହ ପର୍ଯ୍ୟଟକଙ୍କର ସଲିଳସମାଧି ଜନସାଧାରଣଙ୍କୁ ବ୍ୟଥିତ କରିଛି। ହସି ହସି ବାପାଙ୍କ ସହିତ ଖେଳୁଥିବା ଶିଶୁଟିଏ ନିଜ ଆଖି ସାମ୍ନାରେ ବାପାଙ୍କୁ ଆଜୀବନ ହରେଇ ସାରିଛି, ଏ କଥା ସେ ବିଶ୍ୱାସ କରିବ କେମିତି ? ପରିବାର ହରେଇଦେଲା ଆତ୍ମୀୟ ମଣିଷଟିଏ। ତେବେ ଏଠାରେ ପ୍ରଶ୍ନ ଉଠେ ପୁରୀର ସମୁଦ୍ରକୂଳ ଏବଂ ଅନ୍ୟ ସ୍ଥାନର ସମୁଦ୍ର ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି ତାହା ପର୍ଯ୍ୟଟକମାନେ ଭଲଭାବେ ଜାଣିଛନ୍ତି କି? ପୁରୀ ସମୁଦ୍ରକୂଳ ସହିତ ଯେଉଁ ତିତ୍ତ୍ୱ ଜଡ଼ିତ ଅଛି ସେସବୁ ବିଷୟରେ ପର୍ଯ୍ୟଟକର ଭକ୍ତିଭାବ ରହିବା ଆବଶ୍ୟକ। ତା'ହେଲେ ଯାଇ ସେଠାରେ ସ୍ନାନ କରୁଥିବା ପର୍ଯ୍ୟଟକ ଭକ୍ତିର ସହିତ ସଂଯତଭାବରେ ସ୍ନାନ କରିପାରିବ। ଆମେ ଦେଖୁ ଅନେକ ପର୍ଯ୍ୟଟକ ପୁରୀ ସମୁଦ୍ରକୂଳକୁ କେବଳ ଏକ ମନୋବିନୋଦନର ସ୍ଥଳ ଭାବେ ଗ୍ରହଣ କରିସାରିଛନ୍ତି। ଶ୍ରୀଜଗନ୍ନାଥଙ୍କ ଦାରୁ ରୂପରେ ଆବିର୍ଭାବର ସ୍ଥାନ ଏହି ମହୋଦଧିର ପୁଣ୍ୟ ଜଳରାଶି ଆଜି ନାନାବିଧ ଖାଦ୍ୟପଦାର୍ଥ, ନାଳନର୍ଦ୍ଦମା ଏବଂ ଅନୈତିକ କାର୍ଯ୍ୟକଳାପର ପେଣ୍ଠସ୍ଥଳ। ତେବେ ଏ ସବୁଥି ପାଇଁ ପର୍ଯ୍ୟଟକଙ୍କୁ ଦାୟୀ କରାଯାଇପାରେନା କାରଣ ଅନେକ ଆଗନ୍ତୁକ ପର୍ଯ୍ୟଟକ ଜାଣିନାହାନ୍ତି ପୁରୀ ସମୁଦ୍ରର ମହତ୍ତ୍ୱ। ସବୁ ସମୁଦ୍ର ଭଳି ପୁରୀ ସମୁଦ୍ର ମଧ୍ୟ ଏକ ମନୋବିନୋଦନ ସ୍ଥଳ, ଏହା ଅଧିକାଂଶ ପର୍ଯ୍ୟଟକଙ୍କ ଭାବନା। ତେବେ ପୁରୀର ସମୁଦ୍ର ନୁହେଁ ମନୋବିନୋଦନର ତଟ, ଏହା ପରମ ମୋକ୍ଷତତ୍ତ୍ୱର ମାର୍ଗ; ଏହାକୁ ପର୍ଯ୍ୟଟକଙ୍କୁ ବୁଝାଇବାକୁ ହେବ।

ପୁରୀ ସମୁଦ୍ର ହେଉଛି ମହୋଦଧି। ମହୋଦଧି ହେଉଛି ଏକ ଶାସ୍ତ୍ରୀୟ ନାମ। ମହାନ୍ ଯାହାର ଉଦଧି ସେ ମହୋଦଧି। ବଙ୍ଗୋପସାଗର ବିଶ୍ୱର ବିସ୍ତୃତ ଅଞ୍ଚଳକୁ ପରିବ୍ୟାପ୍ତ ଥିଲେ ମଧ୍ୟ ପୁରୀର ସୀମିତ ଅଞ୍ଚଳରେ ବ୍ୟାପ୍ତ ଜଳରାଶିକୁ ମହୋଦଧି ବୋଲି ଶାସ୍ତ୍ରମାନେ ବର୍ଣ୍ଣନା କରିଛନ୍ତି। ସ୍କନ୍ଦ ପୁରାଣରେ ନୀଳାଚଳର ବର୍ଣ୍ଣନା ପ୍ରସଙ୍ଗରେ କୁହାଯାଇଛି, ସଂସାରର ପ୍ରଳୟ ଏବଂ ସର୍ଜନାର ସୃଷ୍ଟି ସ୍ଥଳ ହେଉଛି ପୁରୀ ମହୋଦଧିର ତଟ। ଯେତେବେଳେ ସମସ୍ତ ଭୂମଣ୍ଡଳ ପ୍ରଳୟର ବଶବର୍ତ୍ତୀ ହୋଇଯାଇଥିଲା ସେତେବେଳେ ଋଷି ମାର୍କଣ୍ଡେୟ ନିଜର ପୁଣ୍ୟବଳରେ ଭାସି ଭାସି ଆସି ମହୋଦଧି କୂଳର ବଟବୃକ୍ଷରେ ଲାଗିଲେ। ସେଠାରେ ସେ ବଟବୃକ୍ଷ ପତ୍ରରେ ବାଳମୁକୁନ୍ଦଙ୍କୁ ଦର୍ଶନ କରିଥିଲେ। ପୁରୀକୁ ଶଙ୍ଖକ୍ଷେତ୍ର ନାମରେ ଶାସ୍ତ୍ରମାନେ ସମ୍ମାନ କରନ୍ତି। ନାରାୟଣଙ୍କର ଏହି ଅତ୍ୟନ୍ତ ପ୍ରିୟ ସ୍ଥଳଟି ଶଙ୍ଖାକୃତି ହୋଇ ରହିଛି। ଏହି ଶଙ୍ଖକ୍ଷେତ୍ରର ସ୍ୱରୂପ ବିଷୟରେ କୁହାଯାଇଛି, 'ସିନ୍ଧୁରାଜସ୍ୟ ସଲିଳାଦ୍ୟାବତ୍ମୁଳଂ ବଟସ୍ୟ ବୈ। ଶଙ୍ଖସ୍ୟୋଦରଭାଗସ୍ଥୁ ସମୁଦ୍ରୋଦକସମ୍ପ୍ଳୁତଃ।' ଅର୍ଥାତ୍ ଶଙ୍ଖକ୍ଷେତ୍ରର ଉଦରଭାଗ ସମୁଦ୍ର ଜଳରେ ନିମଗ୍ନ। ତେଣୁ ଏହା ମହୋଦଧି। ସମୁଦ୍ର ଜଳରୁ ନୀଳାଚଳର ବଟବୃକ୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏକକୋଶ ସ୍ଥାନ ସୁଦୁର୍ଲଭ।

ଶାସ୍ତ୍ରମାନେ ମତ ଦିଅନ୍ତି, ଯେତେବେଳେ ରାଜା ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କୁ ଅନ୍ୱେଷଣ କରି ଜାଣିପାରିଲେ ଯେ ଶ୍ରୀନୀଳମାଧବ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି ତତ୍ପରେ ସେ ଭାବବିହ୍ୱଳିତ ହୋଇ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଛନ୍ତି। ମହୋଦଧିର



ଅପୂର୍ବ ଜଳରାଶି ଏବଂ ନୀଳାଚଳର ଭବ୍ୟ ବାତାବରଣରେ ସେ ବିମୁଗ୍ଧ ହୋଇଛନ୍ତି। ନୀଳାଚଳ ଶିଖର ପ୍ରଦେଶରେ ରାଜା ଦର୍ଶନ କରିଛନ୍ତି ଭଗବାନ ନୃସିଂହଙ୍କ ଦିବ୍ୟ ଏବଂ ତେଜୀୟାନ୍ ରୂପକୁ। ପରବର୍ତ୍ତୀ ସମୟରେ ଏହିଠାରେ ନୃସିଂହ ଉପାସନା କରି ସ୍ୱପ୍ନାଦେଶ ହୋଇଛନ୍ତି ଯେ, ସ୍ୱୟଂ ନାରାୟଣ ଦାରୁବ୍ରହ୍ମ ରୂପରେ ମହୋଦଧିରେ ଭାସମାନ। ଏହାପରେ ରାଜା ଭକ୍ତି ଗଦ୍‌ଗଦ୍ ହୋଇ ଦାରୁଙ୍କୁ ସଂଗ୍ରହ କରିଛନ୍ତି ଏବଂ ବିଗ୍ରହ ନିର୍ମାଣ କରେଇଛନ୍ତି। ଜଗନ୍ନାଥ ମହାପ୍ରଭୁଙ୍କ ପତ୍ନୀ ମହାଲକ୍ଷ୍ମୀ ସମୁଦ୍ରଙ୍କର କନ୍ୟା। ସେହି ଦୃଷ୍ଟିରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜ ଶ୍ୱଶୁର ମହୋଦଧିଙ୍କୁ ସମ୍ମାନ ଏବଂ ଭକ୍ତି କରନ୍ତି। ଆଦିଶଙ୍କରାଚାର୍ଯ୍ୟ, ଶ୍ରୀଚୈତନ୍ୟ ପ୍ରଭୃତି ବିଶ୍ୱମାନ୍ୟ ସନ୍ଥମାନେ ମହୋଦଧି କୂଳରେ ପ୍ରତିଷ୍ଠା କରିଛନ୍ତି ନିଜର ମଠ ଏବଂ ଆଶ୍ରମ। ମହୋଦଧିର ତଟ ପ୍ରଦେଶରେ ପ୍ରତିଷ୍ଠାପିତ ସ୍ୱର୍ଗଦ୍ୱାର ସୂଚେଇଦିଏ ମହୋଦଧି ନୁହେଁ ବିଳାସବ୍ୟସନର ଭୂମି। ଏହା ହେଉଛି ତ୍ୟାଗ ଏବଂ ମୋକ୍ଷର ପରମ କ୍ଷେତ୍ର। ଏଠି ପାପ ଅର୍ଜନ କରାଯାଏନାହିଁ ପରନ୍ତୁ ଜୀବନର ପାପ କ୍ଷାଳନ ହୁଏ। ମହୋଦଧିର ତଟପ୍ରଦେଶରେ ଅନେକ ମନ୍ଦିର ଏବଂ ମଠ ପ୍ରତିଷ୍ଠାପନର ଅନ୍ତର୍ନିହିତ କାରଣଟି ହେଉଛି, ମହୋଦଧିର ପବିତ୍ରତାକୁ ବଜାୟ ରଖିବା ଏବଂ ଜୀବନର ମୂଲ୍ୟକୁ ଅନୁଭବ କରି ଏହିଠାରେ ଧ୍ୟାନସ୍ଥ ହେବା। ସେଇଥିପାଇଁ ତ ପ୍ରାଚୀନକାଳର ସାଧବପୁଅମାନେ ନିଜର ବେପାରବଣିଜ ପାଇଁ ସମସ୍ତ ସମୁଦ୍ର କୂଳକୁ ବିନିଯୋଗ କରୁଥିଲେ ମଧ୍ୟ ପୁରୀର ମହୋଦଧିକୁ କେବଳ ଭକ୍ତିର ଭାବରେ ବାନ୍ଧିରଖିଥିଲେ। ଏଠାରେ ସେମାନେ ବେପାରବଣିଜ କରିନାହାନ୍ତି। ଭକ୍ତି ହେଉଛି ମହୋଦଧିର ସ୍ୱରୂପ। କାରଣ ଏହାର ପବିତ୍ର ଜଳ ସ୍ପର୍ଶରେ ଭକ୍ତ ହୁଏ ଭାବବିହ୍ୱଳ । ସେଥିପାଇଁ ତ ସାମୁଦ୍ରିକ ବନ୍ୟା, ବାତ୍ୟା, ଝଡ଼ ପ୍ରଭୃତି ଦୁର୍ଦ୍ଧର୍ଷ ପ୍ରାକୃତିକ ବିପର୍ଯ୍ୟୟ ବେଳେ ମଧ୍ୟ ପୁରୀର ସାଧାରଣ ମଣିଷ ମହୋଦଧି ଉପରେ ବିଶ୍ୱାସ ରଖେ। ମୃତ୍ୟୁ ପାଖରେ ଜୀବନକୁ ସୁରକ୍ଷିତ ରଖିବା ପାଇଁ ଆତ୍ମସମର୍ପଣ କରିବା କ'ଣ କେବେ ସମ୍ଭବ ? କିନ୍ତୁ ହଁ; ତାହା ସମ୍ଭବ ହୋଇଛି କେବଳ ମହୋଦଧିରେ। ଭକ୍ତର ଭକ୍ତି ଏବଂ ବିଶ୍ୱାସକୁ ସମ୍ମାନ ଦେଇଛି ମହୋଦଧି ଏବଂ ଇତିହାସରେ କେବେ ମଧ୍ୟ ଦୃଷ୍ଟିଗୋଚର ହୋଇନାହିଁ ପୁରୀର ମହୋଦଧି ତା'ର ଆଶ୍ରିତମାନଙ୍କ ଉପରେ ଦାଉ ସାଧିଛି।

ମହୋଦଧି ହୋଇପାରେ ଆମ ଜୀବନଧାରଣର ମାର୍ଗ। ଏହାର କୂଳରେ ଶଙ୍ଖ, ସାମୁଦ୍ରିକ ଦ୍ରବ୍ୟ, ସମୁଦ୍ର କୂଳକୁ ପ୍ରଦୂଷିତ ନ କରୁଥିବା ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ, ଫଟୋଗ୍ରାଫି ପ୍ରଭୃତି କରି ଆମେ ମହୋଦଧିକୁ ସମ୍ମାନ କରି ଜୀବନ ଜିଇପାରିବା। କିନ୍ତୁ ମହୋଦଧିକୁ ପ୍ରଦୂଷିତ କରିବା ଆମର ଲକ୍ଷ୍ୟ ନ ହେଉ। ଠିକ୍ ସେହିଭଳି ମହୋଦଧିରେ ସ୍ନାନ କରୁଥିବା ପର୍ଯ୍ୟଟକ ଏଠାରେ ଭକ୍ତି ଏବଂ ଶ୍ରଦ୍ଧାର ସହିତ ସ୍ନାନ କରୁ। ମହୋଦଧି ସ୍ନାନ ଅନେକ ମାରାତ୍ମକ ରୋଗରୁ ଉପଶମ ଦେଉଥିବାର ପ୍ରମାଣ ମଧ୍ୟ ଦୃଷ୍ଟିଗୋଚର ହୁଏ। ତେଣୁ ମହୋଦଧି ସ୍ନାନ ବିଳାସ ବ୍ୟସନର ସ୍ନାନ ନ ହେଉ । ମହୋଦଧି ସ୍ନାନ ହେଉଛି ମୋକ୍ଷର ସ୍ନାନ। ଏହା ଆମ ସଂସ୍କୃତିର ଅନ୍ୟ ଏକ ପରମପାବନ ପ୍ରତୀକ। ମହୋଦଧିକୁ ଯଦି ପର୍ଯ୍ୟଟକ ଠିକ୍ ଭାବରେ ବୁଝିପାରିବେ ତେବେ ସେମାନେ ଜାଗରୁକ ହେବେ। ଏହା ଦ୍ୱାରା ଅକାଳରେ ପର୍ଯ୍ୟଟକଙ୍କ ପ୍ରାଣହାନି ହେବନାହିଁ। ଏଥିପାଇଁ ମହୋଦଧି କୂଳରେ ସୂଚନାଫଳକର ଆବଶ୍ୟକତା ରହିଛି।

**ଉପନିର୍ଦ୍ଦେଶକ, ଦୂରସ୍ଥ ଶିକ୍ଷା ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି, ଆ.ପ୍ର., ମୋ: ୮୮୯୭୪୨୬୨୪୩**

## ଏଇ ଭାରତରେ

ସେ ମୁସଲମାନ, ପୁଣି ଦିବ୍ୟାଙ୍ଗ ; ତଥାପି ଭାରତନାଟ୍ୟମ୍‌ର ଜଣେ ଶ୍ରେଷ୍ଠ ଡ୍ୟାନ୍ସର। ସେହି ସଫଳ କଳାକାର ହେଉଛନ୍ତି ଦିଲ୍ଲୀର ହୁସେନ। ହ୍ୱିଲ୍‌ଚେୟାର ତାଙ୍କର ଶାହା ହେଲେ ମଧ୍ୟ ବହୁ ଘାତପ୍ରତିଘାତ ମଧ୍ୟରେ ହୁସେନ ନାଚ ଶିଖି ଏବେ ୯୦ରୁ ଅଧିକ ଲୋକଙ୍କୁ ନାଚ ଶିଖାଉଛନ୍ତି ଓ ସେମାନେ ମଧ୍ୟ ସମସ୍ତେ ଦିବ୍ୟାଙ୍ଗ। କେବଳ ଭାରତନାଟ୍ୟମ୍ ନୁହେଁ, ବରଂ ସାଲ୍‌ସା ନୃତ୍ୟଗୁରୁ ଭାବେ ତାଙ୍କର ବେଶ୍ ଖ୍ୟାତି ରହିଛି। ୨୦୧୬ରେ 'ୱି ଆର୍ ୱାନ୍' ଡ୍ୟାନ୍ସ ଏକାଡେମୀ ଗଠନ କରି ସେ ନୃତ୍ୟ ଶିକ୍ଷାଦେବା ଜାରି ରଖିଛନ୍ତି। ତାଙ୍କ ପାଖରେ ୮ରୁ ଆରମ୍ଭ କରି ୬୫ ବର୍ଷ ବୟସ ଯାଏ ଲୋକେ ଭାରତନାଟ୍ୟମ୍ ଓ ସାଲ୍‌ସା ଶିକ୍ଷା କରୁଛନ୍ତି। ୩୦ ବର୍ଷୀୟ ହୁସେନ କହନ୍ତି, ପଢ଼ିବା ଓ ନୃତ୍ୟ ଶିକ୍ଷା କରିବାରେ ତାଙ୍କୁ ଏକ ସଂଘର୍ଷମୟ ସମୟ ଦେଇ ଗତିକରିବାକୁ ହୋଇଛି। ଜନ୍ମର ବର୍ଷେ ଭିତରେ ସେ ପୋଲିଓ ଆକ୍ରାନ୍ତ ହୋଇଥିଲେ। ସେ ଫିଜିକାଲ ୱିଥ୍ ଡିଜାବିଲିଟି (ପିଡବ୍ଲୁଡି) ପିଲାମାନଙ୍କ ସହ ଶିକ୍ଷା ଲାଭ କରି ଭାରତନାଟ୍ୟମ୍ ମଧ୍ୟ ଶିକ୍ଷା କରିଥିଲେ। ପରେ ବିଭିନ୍ନ କାର୍ଯ୍ୟକ୍ରମରେ ତାହା ପ୍ରଦର୍ଶନ କରିବା ସହ ନିଜେ 'ୱି ଆର୍ ୱାନ୍' ଡ୍ୟାନ୍ସ ଏକାଡେମୀ ଗଠନ କରି ଅନ୍ୟ ଦିବ୍ୟାଙ୍ଗଙ୍କୁ ଡ୍ୟାନ୍ସ ପ୍ରତି ଆକୃଷ୍ଟ କରିପାରିଛନ୍ତି। ସେ ଓ ତାଙ୍କ ସାଥୀ ଛାତ୍ରମାନେ ଏବେ ସୁଦ୍ଧା ୮ଟି ଦେଶରେ ୧,୫୦୦ରୁ ଊର୍ଦ୍ଧ୍ୱ ଶୋ'ରେ ଭାଗ ନେଇଛନ୍ତି। ହ୍ୱିଲ୍‌ଚେୟାରରେ ତାଙ୍କର ଡ୍ୟାନ୍ସ ପ୍ରଦର୍ଶନ ବେଶ୍ ଆକର୍ଷଣୀୟ ହେଉଛି। ସେ ମଧ୍ୟ ହ୍ୱିଲ୍‌ଚେୟାରରେ ମଣିପୁରୀ ସମରକଳା ଏବଂ ଯୋଗ ପ୍ରଦର୍ଶନ କରିବାରେ ଧୁରନ୍ଧର। ଦିଲ୍ଲୀ ବ୍ୟତୀତ ଭାରତର ବିଭିନ୍ନ ସହରରେ ଅଧିକ ଡ୍ୟାନ୍ସ ସେଣ୍ଟର ଖୋଲି ଦିବ୍ୟାଙ୍ଗମାନଙ୍କୁ ଭାରତନାଟ୍ୟମ୍ ଶିକ୍ଷା ଦେବା ଲାଗି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ମେ ୧୯୯୭

- ବିଧିବଦ୍ଧ ଭାବରେ ପ୍ରାଥମିକ ସଭ୍ୟା ରୂପରେ ସୋନିଆ ଗାନ୍ଧୀଙ୍କ କଂଗ୍ରେସରେ ଯୋଗଦାନ।
- ଆସାମର ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଶ୍ରମିକ ନେତା, ସ୍ୱାଧୀନତା ସଂଗ୍ରାମୀ ତଥା ପଦ୍ମଭୂଷଣ ବିଜୟ ଚନ୍ଦ୍ର ଭଗବତୀଙ୍କ ପରଲୋକ।
- ବରିଷ୍ଠ ସାମ୍ବାଦିକ ଜଗମୋହନଙ୍କର ୭୫ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଖବରଦାତାଙ୍କ ସୁରକ୍ଷା ଚିନ୍ତା ନାହିଁ

ମହାଶୟ,

ରାଜ୍ୟରେ କର୍ତ୍ତବ୍ୟରତ ଖବରଦାତାମାନେ ଅସୁରକ୍ଷିତ ଅବସ୍ଥାରେ ଥିବା ବାରମ୍ବାର ଅଭିଯୋଗ ପରେ ମଧ୍ୟ 'ସାମ୍ବାଦିକ ସୁରକ୍ଷା ଆଇନ' କିମ୍ବା କୌଣସି ସୁରକ୍ଷିତ ବ୍ୟବସ୍ଥା ରାଜ୍ୟ ସରକାର କରିପାରିଲେ ନାହିଁ। ଏଥିପାଇଁ ଖବର ସଂଗ୍ରହ କରୁଥିବା ଖବରଦାତାମାନେ ବାରମ୍ବାର ବିଭିନ୍ନ ଅସାମାଜିକ ଲୋକଙ୍କ ଆକ୍ରମଣର ଶିକାର ହେଉଛନ୍ତି। ପ୍ରେସ୍ ସ୍ୱାଧୀନତା, ସମ୍ବାଦପତ୍ର ଓ ସାମ୍ବାଦିକମାନଙ୍କ ସୁରକ୍ଷାକୁ ନେଇ ସମସ୍ତେ ବ୍ୟାକୁଳତା ପ୍ରଦର୍ଶନ କରୁଛନ୍ତି। ମାତ୍ର ସେମାନଙ୍କ ସୁରକ୍ଷା ଉପରେ କାହାରି ଚିନ୍ତା ନାହିଁ। କେବଳ ଯନ୍ତ୍ରଣା ହିଁ ଯନ୍ତ୍ରଣା। ବର୍ତ୍ତମାନର ସରକାର ହୁଅନ୍ତୁ କିମ୍ବା ଅତୀତରେ ସରକାରଙ୍କ ସବୁ ସମୟରେ ଖବରଦାତାମାନଙ୍କ ସୁରକ୍ଷା ଉପରେ, ଗଣମାଧ୍ୟମର ସ୍ୱାଧୀନତା ଉପରେ ବାରମ୍ବାର କୁଠାରାଘାତ ଚାଲିଛି। ଗଣମାଧ୍ୟମରେ ବହୁ ଜ୍ଞାନୀ ଗୁଣୀ ଖବରଦାତା ଯେ କାର୍ଯ୍ୟରତ ସରକାର ଭୁଲି ଯାଉଛନ୍ତି। ନିଷ୍ଠା ନିରପେକ୍ଷତାରେ ରାଜ୍ୟରେ ଅନେକ ଖବରକାଗଜ ଯେ ନିଜ ଦକ୍ଷତାର ପ୍ରତିପାଦନ କରିଛନ୍ତି ସରକାର ଏହାକୁ ପାସୋରି ଯାଉଛନ୍ତି। ଗ୍ରାମାଞ୍ଚଳ ଖବରଦାତାମାନଙ୍କ କ୍ଷେତ୍ରରେ ଅନେକ ଆକ୍ରୋଶର ସମ୍ମୁଖୀନ ହୁଅନ୍ତି। ଖବରକାଗଜ ସ୍ୱାଧୀନତା ଉପରେ ଅଙ୍କୁଶ ଲାଗି ରହିଛି। ସ୍ୱଚ୍ଛତା ଏବଂ ନିରପେକ୍ଷତା ନୀତି ଅବଲମ୍ବନରେ ବିଭିନ୍ନ ବାଧାବିଘ୍ନ ଉପୁଜୁଛି। ଗ୍ରାମାଞ୍ଚଳର ଖବରଦାତାମାନେ ଗଣମାଧ୍ୟମ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିଲେ ହେଁ ନିଜର ସର୍ବନିମ୍ନ ଆବଶ୍ୟକତା, ସୁବିଧା ସୁଯୋଗ ପାଇପାରୁ ନାହାନ୍ତି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ରୂପେ ଦଣ୍ଡାୟମାନ ଗଣମାଧ୍ୟମ ସମସ୍ତ ବୁଦ୍ଧିଜୀବୀମାନଙ୍କର ସମଷ୍ଟିଗତ ଶକ୍ତିର ନମୁନା। ରାଜ୍ୟ ସରକାର ପ୍ରଚାର ପ୍ରସାର ତନ୍ତ୍ରରେ ନିୟୋଜିତ ଗଣମାଧ୍ୟମକୁ ସୁଦୃଢ଼ କରିବାକୁ ଇଚ୍ଛାଶକ୍ତି ପ୍ରକଟ କରନ୍ତୁ।

**–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

କ୍ଲିଷ୍ଟ ଧରାର ଶୀତ ସାଧନା
ଦୁର୍ଦ୍ଦିନ କ୍ଷତ ଶତ ବାସନା
ଚଞ୍ଚଳ ଗୀତ ଆଜି କବିର
ମୁଗ୍ଧ ଚେତନା ଅନୁଭବୀର
ଫଗୁଣର ସୁରଭିତ ଅବିର
ସୁନା କରିଦେବ ସବୁ ବେଦନା।
–(ଫଗୁଣ ଜ୍ୟୋତ୍ସ୍ନା)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଟପ୍ କମ୍ପାନୀର ମାର୍କେଟ୍ କ୍ୟାପ୍‌ରେ ହ୍ରାସ**

ନୂଆଦିଲ୍ଲୀ: ବିଏସ୍‌ଇ ସେନ୍‌ସେକ୍ସର ଟପ୍ ଟେନ୍ କମ୍ପାନୀଗୁଡ଼ିକର ମାର୍କେଟ୍ କ୍ୟାପ୍‌ରେ ଗତ ସପ୍ତାହରେ ୨,୮୫,୨୫୧.୭୫ କୋଟି ଟଙ୍କାର ହ୍ରାସ ଘଟିଛି। ଏହା ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଅଧିକ କ୍ଷତି ଘଟିଛି। ଗତ ସପ୍ତାହରେ ୩୦ ଶେୟାର ଯୁକ୍ତ ବିଏସ୍‌ଇ ବେଞ୍ଚମାର୍କ ୩.୮୯% ଏବଂ ଏନ୍‌ଏସ୍‌ଇର ନିଫ୍ଟିରେ ୪.୦୪% ହ୍ରାସ ଦେଖିବାକୁ ମିଳିଛି। କେବଳ ରିଲାଏନ୍ସର ମାର୍କେଟ୍ କ୍ୟାପ୍‌ରେ ୧,୧୪,୭୬୭.୫ କୋଟି ଟଙ୍କାର କ୍ଷତି ହୋଇଥିବାବେଳେ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍), ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ହିନ୍ଦୁସ୍ତାନ ୟୁନିଲିଭର, ଆଇସିଆଇସିଆଇ ବ୍ୟାଙ୍କ, ଭାରତୀ ଏୟାରଟେଲ୍, ଆଦାନୀ ଗ୍ରୀନ୍ ଏନର୍ଜୀ, ଏସ୍‌ବିଆଇ, ଇନ୍‌ଫୋସିସ୍ ଏବଂ ଏଚ୍‌ଡିଏଫ୍‌ସି ଭଳି କମ୍ପାନୀର ଶେୟାର ହ୍ରାସ ଘଟିଛି।

## ସଂକ୍ଷେପରେ

### ଚତୁର୍ଥ ଲହରରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବ

**ଭୁବନେଶ୍ୱର, ୮।୫(ବ୍ୟୁରୋ):** ରାଜ୍ୟରେ ଚତୁର୍ଥ ଲହରରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବ। କିନ୍ତୁ ହସ୍ପିଟାଲାଇଜେଶନ କମ୍ ରହିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନୀରଜ ମିଶ୍ର କହିଛନ୍ତି। ସେ କହିଛନ୍ତି, ରାୟଗଡ଼ାରେ ୬୪ଜଣ ପିଲା ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଛନ୍ତି। କିନ୍ତୁ ଯଦି ଆମେ ଟେଷ୍ଟିଂ ବଢ଼ାଇବା ତେବେ ସଂକ୍ରମିତଙ୍କ ସଂଖ୍ୟା ମଧ ବଢ଼ିବ। ତେଣୁ କେବଳ କିଶୋର କି ପିଲା ନୁହନ୍ତି, ବରଂ ସବୁ ପିଢ଼ି ଏହାଦ୍ୱାରା ସଂକ୍ରମିତ ହେବେ। ଏହାର ଲକ୍ଷଣ ମଧ ସାମାନ୍ୟ ରହିବ। ଆଗକୁ ୩ ସପ୍ତାହ ବା ୧ ମାସ ମଧ୍ୟରେ ସଂକ୍ରମଣ ଶୀର୍ଷକୁ ଯାଇପାରେ। ଯଦି ଟିକା ନେଇଥିବେ, ତେବେ ସଂକ୍ରମିତ ହେବା ଆଶଙ୍କା ମଧ କମ୍ ରହିବ ବୋଲି ଡା. ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଏବେ ଧୀରେ ଧୀରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ପୂର୍ବରୁ ଦୈନିକ ସଂକ୍ରମଣ ସଂଖ୍ୟା ୩୦ ତଳକୁ ରହିଥିବାବେଳେ ଏବେ ୭୦ ପାଖାପାଖି ପହଞ୍ଚିଲାଣି। ବିଭିନ୍ନ ରାଜ୍ୟରେ ସଂକ୍ରମଣ ବଢ଼ିଥିବାରୁ ଓଡ଼ିଶାରେ ଏହି ଗ୍ରାଫ୍ ଉପରମୁହାଁ ହେବ ବୋଲି ପୂର୍ବରୁ ବିଶେଷଜ୍ଞମାନେ ମତପ୍ରକାଶ କରିଥିଲେ।

### ଛେଚା ଖାଇଲେ ରସିକିଆ ୱାର୍ଡସଭ୍ୟ

**ରଙ୍ଗ୍ ନମ୍ବରରେ ଫୋନ କରି ମହିଳାଙ୍କୁ ପ୍ରେମ ନିବେଦନ ପଡ଼ିଲା ମହଙ୍ଗା**

**ବସ୍ତା/ଲକ୍ଷ୍ମଣେଶ୍ୱର,୮।୫(ଡି.ଏନ.ଏ.):** ରଙ୍ଗ ନମ୍ବରରେ ଜନୈକା ବିବାହିତା ମହିଳାଙ୍କୁ ବାରମ୍ବାର ଫୋନ୍ କରି ପ୍ରେମ ନିବେଦନ କରିବା ଜଣେ ରସିକିଆ ୱାର୍ଡସଭ୍ୟଙ୍କ ପାଇଁ ମହଙ୍ଗା ପଡ଼ିଛି। ମହିଳାଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କ ହାତଗୋଡ଼ ବାନ୍ଧି ନିର୍ଘୁମ ଛେଚିବା ଚର୍ଚ୍ଚାର ବିଷୟ ହୋଇଛି। ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳରେ ଘଟିଛି ଏହି ଘଟଣା। ସୂଚନା ଅନୁଯାୟୀ, ବସ୍ତା ବ୍ଲକ ଅଞ୍ଚଳର ଜଣେ ନବନିର୍ବାଚିତ ୱାର୍ଡସଭ୍ୟ ସିଂଲା ଥାନା ଅଞ୍ଚଳର ଜନୈକା ମହିଳାଙ୍କୁ କିଛି ଦିନ ହେଲା ବାରମ୍ବାର ଫୋନ କରି ଅଶ୍ଳୀଳ ବାର୍ତ୍ତାଳାପ ସହ ପ୍ରେମ ନିବେଦନ କରି ଆସୁଥିଲେ। ମହିଳା ଜଣକ ଘଟଣା ସମ୍ପର୍କରେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ମହିଳାଙ୍କ ସ୍ୱାମୀ ଫୋନ୍ ନ କରିବା ପାଇଁ ସମ୍ପୃକ୍ତ ୱାର୍ଡସଭ୍ୟଙ୍କୁ ତାଗିଦ୍ କରିଥିଲେ। ମାତ୍ର ସେ କୌଣସି କଥାକୁ ଖାତିର ନ କରି ମହିଳାଙ୍କୁ ବାରମ୍ବାର ଫୋନ କରୁଥିଲେ। ଗତ ଶନିବାର ରାତିରେ ୱାର୍ଡସଭ୍ୟ ଜଣକ ମହିଳାଙ୍କ ଘର ନିକଟକୁ ଆସି ଫୋନ କରିଥିଲେ। ମହିଳାଙ୍କ ସ୍ୱାମୀ ଓ ଗ୍ରାମବାସୀ ତାଙ୍କୁ କାବୁ କରି ହାତଗୋଡ଼ ବାନ୍ଧି ନିର୍ଘୁମ ମାଡ଼ ମାରିଥିଲେ। ୱାର୍ଡସଭ୍ୟ ଜଣକ ପୂର୍ବରୁ ଦୁଇଟି ବିବାହ କରିଥିବା ବେଳେ ତାଙ୍କର ଦୁଇ ଝିଅ ଏବଂ ଜଣେ ପୁଅ ମଧ ଅଛନ୍ତି। ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ସିଂଲା ଥାନା ଅଧିକାରୀ କହିଛନ୍ତି।

### ନନ୍ଦନକାନନରେ ଆନାକୋଣ୍ଡା ଅସୁସ୍ଥ

**ବାରଙ୍ଗ,୮।୫(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନରେ ରେଡ୍ ଇଗୁୟାନ (ବିଦେଶୀ ଏଣ୍ଡୁଅ) ଓ ଆନାକୋଣ୍ଡା ସାପ ଅସୁସ୍ଥ ଥିବା ଜଣାପଡଛି। ଏଣ୍ଡୁଅ କିଛଦିନ ହେବ ଖାଉ ନ ଥିବା ବେଳେ ଆନାକୋଣ୍ଡା ଏକମାସ ହେବ ନୀଳ ରଙ୍ଗ ଝାଡା ହେଉଛି। ଡାକ୍ତରଙ୍କ ଚିକିତ୍ସା ପରେ ମଧ ସୁସ୍ଥ ହେଉ ନାହାନ୍ତି। ପ୍ରାଣୀଉଦ୍ୟାନରେ ଆନାକୋଣ୍ଡା ୫ ଟି ରହିଥିବା ବେଳେ ରେଡ ଇଗୁୟାନ ୩ ଟି ରହିଛନ୍ତି। ସୂଚନାଥାଉ କି, ଗତ ୪ ମାସ ମଧରେ ୪୦ରୁ ଊର୍ଦ୍ଧ୍ୱ ଓ ଏକ ମାସ ମଧରେ ୧୦ରୁ ଊର୍ଦ୍ଧ୍ୱ ପଶୁପକ୍ଷୀଙ୍କ ମୃତ୍ୟୁ ହୋଇଛି।

# ମା' ସର୍ବଶକ୍ତିମାନ: ରାଜ୍ୟପାଳ





ୱିମେନ ଅର୍ଗାନାଇଜେଶନ ଫର୍ ସୋସିଆଲ ୱେଲ୍‌ଫେୟାରର ସ୍ମରଣିକା 'ମୋ ମା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି। ଭର୍ଚୁଆଲରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ଆଦିଶକ୍ତିରୁ ସମସ୍ତଙ୍କ ଜନ୍ମ। ଆଦିଶକ୍ତି ବା ମା' ହେଉଛି ସର୍ବଶକ୍ତିମାନ। ଯୁଗେ ଯୁଗେ ମାତୃ ଉପାସନା ରହିଆସିଛି। ଯେଉଁଠି ମା' ଅଛି, ସେଠାରେ ଯୁଦ୍ଧ ନାହିଁ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱିମେନ ଅର୍ଗାନାଇଜେଶନ ଫର୍ ସୋସିଆଲ ୱେଲ୍‌ଫେୟାର (ୱସ୍ୱ) ପକ୍ଷରୁ ରବିବାର ସୂଚନା ଭବନରେ ରାଜ୍ୟସ୍ତରୀୟ ବିଶ୍ୱ ମାତୃ ଦିବସ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଲାଲ ଭର୍ଚୁଆଲରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସେ କହିଛନ୍ତି, ଓଡିଶାରେ

**କଳ୍ପନା ଦାସଙ୍କୁ 'ବସୁଧାମାତା ସମ୍ମାନ'**

ମାତୃଶକ୍ତିର ଉପାସନା ଅଧିକ ରହିଛି। ଏହାର ଏକ ଉଦାହରଣ ହେଉଛି ତିନିଦିନ ବ୍ୟାପୀ ରଜୋତ୍ସବ। ମା'ଙ୍କୁ ସମ୍ମାନ ଦେବା ସହିତ କନ୍ୟା ସନ୍ତାନଙ୍କ ଉପରେ ମଧ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ।

ଅନ୍ୟତମ ଅତିଥିଭାବେ ମେୟର ସୁଲୋଚନା ଦାସ ଯୋଗଦେଇ କହିଛନ୍ତି, ଭଗବାନଙ୍କୁ ଯଦି ସଶରୀରେ ଦେଖିବାର ଅଛି ତେବେ ନିଜ ମା'ଙ୍କୁ ଦେଖ। ଯିଏ ନିଜ ମା'ଙ୍କୁ ଭଗବାନ ଭାବି ପୂଜା କରେ ସିଏ ଆଗକୁ ବଢିଥାଏ। ମା' ଚିର ବନ୍ଦନୀୟା ଓ ପୂଜନୀୟା। ସମ୍ମାନିତ ଅତିଥି ଭାବେ ଭିନ୍ନକ୍ଷମ ସଶକ୍ତୀକରଣ ଓ ସାମାଜିକ ନ୍ୟାୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ, ଭାରତୀୟ ସଂସ୍କୃତିରେ ମା'ଙ୍କ ସ୍ଥାନ ସ୍ୱତନ୍ତ୍ର। ପୁରାଣରେ ଦେବୀ ପୂଜା ହେଉଛି ଏହାର ଏକ ଉଦାହରଣ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଲେ, ମା' ବିନା କୌଣସି ସୃଷ୍ଟି ବଞ୍ଚିରହିବା କଷ୍ଟକର। ସମାଜସେବୀ ପ୍ରୀତି ରାୟ କହିଲେ, ମା'ର କଷ୍ଟ କମ୍ ହେଲେ ରାଜ୍ୟରେ ଆଉ ଜରାଶ୍ରମର ଆବଶ୍ୟକ ପଡିବ ନାହିଁ। ଏହି ଅବସରରେ ୱସ୍ୱ ପକ୍ଷରୁ ପ୍ରସ୍ତୁତ ସ୍ମରଣିକା 'ମୋ ମା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ଚଳିତବର୍ଷ ଡ. କଳ୍ପନା ଦାସଙ୍କୁ 'ବସୁଧାମାତା ସମ୍ମାନ'ରେ ସମ୍ମାନିତ କରାଯାଇଥିବାବେଳେ ବସନ୍ତ କୁମାରୀ ନନ୍ଦ, ତାରାମଣି ମହାପାତ୍ର, ମାଣିକ୍ୟ ଦିଗାଲ, ପ୍ରତିମାରାଣୀ ମିଶ୍ର, ଅନାମିକା ଚୌଧୁରୀ ବାନାର୍ଜୀ, ଅନୁଶ୍ୱେତା ସିଂହଦେଓ, ଭାରତୀ ପଣ୍ଡା, ନୀରଜା ଲକ୍ଷ୍ମୀ ମହାପାତ୍ର, ମନୋଜିନୀ ବେହେରା ଓ ଶୈଳବାଳା ମିଶ୍ରଙ୍କୁ 'ଆଦର୍ଶମାତା ସମ୍ମାନ' ପ୍ରଦାନ କରାଯାଇଥିଲା। ୱସ୍ୱର ସମ୍ପାଦିକା ଜ୍ୟୋତ୍ସ୍ନା ଦାସ ସ୍ୱାଗତ ଭାଷଣ, ଇତିଶ୍ରୀ ଦୀକ୍ଷିତ ଅତିଥି ପରିଚୟ ଓ ଇତିଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।




ଆଦି ଟ୍ରାଇବାଲ୍ ଫାଉଣ୍ଡେଶନ ଓ କଳିଙ୍ଗ ଗୌରବ ଆୱାର୍ଡ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ଅଗଷ୍ଟ ୯ରେ 'ଟ୍ରାଇବାଲ କୁଇନ୍ ଗ୍ଲୋବାଲ' ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ଏକ କ୍ଲବ୍‌ରେ ପ୍ରତିଯୋଗିତାର ମାସ୍କଟ ଓ ପୁସ୍ତିକାକୁ ବଲିଉଡ୍ ନିର୍ଦ୍ଦେଶକ ଇମ୍‌ତିଆଜ ଅଲ୍ଲୀଙ୍କ ସମେତ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# 'ମାଗ ନାହିଁ, ପଡ଼ି ରହିଥିବା ଅର୍ଥ ଉପଯୋଗ କର'

**ଭୁବନେଶ୍ୱର, ୮।୫(ବ୍ୟୁରୋ)**

**ଉତ୍କଳ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗର ତାଗିଦ**

ଭିତ୍ତିଭୂମି ବିକାଶ ପାଇଁ ଓଡ଼ିଶା ମାଇନିଂ କର୍ପୋରେଶନ(ଓଏମ୍‌ସି)କୁ ଆର୍ଥିକ ସହାୟତା ମାଗିଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଏହାକୁ ନେଇ ବିଶ୍ୱବିଦ୍ୟାଳୟ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ତାଗିଦ କରିଛି ଉଚ୍ଚ ଶିକ୍ଷା ବିଭାଗ। ଅଧିକ ସହାୟତା ନ ମାଗି ପ୍ରଥମେ ନିଜ ପାଖରେ ପଡ଼ି ରହିଥିବା ଅର୍ଥକୁ ଉପଯୋଗ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ନିକଟରେ ୫୦୦ କୋଟିରୁ ଅଧିକ ଅନୁଦାନ ପଡ଼ି ରହିଛି। ତାହାକୁ ଖର୍ଚ୍ଚ କରି ନ ପାରି ପୁଣି ଆର୍ଥିକ ସହାୟତା ମାଗିବାରୁ ନିବୃତ୍ତ ରହିବାକୁ ବିଭାଗୀୟ ସଚିବ ଶାଶ୍ୱତ ମିଶ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ନିୟମିତ ଭାବେ ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଉଛନ୍ତି। ତେଣୁ ଅନ୍ୟମାନଙ୍କଠାରୁ କାହିଁକି ସହାୟତା ମଗାଯାଉଛି? ଓମ୍‌ସି କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଅର୍ଥ ମାଗିବା ଅପେକ୍ଷା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ପାଖରେ ପଡ଼ି ରହିଥିବା ଅର୍ଥକୁ ଉପଯୋଗ କରନ୍ତୁ। ଏଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସଚିବ ମିଶ୍ର ଚିଠିରେ ଦାଗିଦ କରିଛନ୍ତି।

ସୂଚନାଯୋଗ୍ୟ, ଭୂତତ୍ତ୍ୱ ବିଭାଗର ବିକାଶ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଏମ୍‌ସିକୁ ଆର୍ଥିକ ସହାୟତା ମଗାଯାଇଥିଲା। ଏକକାଳୀନ ୧୦ କୋଟି ଓ ଆସନ୍ତା ୧୦ ବର୍ଷ ପାଇଁ ବାର୍ଷିକ ୨ କୋଟି ଟଙ୍କା ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏହି ପ୍ରସ୍ତାବ ସଂକ୍ରାନ୍ତରେ ଓଏମ୍‌ସି ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲା। ଏ ଦିଗରେ କୌଣସି ଅର୍ଥ ଦିଆଯାଇଛି କି ନାହିଁ ସେକଥା ଜାଣିବାକୁ ଚାହିଁଥିଲେ ଓଏମ୍‌ସି କର୍ତ୍ତୃପକ୍ଷ। ଏହାପରେ ଉଚ୍ଚ ଶିକ୍ଷା ବିଭାଗ ଓଏମ୍‌ସିକୁ ଏ ସଂକ୍ରାନ୍ତରେ ଅବଗତ କରାଇବା ସହ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖିଥିଲେ। ଏଥିସହ ସରକାର ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟର ଏହି ଆବେଦନକୁ ଅନୁମତି ଦେଇପାରିବେ ନାହିଁ ବୋଲି ବିଭାଗ ସ୍ପଷ୍ଟ କରିଦେଇଛି। ପାଖରେ ଥିବା ଟଙ୍କାରୁ ଭୂତତ୍ତ୍ୱ ବିଭାଗର ବିକାଶ ସହଜରେ କରିହେବ ବୋଲି କୁଳପତିଙ୍କୁ କୁହାଯାଇଛି।

# ଆଇଟିଆଇ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**ବଲାଙ୍ଗୀର ଅଫିସ, ୮।୫**

- ପିପଲକଟା ବନ୍ଧରୁ ମିଳିଲା ଭାସମାନ ମୃତଦେହ
- ପ୍ରେମ ସମ୍ପର୍କକୁ ନେଇ ମିଳିଥିଲା ହତ୍ୟା ଧମକ



ଦୀପୁନ ପଧାନ

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କୁସମେଲ ଗାଁର ପିପଲକଟା(ବନ୍ଧ)ରୁ ଆଇଟିଆଇ ଛାତ୍ର ଦୀପୁନ ପଧାନ(୧୮)ଙ୍କ ମୃତଦେହ ରବିବାର ସକାଳେ ଜବତ କରାଯାଇଛି। ମୃତ ଛାତ୍ରଙ୍କ ପରିବାର ଲୋକେ ଦୀପୁନଙ୍କ ମୃତ୍ୟୁକୁ ସନ୍ଦେହଜନକ ଦର୍ଶାଇ ଘଟଣାର ତଦନ୍ତ କରିବାକୁ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଦୀପୁନ ବଲାଙ୍ଗୀର ସରକାରୀ ଆଇଟିଆଇରେ ଅଧ୍ୟୟନରତ ଥିଲେ। ଶନିବାର ରାତି ପ୍ରାୟ ୮ଟାରେ ଦୀପୁନ ତାଙ୍କର କେତେଜଣ ସାଙ୍ଗଙ୍କ ସହ ଭୋଜି କରିବାକୁ ଯାଇଥିଲେ। ହେଲେ ରାତିରେ ସେ ଘରକୁ ଫେରି ନ ଥିଲେ। ରବିବାର ସକାଳେ ପିପଲକଟା ବନ୍ଧ ପାଣିରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। କିଭଳି ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା, ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ମୃତ ଦୀପୁନଙ୍କ ପିତା ସନାତନ ପଧାନ ଚନ୍ଦନଭାଟି ଫାଣ୍ଡିରେ ଲିଖିତ ଭାବେ ଜଣାଇଛନ୍ତି ଯେ, ଦୀପୁନ ଶନିବାର ରାତି ୮ଟାରେ ତାଙ୍କର କେତେକ ସାଙ୍ଗଙ୍କ ସହ ଭୋଜି କରିବାକୁ ଯାଇଥିଲା। ତେବେ ରାତିରେ ଘରକୁ ଫେରି ନ ଥିଲେ। ତାଙ୍କ ସାଙ୍ଗମାନଙ୍କୁ ପଚାରିବାରୁ ଶନିବାର ରାତିରେ ଭୋଜି ପରେ ଦୀପୁନ ବନ୍ଧକୁ ଯାଉଛି କହି ସେଠାରୁ ଚାଲିଯାଇଥିଲେ। ଫାଣ୍ଡି ଅଧିକାରୀଙ୍କୁ ଦିଆଯାଇଥିବା ଅଭିଯୋଗରେ ଜଣେ ଝିଅ ସହ ପ୍ରେମ ସମ୍ପର୍କକୁ ନେଇ ସେହି ଗାଁର ଜଣେ ବ୍ୟକ୍ତି ଦୀପୁନଙ୍କୁ ମାରିଦେବାକୁ କୁଆଡ଼େ ଧମକ ଦେଇଥିଲେ। ଏହ ବିଷୟ ଉଲ୍ଲେଖ କରି ଘଟଣାର ତଦନ୍ତ କରିବାକୁ ଦୀପୁନଙ୍କ ପିତା ଅନୁରୋଧ କରିଛନ୍ତି। ଏ ନେଇ ବଲାଙ୍ଗୀର ଏସ୍‌ଡିପିଓ ତୋଫାନ୍ ବାଗ୍‌ଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଅସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (୭/୨୨) ରୁଜୁ ହୋଇଥିବା ଥାନାଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

## କାଉନସିଲରଙ୍କ ସ୍ୱାମୀଙ୍କୁ ହତ୍ୟା

**ତରଭା/ସୋନପୁର, ୮।୫ (ଡି.ଏନ୍.ଏ./ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ଏନ୍‌ଏସି ୧୦ ନମ୍ବର ୱାର୍ଡର ବିଜେଡି କାଉନସିଲର ନଳିନୀ ନାଏକଙ୍କ ସ୍ୱାମୀ ତଥା ଗଡ଼ଭିତର ଅଞ୍ଚଳର ସଞ୍ଜୀବ ଗୁରୁ ଓରଫ ରାଜା(୩୫)ଙ୍କୁ ଶନିବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଛି। ପରିବାର ଲୋକେ ଘରେ ଶୋଇଥିଲା ବେଳେ ସଞ୍ଜୀବ ୧୫୦ ମିଟର ଦୂର ନିଜ ଅଜାଙ୍କ ଘରେ କବାଟ ଖୋଲା କରି ଏକୁଟିଆ ଶୋଇଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ଘରେ ପଶି ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ହାଣି ହତ୍ୟା କରିଛନ୍ତି। ପରଦିନ ସକାଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଉଦ୍ଧାର କରି ପୋଲିସ ତରଭା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କାଉନସିଲର ନଳିନୀ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ତରଭା ପୋଲିସ ଏକ ମାମଲା(୧୧୦/୨୨)ରୁଜୁ କରିଛି। ପୋଲିସ ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆଣି ତଦନ୍ତ ଆରମ୍ଭ କରିଛି। ସୁବର୍ଣ୍ଣପୁରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଗତ ଜୀବନ ପଟେଲ ଓ ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ମାତ୍ର ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିନି। ଅନ୍ୟପକ୍ଷେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ତରଭା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀ କହିଛନ୍ତି, ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।



ମୃତ ସଞ୍ଜୀବ ଗୁରୁ

## ଛାତ୍ରଙ୍କୁ ଟାଣିନେଲା ବ୍ରାହ୍ମଣୀ ସୁଅ

**ଢେଙ୍କାନାଳ ଅଫିସ, ୮।୫**

**ଜଣେ ମୃତ, ୨ ଉଦ୍ଧାର**

ନଦୀ ଗାଧୁଆର ମଜାନେବାକୁ ସାଙ୍ଗ ହୋଇ ଯାଇଥିଲେ ୭ଜଣ ଛାତ୍ର। ଗାଧୋଇବା ବେଳେ ବ୍ରାହ୍ମଣୀ ନଦୀର ପ୍ରଖର ସୁଅ ଟାଣିନେଲା ୩ଜଣଙ୍କୁ। ଘାଟ ନିକଟରେ ଥିବା ଲୋକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୨ଜଣ ଉଦ୍ଧାର ହୋଇଥିବାବେଳେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ରାଧାଦେଇପୁର ପଞ୍ଚାୟତ ନୂଆପଡ଼ା ଘାଟରେ ରବିବାର ଅପରାହ୍ନରେ ଘଟିଛି ଏହି ଦୁଃଖଦ ଘଟଣା।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ରବିବାର ସ୍କୁଲ ଛୁଟି ଥିବାରୁ ନୂଆପଡ଼ା ଗ୍ରାମର ୭ଜଣ ପିଲା ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ନବମ ଶ୍ରେଣୀ ଛାତ୍ର ସୁଧାବିନ୍ଦୁ ବେହେରା, ମୁନା ସାହୁ ଏବଂ ଶୁଭମ୍ ଜେନା। ନଦୀର ଗୋଟିଏ ପଟେ ପାଣି ଥିବାବେଳେ ସ୍ରୋତ ପ୍ରଖର ଥିଲା। ତେବେ ଏହାକୁ ଅନୁମାନ କରିପାରି ନ ଥିଲେ ସେମାନେ। ଫଳରେ ସୁଅ ମୁହଁରେ ପଡ଼ି ସମ୍ପୃକ୍ତ ୩ ଜଣ ଭାସିଯାଇଥିଲେ। ସେଠାରେ ଗାଧୋଉଥିବା ଲୋକମାନେ ମୁନା ଏବଂ ଶୁଭମ୍‌ଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିବାବେଳେ ସୁଧାବିନ୍ଦୁ ଗଣ୍ଡରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ସୂଚନା ପାଇ ଅଗ୍ନିଶମ କର୍ମଚାରୀ, ଓଡ୍ରାଫ୍ ଟିମ୍ ଏବଂ ପୋଲିସ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ରାତି ପ୍ରାୟ ୯ଟାରେ ଘଟଣାସ୍ଥଳରୁ ପ୍ରାୟ ୧ କି.ମି. ଦୂର କାଲୁରିଆ ଘାଟରେ ନିର୍ମାଣାଧୀନ ସେତୁ ନିକଟରୁ ତାଙ୍କ ମୃତଦେହକୁ ଠାବ କରାଯାଇଥିଲା। ସୂଚନା ପାଇ ସ୍ଥାନୀୟ ଅଞ୍ଚଳବାସୀ, ଗ୍ରାମରକ୍ଷୀ, ପୋଲିସ କର୍ମଚାରୀ, ଓଡ୍ରାଫ୍ ଟିମ୍ ପହଞ୍ଚି ମୃତଦେହ ଜବତ କରିଥିବା ଗଁଦିଆ ଥାନା ଅଧିକାରୀ ଅମିତ ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ଦୁଃଖଦ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସୁଧାବିନ୍ଦୁଙ୍କ ମୃତ୍ୟୁରେ ବାପା ଭରତ ବେହେରା, ସାଙ୍ଗସାଥୀ ଏବଂ ସମ୍ପର୍କୀୟମାନେ ଭାଙ୍ଗି ପଡ଼ିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।



ଓଡ୍ରାଫ୍ ଟିମ୍ କର୍ମଚାରୀ ନଦୀରେ ଖୋଜାଖୋଜି କରୁଛନ୍ତି ।

# ମାତୃ ଦିବସରେ ମା'ଙ୍କୁ ମୁଖାଗ୍ନି ଦେଲେ ଝିଅ

**ବୌଦ୍ଧ, ୮।୫(ସ୍ୱ.ପ୍ର.)**

- ଅନ୍ୟ ଜାତିରେ ବିବାହ କରିଥିବାରୁ ଝିଅଙ୍କୁ ମୃତଦେହ ଛୁଇଁବାକୁ ଦେଇ ନ ଥିଲେ ଗ୍ରାମବାସୀ
- ଜିଲାପାଳଙ୍କ ହସ୍ତକ୍ଷେପ ପରେ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ ସଙ୍ଗଠନ

ରବିବାର ଥିଲା ବିଶ୍ୱ ମାତୃ ଦିବସ। ଏହି ଦିବସରେ ବୌଦ୍ଧ ଜିଲାରେ ଜଣେ ମା'ଙ୍କୁ ମୁଖାଗ୍ନି ଦେଇଛନ୍ତି ଝିଅ। ବୌଦ୍ଧ ସହରଠାରୁ ମାତ୍ର କିଛି ଦୂରରେ ଥିବା ବଳାସିଙ୍ଗା ଗ୍ରାମରେ ସୁଲଭ ପ୍ରଧାନ (୭୦) ବାସ କରୁଥିଲେ। ତାଙ୍କ ସ୍ୱାମୀଙ୍କ ୨୦ବର୍ଷ ପୂର୍ବରୁ ମୃତ୍ୟୁହୋଇଯାଇଥିବା ବେଳେ ଏକମାତ୍ର ଝିଅ ଜମ୍ବୁବତୀ ଅନ୍ୟ ଜାତିରେ ବିବାହ କରିଥିଲେ। ଜମ୍ବୁବତୀ ଅନ୍ୟ ଜାତିରେ ବିବାହ କରିବା ପରଠାରୁ ଗ୍ରାମବାସୀଙ୍କ ବାସନ୍ଦ ଯୋଗୁ ମା'ଙ୍କ ପାଖକୁ ଆସିପାରୁ ନ ଥିଲେ। ସୁଲଭ ଏକାକୀ ଅସହାୟ ଭାବେ ଘରେ ରହିଆସୁଥିଲେ। ନିଜର ଜମିବାଡି ନ ଥିବାବେଳେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଭତ୍ତା ଓ ଚାଉଳ ପାଇ ଚଳିଆସୁଥିଲେ। ଶନିବାର ବିଳମ୍ବିତ ରାତିରେ ସୁଲଭଙ୍କ ମୃତ୍ୟୁ ଖବର ପାଇ ଜମ୍ବୁବତୀ ମା'ଙ୍କ ମୃତଦେହ ସତ୍କାର କରିବାକୁ ଆସିଥିଲେ। ରବିବାର ସକାଳୁ ଗ୍ରାମବାସୀ ଏକଥା ଜାଣିବା ପରେ ମୃତଦେହ ଛୁଇଁବାକୁ ବାରଣ କରିଥିଲେ। କିନ୍ତୁ ଜମ୍ବୁବତୀ ନିଜ ମା'ଙ୍କ ମୃତଦେହ ସତ୍କାର କରିବାକୁ ଜିଦ୍ କରିବା ସହ ଘର ଆଗରେ ବସି ରହିଥିଲେ। ଜାତିଭେଦ ଯୋଗୁ ଗ୍ରାମବାସୀ ମଧ୍ୟ ମୃତଦେହ ଛୁଇଁବାକୁ କେହି ନ ଆସିବାରୁ ଝିଅ ଅସହାୟ ହୋଇପଡ଼ିଥିଲେ। ଶେଷରେ କଥା ଯାଇ ପହଞ୍ଚିଥିଲା ଜିଲା ପ୍ରଶାସନ ପାଖରେ। ଜିଲାପାଳ ଲଳାଟେନ୍ଦୁ ମିଶ୍ରଙ୍କ ହସ୍ତକ୍ଷେପ ପରେ ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ପହଞ୍ଚି ମହାପ୍ରୟାଣ ଗାଡିରେ ମୃତଦେହ ନେଇ ବୌଦ୍ଧ ରାଜଘାଟରେ ସତ୍କାର କରିଥିଲେ। ଝିଅ ଜମ୍ବୁବତୀ ମୁଖାଗ୍ନି ଦେଇଥିଲେ।



ମା'ଙ୍କ ମୃତଦେହ ପାଖରେ ବସିରହିଛନ୍ତି ଜମ୍ବୁବତୀ।

# ନେଲ୍ କ୍ୟୁଆର୍ କୋଡ୍ ପ୍ରସ୍ତୁତ କରି ଚର୍ଚ୍ଚାରେ ଶିଶିର

**ଟିକିରି,୮।୫(ଡି.ଏନ୍.ଏ.)**

- ଟାଟୁ ଭଳି ହାତ ନଖରେ ହୋଇପାରିବ ପ୍ରିଣ୍ଟ୍
- ବିନା ହାର୍ଡକପିରେ ଯେକୌଣସି ସ୍ଥାନରେ ପାଇପାରିବେ ଡକ୍ୟୁମେଣ୍ଟ



ଶିଶିର ଓ ତାଙ୍କ ଦ୍ୱାରା ପ୍ରସ୍ତୁତ ନେଲ୍ କ୍ୟୁଆର୍ କୋଡ୍।

ଟେକ୍ନୋଲୋଜି ଯୁଗରେ ମନୁଷ୍ୟ ନିଜର ଆବଶ୍ୟକତାକୁ ପୂରଣ କରିବା ଦିଗରେ ପ୍ରତ୍ୟେକ ଜିନିଷକୁ ସରଳ କରିବାକୁ ଉଦ୍ୟମ ଚଳାଇଛି। ସେହିପରି ଏବେକା ସମୟରେ ବିଭିନ୍ନ ସ୍ଥାନରେ କ୍ୟୁଆର୍ କୋଡ୍(କ୍ୱିକ୍ ରେସ୍‌ପନ୍ସ କୋଡ୍) ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହେଉଛି। ପ୍ରାୟ ସମସ୍ତ ଦୋକାନ, ଶୋ'ରୁମ୍, ହସ୍ପିଟାଲ, ରେସ୍ତୋରାଁ, ଶପିଂମଲ୍ ଆଦିରେ ଏହା ବ୍ୟବହାର କରାଯାଉଛି। ଏହି ଆଧୁନିକ ଟେକ୍ନୋଲୋଜି ଦ୍ୱାରା କୌଣସି ଜିନିଷ ବିଷୟରେ ସୂଚନା, ଡକ୍ୟୁମେଣ୍ଟ ଆଦିକୁ ଷ୍ଟୋର୍ କରି ରଖିବା ସହଜ ଏବଂ ସୁରକ୍ଷିତ ହୋଇଥାଏ। ତେବେ କୋରାପୁଟ ଜିଲା ଜୟପୁର ସହରର ଯୁବ ଇଞ୍ଜିନିୟର ଶିଶିର କୁମାର ମଲ୍ଲିକ ଏହାକୁ ଆହୁରି ସରଳ କରିବାକୁଯାଇ ନେଲ୍‌କ୍ୟୁଆର୍‌କୋଡ୍‌ପ୍ରସ୍ତୁତ କରିଛନ୍ତି। ଏହା ଏକ ନାନୋ(ଛୋଟ) କ୍ୟୁଆର୍ କୋଡ୍। କମ୍ପ୍ୟୁଟର ପ୍ରୋଗ୍ରାମିଂ ଜରିଆରେ କରାଯାଇଥିବା ଏହି କୋଡ୍‌କୁ ଷ୍ଟିକର ଭଳି କମ୍ ଦିନ ପାଇଁ ବ୍ୟବହାର କରିପାରିବେ। ସେହିପରି ଟାଟୁଭଳି ସ୍ଥାୟୀ ରୂପେ ଏହାକୁ ନିଜ ହାତ ନଖରେ ପ୍ରିଣ୍ଟ କରିପାରିବେ। ଭାରତରେ ଏହା ପ୍ରଥମ ବୋଲି ଶିଶିର ଦାବି କରିଛନ୍ତି।

ଦୁଇ ମାସ ଧରି ପରିଶ୍ରମ କରି ଶିଶିର ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ନିଜ ନଖ ଉପରେ ଏହି ଛୋଟ କ୍ୟୁଆର୍ କୋଡ୍‌ର ରୂପ ଦେବାରେ ସଫଳ ହୋଇଛନ୍ତି। ଏହି କୋଡ୍ ଦ୍ୱାରା ଟଙ୍କା କରବାରଠାରୁ ଆରମ୍ଭ କରି ଆଧାର କାର୍ଡ, ବିଭିନ୍ନ ପରିଚୟ ପତ୍ର, ସାର୍ଟିଫିକେଟ, ବ୍ୟାଙ୍କ ତଥ୍ୟ, ୟୁଜର ଆଇଡି ଆଦିକୁ ଏହି କ୍ୟୁଆର୍ କୋଡ୍ ଦ୍ୱାରା ଗୁପ୍ତ ଏବଂ ସୁରକ୍ଷିତ ଭାବେ ରଖାଯାଇପାରିବ। ନଖରେ କ୍ୟୁଆର୍ କୋଡ୍ ରହୁଥିବାରୁ ଆବଶ୍ୟକ ସ୍ଥଳେ କୌଣସି ଡକ୍ୟୁମେଣ୍ଟ ସାଙ୍ଗରେ ନ ନେଇ ମଧ ମୋବାଇଲ୍‌ରେ କ୍ୟୁଆର୍ କୋଡ୍ ସ୍କାନର ସାହାଯ୍ୟରେ ବାହାର କରି ବ୍ୟବହାର କରାଯାଇପାରିବ। ଏଥିରେ ପାସ୍‌ୱାର୍ଡ ବ୍ୟବହାର ହେଉଥିବାରୁ ଅନ୍ୟ କେହି ନିଜ ମୋବାଇଲ୍‌ରେ ସ୍କାନ୍ କରି ବ୍ୟକ୍ତିଗତ ତଥ୍ୟ ମଧ ନେଇପାରିବେନି ବୋଲି ଶିଶିର କହିଛନ୍ତି। ଏମିତିକି କୌଣସି ଡକ୍ୟୁମେଣ୍ଟର ହାର୍ଡକପି ହଜିଯାଇଥିଲେ ମଧ କ୍ୟୁଆର୍ କୋଡ୍ ଜରିଆରେ ଷ୍ଟୋର୍ ରଖାଯାଇଥିବା ଡକ୍ୟୁମେଣ୍ଟ ସହଜରେ ପାଇପାରିବେ। ସ୍କୁଲ, କଲେଜରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ତଥ୍ୟ, ରେଜିଷ୍ଟ୍ରେଶନ ନମ୍ବର, ପିଲାଙ୍କ ପରିଚୟପତ୍ର ଆଦି କ୍ୟୁଆର୍ କୋଡ୍ ଜରିଆରେ ଷ୍ଟୋର୍ କରାଯାଇପାରିବ। ଅଫିସରେ କର୍ମଚାରୀଙ୍କ ଉପସ୍ଥାନ ପାଇଁ ବ୍ୟବହାର କରାଯାଇପାରିବ।

ଶିଶିର ରାୟଗଡ଼ାସ୍ଥିତ ଆର୍‌ଆଇଟିଏଏମ୍(ରିଟମ୍)ରୁ ବି. ଟେକ୍ ପାସ୍ କରିଥିବାବେଳେ ଏବେ ଉତ୍କଳ ଆଲୁମିନା କମ୍ପାନୀରେ ଟେକ୍ନିସିଆନ ଭାବେ କାମ କରୁଛନ୍ତି। ସେ କାମ ସାରି ଘରକୁ ଯିବା ପରେ ନୂତନ କିଛି ସୃଷ୍ଟି କରିବାରେ ବ୍ୟସ୍ତ ରୁହନ୍ତି। ନେଲ୍ କ୍ୟୁଆର୍ କୋଡ୍ ବ୍ୟତୀତ ଶିଶିର ପୂର୍ବରୁ ରୋବୋ ହେଲ୍‌ମେଟ, କରୋନା ସ୍ମାର୍ଟକାର୍ଡ, ଜିପିଏସ୍ ଯୁକ୍ତ ବେଲ୍ଟ ଆଦି ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଛନ୍ତି। ଲୋକଙ୍କ ସୁବିଧାକୁ ନଜରରେ ରଖି ସେ ଏସବୁ କରୁଛନ୍ତି। ଆଗକୁ ଅନେକ ଯୋଜନା ରହିଥିବା ସେ କହିଛନ୍ତି।

## ସଂକ୍ଷେପରେ

### ୬ ଫୁଟର ନାଗ ଉଦ୍ଧାର



ବୁଗୁଡ଼ା,୮।୫(ଡି.ଏନ.ଏ.): ବୁଗୁଡ଼ା ସହର ଉପକଣ୍ଠସ୍ଥ କାଞ୍ଚିଆପଲ୍ଲୀ ରାସ୍ତାରେ ଥିବା ଶକ୍ତି ଫ୍ଲାଏ ଅରସ୍ ସିମେଣ୍ଟ ବ୍ରିକ୍ସ ଫ୍ୟାକ୍ଟ୍ରି ପରିସରରେ ଥିବା ଛତୁ ଫାର୍ମରୁ ରବିବାର ୬ ଫୁଟିଆ ନାଗକୁ ଉଦ୍ଧାର କରାଯାଇଛି। ସାପଟି ମୂଷା ଖାଇବା ପାଇଁ ୧୫ ଦିନ ହେଲା ଉକ୍ତ ଫାର୍ମକୁ ଆସୁଥିବାରୁ ଫାର୍ମରେ କାମ କରୁଥିବା ଲୋକେ ଭୟରେ ଥିଲେ। ତେବେ ରବିବାର ଫାର୍ମ ମାଲିକ ଶିବ ପ୍ରସାଦ ହୋତା ଫାର୍ମ ଭିତରେ ସାପଟିକୁ ଦେଖି ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ହରିଶ ପାଢ଼ୀଙ୍କୁ ଜଣାଇଥିଲେ। ସେ ପହଞ୍ଚି ସାପଟିକୁ କୌଶଳରେ ଧରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିବା ଜଣାପଡିଛି।

### ୧୦୯ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ଆର.ଉଦୟଗିରି,୮।୫(ଡି.ଏନ୍.ଏ.): ମୋହନା ଥାନା ଅନ୍ତର୍ଗତ କେନ୍ଦୁପଦା ଛକ ନିକଟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍‌ରୁ ୧୦୯ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସଂପୃକ୍ତ ଥିବା ଅଭିଯୋଗରେ ୨ ଜଣଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ବିହାର ରାଜ୍ୟ ପାଟଣା ସହରର ସୁଜିତ ସିଂ ଓ ରାଜୁ କୁମାର। ମୋହନା ଅଞ୍ଚଳରୁ ଝାଡ଼ଖଣ୍ଡ ରାଜ୍ୟର ଏକ ଟାଟା ସଫାରିକୁ ଅଟକାଯାଇ ଯାଞ୍ଚ ବେଳେ ୩ଟି ପ୍ଲାକାଟି ଜରି ଅଖାରେ ଗଞ୍ଜେଇ ରହିଥିଲା। ଅତିରିକ୍ତ ମାଜିଷ୍ଟ୍ରେଟ ହିମାଂଶୁ ଭୂଷଣ ପଲାଇଙ୍କ ଉପସ୍ଥିତିରେ ଓଜନ କରିବାରୁ ତାହା ୧୦୯ କିଲୋ ଗଞ୍ଜେଇ ହୋଇଥିଲା। ଏ ନେଇ ମୋହନା ଥାନାରେ ନଂ. ୬୫/୨୨ରେ ମାମଲା ରୁଜୁ କରାଯାଇଛି।

### ଟ୍ରାକ୍ଟର ଓଲଟି ଚାଳକ ମୃତ

ପାତ୍ରପୁର,୮।୫(ଡି.ଏନ.ଏ.): ପାତ୍ରପୁର ବ୍ଲକ ତୁରିବୁଡିରୁ ଗଜପତି ଜିଲା ମହେନ୍ଦ୍ରଗଡ଼ ଟ୍ରାକ୍ଟର ଯୋଗେ ବାଲି ନେଉଥିବାବେଳେ ରବିବାର ଦୁର୍ଘଟଣା ଘଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ତୁରୁବୁଡି ସ୍ଥିତ ଇନ୍ଦିରା ଆବାସ କଲୋନୀର ମୁନା ନାଇକ। ସେ ବାଲି ବୋଝେଇ କରି ମହେନ୍ଦ୍ରଗଡ଼ ଅଞ୍ଚଳକୁ ନେଉଥିବା ସମୟରେ ଝଗଡା ପଲ୍ଲୀ ନିକଟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖାରିଆଗୁଡା ଫାଣ୍ଡିଅଧିକାରୀ ପ୍ରଫୁଲ୍ଲ କୁମାର ଶତପଥି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଇଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ନିତ୍ୟାନନ୍ଦଙ୍କ ସଂକୀର୍ତ୍ତନ, ୨୪ ପ୍ରହର ନାମଯଜ୍ଞ

ପାତ୍ରପୁର,୮।୫(ଡି.ଏନ.ଏ): ପାତ୍ରପୁର ବ୍ଲକ ଜୟନ୍ତୀପୁର ପଞ୍ଚାୟତ ବୋରିବାଡ ଗ୍ରାମରେ ନିତ୍ୟାନନ୍ଦ ସ୍ୱାମୀଙ୍କ ପାରମ୍ପରିକ ପଞ୍ଚବାର୍ଷିକ ୨୪ ପ୍ରହର ନାମ ସଂକୀର୍ତ୍ତନ ରବିବାର ଶୁଭାରମ୍ଭ ହୋଇଯାଇଛି । ସକାଳ ୬ଟାରେ ଆରମ୍ଭ ହୋଇଥିବା ଏହି ସଂକୀର୍ତ୍ତନ ଆସନ୍ତା ୧୧ ତାରିଖରେ ପୂର୍ଣ୍ଣାହୁତି ହେବ। ୧୯୩୫ ମସିହାରୁ ଗ୍ରାମରେ ପ୍ରତି ପାଞ୍ଚ ବର୍ଷରେ ଥରେ ଏହା ଆୟୋଜିତ ହୋଇଆସୁଛି। ଆୟୋଜିତ ୨୪ ପ୍ରହର ନାମଯଜ୍ଞରେ ଅଂଶଗ୍ରହଣ କରିବାକୁ ଚଳିତ ବର୍ଷ ଆଖପାଖ ୬ ଗୋଟି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀଙ୍କୁ ନିମନ୍ତ୍ରିତ କରାଯାଇଛି। ବଣସୋଲା, ବାହାଦୁରପେଟା, ଆଲ୍ଲାରିପୁରମ, ଇନ୍ଦ୍ରାକ୍ଷୀ, ପାନାପଲ୍ଲୀ ଓ କପାସକୁଦି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଚଳିତ ନାମଯଜ୍ଞରେ ଅଂଶଗ୍ରହଣ କରିଛନ୍ତି।

### ଘଟ ପର୍ବରେ ଜଳଛତ୍ର କାର୍ଯ୍ୟକ୍ରମ

ରାୟଗଡ଼(ଗଜପତି),୮।୫: ରାୟଗଡ଼ ବ୍ଲକ ଅନ୍ତର୍ଗତ ନାରାୟଣପୁରସ୍ଥିତ ପର୍ଶୁରାମ ଡିଗ୍ରୀ କଲେଜର ଯୁବ ରେଡ୍‌କ୍ରସ ଓ ଏନ୍‌ଏସ୍‌ଏସ୍‌ର ମିଳିତ ଆନୁକୂଲ୍ୟରେ ନାରାୟଣପୁର ଗ୍ରାମରେ ଘଟ ପର୍ବରେ ଜଳଛତ୍ର କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପର୍ଶୁରାମ ଡିଗ୍ରୀ କଲେଜର ସଭାପତି ପ୍ରଦୀପ କୁମାର ବିଶୋୟୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ବିଶ୍ୱନାଥ ଶବର, ସମିତି ସଭ୍ୟା ଅନିତା ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଯାତ୍ରାକୁ ଆସିଥିବା ଦର୍ଶକ, ପଥଚାରୀମାନଙ୍କୁ ଜଳ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଉପଦେଷ୍ଟା ଅଧାପକ ସୁବାସ ଚନ୍ଦ୍ର ବେହେରା, ଅଧକ୍ଷା ସୁଜାତା ରାଣୀ ପାତ୍ର ପରିଚାଳନା କରିଥିବା ବେଳେ ଏନ୍‌ଏସ୍‌ଏସ୍‌ର ଅଧିକାରୀ କାଲକା ନାଇଡୁ ଏବଂ ରେଡ୍‌କ୍ରସ ସଂଯୋଜକ ବୁଦ୍ଧଦେବ ବେହେରା ପରିଚାଳନାରେ ସହଯୋଗ କରିଥିଲେ।

# ୨୫ରୁ ୨୩ ପିଲା ବିଦ୍ୟାଳୟ ଦେଖିନାହାନ୍ତି

## ବିପଦର ବନ୍ଧୁ ପକ୍ଷରୁ ମୁଁ ବି ପାଠ ପଢ଼ିବି କାର୍ଯ୍ୟକ୍ରମ

ଭଞ୍ଜନଗର,୮।୫(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ଡୁମାକୁମ୍ପା ପଞ୍ଚାୟତ ଡିହକୁମ୍ପାପଲ୍ଲୀ ଏକ ପଛୁଆ ଅଞ୍ଚଳ ଭାବେ ରହିଯାଇଛି । ଉକ୍ତ ଗ୍ରାମରେ ପ୍ରାୟ ୨୦ଟି ପରିବାର ବସବାସ କରୁଛନ୍ତି । ହେଲେ ଗ୍ରାମକୁ ଗମନାଗମନ ସୁବିଧା ନାହିଁ । ଛୋଟ ଗ୍ରାମ ହୋଇଥିବା ଯୋଗୁ ବିଦ୍ୟାଳୟ ଖୋଲିନାହିଁ । ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିଛି । କିନ୍ତୁ ତାହା ମଧ୍ୟ ଠିକ୍ ଭାବେ ଖୋଲୁନାହିଁ। ଅନ୍ୟପକ୍ଷରେ ସଚେତନତା ଅଭାବ ଯୋଗୁ ଗ୍ରାମର ଶିଶୁମାନେ ନିକଟସ୍ଥ ହାତୀଗୁଡ଼ା ଗ୍ରାମକୁ ଯାଇ ପାଠ ପଢ଼ିବାକୁ ରାଜି ନୁହଁନ୍ତି। ଅଭିଭାବକମାନେ ମଧ୍ୟ ଶିଶୁମାନଙ୍କର ପାଠପଢ଼ା ପ୍ରତି ସେଭଳି ଧ୍ୟାନ ଦିଅନ୍ତି ନାହିଁ। ଶିକ୍ଷା ବିଭାଗ ପକ୍ଷରୁ ଏନେଇ ଆବଶ୍ୟକ ପଦକ୍ଷେପ ନିଆଯାଇନାହିଁ । ତେଣୁ ଗ୍ରାମର ୨୫ ପିଲାଙ୍କ ମଧ୍ୟରୁ ମାତ୍ର ୨ଜଣ ଶିଶୁ ହାତୀଗୁଡ଼ା ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଅନ୍ୟ ୨୩ ଶିଶୁ ପାଠ ପଢୁନାହାନ୍ତି। ଉକ୍ତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ଚେଷ୍ଟା କରାଗଲେ ସେମାନଙ୍କ ଭବିଷ୍ୟତ ଉଜ୍ଜଳମୟ ହୋଇପାରିବ ।

ଡ଼ିହକୁମ୍ପାପଲ୍ଲୀ ଠାରୁ ହାତୀଗୁଡ଼ା ଗ୍ରାମ ପ୍ରାୟ ୮ଶହ ମିଟର ଦୂର ହେବ। ବାଟରେ ଗୋଟିଏ ନାଳ ଅଛି । ସମ୍ପୃକ୍ତ ଗ୍ରାମର ଲୋକମାନେ ବାଉଁଶରୁ ତିଆରି କୁଲା, ଟାଙ୍ଗୁଡ଼ି ଆଦି ତିଆରି କରି ତାକୁ ବିକ୍ରି କରି ପରିବାର ଚଳାଉଛନ୍ତି। ଅଭିଭାବକଙ୍କ ମର୍ଧରେ ସଚେତନତା ଅଭାବରୁ ଏହି ସମସ୍ୟା ଉପୁଜିଛି ।

ସରକାର ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି କିନ୍ତୁ ଡ଼ିହକୁମ୍ପାପଲ୍ଲୀରେ ସରକାରଙ୍କ ଯୋଜନା ପହଞ୍ଚି ପାରିନାହିଁ। ଏହିଭଳି ପରିସ୍ଥିତିରେ ବିପଦର ବନ୍ଧୁ ଭଞ୍ଜନଗର ଶାଖା ପକ୍ଷରୁ ପ୍ରାୟ ଏକ ମାସ ହେବ ଡ଼ିହକୁମ୍ପାପଲ୍ଲୀ ଗ୍ରାମରେ ମୁଁ ବି ପାଠ ପଢ଼ିବି କାର୍ଯ୍ୟକ୍ରମ ଚଳାଇଛି । ଭଞ୍ଜନଗର ବ୍ଲକର ଯେଉଁ ଅଞ୍ଚଳରେ ଶିକ୍ଷା ସୁବିଧା ନାହିଁ ସେଠାରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କ କିଭଳି ବିକାଶ ହୋଇପାରିବ ସେଥିପାଇଁ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ଡ଼ିହକୁମ୍ପାପଲ୍ଲୀ ଗ୍ରାମରେ ଶିକ୍ଷା ବ୍ୟବସ୍ଥା ଠିକ୍ ନଥିବା ଯୋଗୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ସେଠାରେ ରବିବାର ପହଞ୍ଚି ଗ୍ରାମର ଶିଶୁମାନଙ୍କୁ ବିଭିନ୍ନ ଶିକ୍ଷା ଉପକରଣ ବଣ୍ଟନ କରିବା ସହ ନାଚଗୀତରେ ସେମାନଙ୍କ ସହ କିଛି ସମୟ ବିତାଇଥିଲେ। ବିଦ୍ୟାଳୟରେ ନାମ ନ ଲେଖାଇଥିବା ଶିଶୁମାନେ ଆଗାମୀ ଦିନରେ କିଭଳି ବିଦ୍ୟାଳୟରେ ନାମ ଲେଖାଇବେ ସେଥିପାଇଁ ପାଖ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ବିପଦର ବନ୍ଧୁ କର୍ମକର୍ତାମାନେ ଆଲୋଚନା କରିଛନ୍ତି। ଗ୍ରାମରେ ଗୋଟିଏ ଟିଣ ଘର କରି ସେଠାରେ ଶିଶୁମାନଙ୍କୁ ପଢ଼ାଯିବା ବ୍ୟବସ୍ଥା କରାଯିବ । ଏଥିସହ ଆଜକୁ ଏକମାସ ହେବ ହାତୀଗୁଡ଼ାର କାର୍ତିକ ସ୍ୱାଇଁ ଗ୍ରାମର ଶିଶୁମାନଙ୍କୁ ପାଠ ପଢ଼ାଉଛନ୍ତି । କାର୍ତ୍ତକ ଦୈନନ୍ଦିନ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଉକ୍ତ ଗ୍ରାମକୁ ଯାଇ ପାଠ ପଢ଼ାଉଛନ୍ତି। ଏବାବଦରେ ଅନୁଷ୍ଠାନ ପକ୍ଷରୁ ତାଙ୍କୁ କିଛି ପାରିଶ୍ରମିକ ପ୍ରଦାନ କରାଯାଉଛି । ଏନେଇ କାର୍ତିକଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତିଯେ ବିଭିନ୍ନ କାରଣ ଯୋଗୁ ଅନେକ ଶିଶୁ ବିଦ୍ୟାଳୟରେ ନାମ ଲେଖାଇ ନାହାନ୍ତି । ଆଗାମୀ ଦିନରେ ସେମାନେ ବିଦ୍ୟାଳୟରେ କିଭଳି ନାମ ଲେଖାଇବେ ସେନେଇ ପଦକ୍ଷେପ ନିଆଯାଇଛି । ଅପରପକ୍ଷେ ଏନେଇ ସମ୍ପୃକ୍ତ ଅଚଂଳର ଜଣେ ଶିକ୍ଷକଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଛାତ୍ରୀଛାତ୍ରମାନେ ନାମ ନଲେଖାଇବା ଖବର ଆମ ପାଖରେ ନାହିଁ । ଏହିଭଳି ଯଦି ହୋଇଥାଏ ତେବେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ନାମ ତୁରନ୍ତ କିଭଳି ଲେଖାଯିବ ସେନେଇ ପଦକ୍ଷେପ ନିଆଯିବ । ବିପଦର ବନ୍ଧୁ କର୍ମକର୍ତ୍ତା ପ୍ରଦୀପ ଜେନା କହିଛନ୍ତି, ସଚେତନତା ଅଭାବ ଯୋଗୁ ଏହି ସମସ୍ୟା ଦେଖାଦେଇଛି। ଶିକ୍ଷା ବିଭାଗ ସହଯୋଗରେ ସମସ୍ତ ଶିଶୁ କିଭଳି ପାଠ ପଢ଼ିବେ ସେନେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।



ବିପଦର ବନ୍ଧୁ କର୍ମକର୍ତା ଗ୍ରାମର ଶିଶୁମାନଙ୍କ ସହ ।

## ମହିଳାଙ୍କ ମୃତ୍ୟୁ

ଆସିକା,୮।୫(ଡି.ଏନ.ଏ.)

ଆସିକା ଥାନା ଅନ୍ତର୍ଗତ କେ.ନୂଆପଲ୍ଲୀ ଗ୍ରାମରେ ଶନିବାର ଜଣେ ମହିଳାଙ୍କ ନିଜ ବାପଘରେ ଆକସ୍ମିକ ମୃତ୍ୟୁ ଘଟିଛି। ମୃତକ ଜଣକ ସେହି ଗ୍ରାମର ଦଣ୍ଡପାଣି ପାତ୍ରଙ୍କ ଝିଅ ଉର୍ମିଳା। ଗତ କିଛି ଦିନହେଲା ବାପା ଘରକୁ ଆସିଥିବା ଉର୍ମିଳା ଶାଶୁ ଘରକୁ ଯିବାର ଥିବା ବେଳେ ତା ପାଇଁ କିଛି ଜିନିଷ ପତ୍ର କିଣିବା ଲାଗି ବାପା ଓ ମା’ ଆସିକା ଯାଇଥିଲେ। ତେବେ ନିଜର ଶିଶୁ କନ୍ୟା ସହ ଶୋଇଥିବା ଉର୍ମିଳା ଆଉ ଉଠୁନଥିଲେ। ଏହା ଶୁଣି ମା’ ବାପା ଘରକୁ ଫେରି ଝିଅକୁ ଆସିକା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ଉର୍ମିଳାଙ୍କୁ ମୃତ ଘୋଷଣ କରିଥିଲେ। ଏ ସମ୍ପର୍କରେ ଦଣ୍ଡପାଣି ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରାଯାଇ ବ୍ରହ୍ମପୁରସ୍ଥିତ ଏମ୍‌ଏମଟି ବିଭାଗରେ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ଆସିକା ଥାନାରେ ନଂ.୧୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା କମିଟି ଗଠିତ

ଭଞ୍ଜନଗର,୮।୫(ଡି.ଏନ.ଏ)

ବେଲଗୁଣ୍ଠା ବ୍ଲକ ପାଇଲିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜନ ଆରୋଗ୍ୟ ସମିତିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ପରିଚାଳନା କମିଟି ଗଠନ ସହ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିଭଳି ଉନ୍ନତି ଆସିପାରିବ ସେ ନେଇ ଆଲୋଚନା ହୋଇଛି। ବୈଠକରେ ଜିଲା ପରିଷଦ ସଭ୍ୟ ସୁଧୀର କୁମାର ଜେନା ଅଧ୍ୟକ୍ଷତା କରିଥିବା ବେଳେ ଡ଼.ବାଲୁଙ୍କେଶ୍ୱର ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ଜିଲା ପରିଷଦ ସଭ୍ୟ ନୂତନ ପରିଚାଳନା କମିଟିର ଚେୟାରମ୍ୟାନ୍ ହୋଇଛନ୍ତି। ଡା. ବାଲୁଙ୍କେଶ୍ୱର ଷଡଙ୍ଗୀ, ଡା. ସରୋଜ କୁମାର ପ୍ରଧାନ, ଗାଙ୍ଗପୁର ସରପଞ୍ଚ ବାସନ୍ତୀ ଡ଼ାକୁଆ, ପାଇଲିପଡ଼ା ସରପଞ୍ଚ ଜୟରାମ ନାୟକ, ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର କୁମାର ସାମନ୍ତ, କେ.କୃଷ୍ଣମୂର୍ତ୍ତି ପାତ୍ର, ବାରଟା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ବିଷୋୟୀ ଓ ପାଇଲିପଡ଼ା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିରା କୁମାର ହୋତା, ସ୍ୱାସ୍ଥ୍ୟକର୍ମୀ, ବିପିଏମ୍ ପ୍ରମୁଖ ୨୦ଜଣଙ୍କୁ ସଭ୍ୟ ଭାବେ ଚୟନ କରାଯାଇଛି ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ଚଢ଼ା ଦରରେ ବିଦେଶୀ ମଦ ବିକ୍ରି ଅଭିଯୋଗ

ରାୟଗଡ଼(ଗଜପତି),୮।୫

ରାୟଗଡ଼ ବ୍ଲକ ସଦର ମହକୁମାଠାରେ ହୋଇଥିବା ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଚଢ଼ା ଦରରେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏଥିସହ ଖୁଲମଖୁଲା ବେଆଇନ ବିଦେଶୀ ମଦ ଚୋରା ଚାଲାଣ ହେଉଥିବାରୁ ଦୋକାନ ମାଲିକ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏମ୍‌ଆର୍‌ପି ମୂଲ୍ୟରେ ହିଁ ମଦ ବିକ୍ରି କରାଯିବ। ଯଦି କୌଣସି ଦୋକାନୀ ଅଧିକ ଦାମରେ ମଦ ବିକ୍ରି କରୁଛନ୍ତି ତେବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଏକ ବର୍ଷ ପାଇଁ ତାଙ୍କ ଲାଇସେନ୍ସ ବାତିଲ କରି ଦିଆଯିବ ବୋଲି ସରକାର ଗାଇଡ୍‌ଲାଇନ ଜାରି କରିଥିଲେ ମଧ୍ୟ ଦୋକାନୀ ଏହାକୁ ଖାତିର ନ କରି ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବା ସୂଚନା ମିଳିଛି। ଅନ୍ୟପଟେ ପ୍ରତି ମଦ ଦୋକାନର କର୍ମଚାରୀ ୟୁନିଫର୍ମ ପିନ୍ଧିବାକୁ ନିୟମ ଥିବା ବେଳେ ଏଥିରେ ବ୍ୟତିକ୍ରମ ଥିବା ଦେଖିବାକୁ ମିଳୁଛି। ଉକ୍ତ ଦୋକାନୀ ଠିପି ବନ୍ଦ ମଦ ବିକ୍ରି କରିବାକୁ ଅନୁମତି ପାଇଥିବା ବେଳେ ଖୁଲମ୍‌ଖୁଲା ଭାବେ ଠିପି ଖୋଲାରେ ବିଦେଶୀ ମଦ ବିକ୍ରି କରାଯାଉଛି। ଏହା ସହ ସରକାରୀ ନିୟମ ଅନୁସାରେ ଦୋକାନରେ ବିକ୍ରି ହେଉଥିବା ବ୍ରାଣ୍ଡର ଦର ତାଲିକା ବାହାରେ ଲେଖିବାକୁ ନିୟମ ଥିବାବେଳେ ଦୋକାନୀ ଦର ତାଲିକା ନ ଲେଖି ଚଢା ଦରରେ ବିକ୍ରି କରୁଛନ୍ତି । ବିକ୍ରି କରୁଥିବା ବିୟର ପ୍ରିଣ୍ଟ ୧୪୦ ଥିବାବେଳେ ୧୭୦ ଟଙ୍କା ରେ ବିକ୍ରି କରାଯାଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗ ତରଫରୁ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଅବକାରୀ ଆରକ୍ଷୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ସହ ଯୋଗାଯୋଗ କରାଯିବା ନେଇ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇନଥିଲା।

## ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କ ପରିଦର୍ଶନ



ଅତିରିକ୍ତ ସଚିବଙ୍କୁ ସ୍ୱାଗତ କରାଯାଉଛି ।

ଭଞ୍ଜନଗର,୮।୫(ଡି.ଏନ.ଏ)

ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଆଲୋକ କୁମାର କର ଶନିବାର ଭଞ୍ଜନଗର ଏବଂ ବେଲଗୁଣ୍ଠା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଛନ୍ତି । ଅତିରିକ୍ତ ସଚିବ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ହୋଇଥିବା ଯୁକ୍ତ୨ ହବ୍ ସେଣ୍ଟର ବୁଲି ଦେଖିଥିଲେ। ଏହି ସମୟରେ ସେ ଯୁକ୍ତ୨ ପ୍ରଶ୍ନପତ୍ର କିଭଳି ଅନ୍ୟ ପରୀକ୍ଷା କେନ୍ଦ୍ରକୁ ନିଆଯାଉଛି, ସୁରକ୍ଷା ବ୍ୟବସ୍ଥା, ପରୀକ୍ଷା କିଭଳି ଚାଲିଛି ଆଦି ବିଷୟରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଅତିରିକ୍ତ ସଚିବଙ୍କ ଗସ୍ତ ସମୟରେ କଲେଜ ଅଧକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ, ଭଞ୍ଜନଗର ବିଇଓ ଏସ୍ ଧନଞ୍ଜୟ, ବେଲଗୁଣ୍ଠା ବିଇଓ ପ୍ରସନ୍ନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

ଦିଗପହଣ୍ଡି,୮।୫(ଡି.ଏନ.ଏ.)

ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ଶନିବାର ଆଙ୍କୋରଡା ପଞ୍ଚାୟତ ଅନ୍ତର୍ଗତ ରାଜପୁର ଗ୍ରାମରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ ଅଧ୍ୟକ୍ଷତା କରିଥିଲେ। ଦିଗପହଣ୍ଡି ବିଡିଓ ହଳଧର ଶବର ମୁଖ୍ୟ ଅତିଥି, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଆଙ୍କୋରଡା ସରପଞ୍ଚ ପ୍ରତିନିଧି ଟୁଲୁ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହାପରେ ନିର୍ଭୟା କଢି ଅଥବା ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ଅତିଥି ଓ କର୍ମକର୍ତ୍ତାମାନେ ଗ୍ରାମ ପରିକ୍ରମା କରି ଏହାର ମହତ୍ତ୍ୱ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଦିଗପହଣ୍ଡି ସେକ୍ଟରର ଅଙ୍ଗନୱାଡି ସୁପରଭାଇଜର ଭାଗ୍ୟଲତା ପାତ୍ର, ଅଙ୍ଗନୱାଡି କର୍ମୀ ସଭାନେତ୍ରୀ ପି. ବିଜୟଲକ୍ଷ୍ମୀ ଦୋରା ମିଳିତଭାବେ ସଂଯୋଜନା କରିଥିବା ବେଳେ ସେକ୍ଟର ଅଧୀନ ସମସ୍ତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।




ଜଣେ କନ୍ୟା ସନ୍ତାନର ଜନନୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଛି।

## ବିପୁଳ ପରିମାଣର ବିଦେଶୀ ମଦ ଜବତ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ମଦ।

ଭଞ୍ଜନଗର, ୮।୫(ଡି.ଏନ.ଏ)

ଭଞ୍ଜନଗର ଅଞ୍ଚଳରେ ଚୋରା ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ଭଞ୍ଜନଗର ସହରର ନିର୍ଦ୍ଦିଷ୍ଟ କିଛି ହୋଟେଲ ଏବଂ ପାନ ଦୋକାନରେ ଖୋଲାଖୋଲି ଭାବେ ଦେଶୀ ବିଦେଶୀ ମଦ ବିକ୍ରି ହେଉଛି। ବିଭିନ୍ନ ସମୟରେ ବକେୟା ଅର୍ଥକୁ ନେଇ ଦୋକାନ ମାଲିକ ଏବଂ ମଦ ବ୍ୟବସାୟୀଙ୍କ ମଧ୍ୟରେ ରାଜରାସ୍ତାରେ ଝଗଡ଼ା ହେଉଛି। ଯାହାକୁ ନେଇ ଅପ୍ରୀତିକର ପରିସ୍ଥିତି ମଧ୍ୟ ଉପୁଜିଥିବା ନଜିର ଅଛି। ଚୋରା ମଦ କାରବାର ବୃଦ୍ଧି ଯୋଗୁ ଭବିଷ୍ୟତରେ ଭଞ୍ଜନଗର ଅଞ୍ଚଳରେ କିଛି ଅଘଟଣ ଘଟିବା ଆଶଙ୍କା ରହିଛି। ଏହିଭଳି ପରିସ୍ଥିତିରେ ବିଗତ କିଛି ଦିନ ହେବ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ମଧ୍ୟ ଚଢାଉ ଜୋରଦାର କରାଯାଇଛି। ଭଞ୍ଜନଗର ପୋଲିସ ଶନିବାର ଓ ରବିବାର ଦୁଇଦିନରେ ଭଞ୍ଜନଗର କଲେଜ ରୋଡ, ବେତାର, ବଡକୋଦଣ୍ଡାରେ ଚଢାଉ କରାଯାଇ ୬୮ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

## ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

### ପୋଲିସ ତଦନ୍ତ ଜାରି

ହିଞ୍ଜିଳିକାଟୁ, ୮।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଖଣ୍ଡରା ଗାଁ ଘୋଡାହାଡ ନଦୀ ସନ୍ନିକଟ ଆମ୍ବତୋଟାରୁ ପ୍ରେମୀ ଯୁଗଳଙ୍କ ଗଛରୁ ଝୁଲନ୍ତା ମୃତଦେହକୁ ରବିବାର ସ୍ଥାନୀୟ ପୋଲିସ ଜବତ କରିଛି। ସେମାନେ ଶେରଗଡ଼ ଥାନା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୧୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ମୃତ ନାବାଳିକା ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଶନିବାର ପରୀକ୍ଷା ଶେଷ ପରେ ସେ ଓ ଯୁବକ ବ୍ରହ୍ମପୁର ଯାଇଥିଲେ। ଖବର ପାଇ ନାବାଳିକାଙ୍କ ପରିବାର ଲୋକେ ବ୍ରହ୍ମପୁରରୁ ପହଞ୍ଚି ଉଭୟଙ୍କୁ ଠାବ କରିଥିଲେ। ରବିବାର ସକାଳେ ଖଣ୍ଡରା ଗ୍ରାମର କେତେଜଣ ଲୋକ ନଦୀ ନିକଟ ଆମ୍ବତୋଟାରେ ଦୁଇ ଜଣଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଦେଖି ହିଞ୍ଜିଳି ପୋଲିସକୁ ଜଣାଇଥିଲେ। ଆସିକା ପୋଲିସ ଉପଖଣ୍ଡ ଅଧିକାରୀ ଉମାଶଙ୍କର ସିଂ, ହିଞ୍ଜିଳି ଆଇଆଇସି ଅଭିମନ୍ୟୁ ଦାସ ଓ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ଯୁବକ ଓ ନାବାଳିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କକୁ ଉଭୟଙ୍କ ପରିବାର ଗ୍ରହଣ ନ କରିବାରୁ ସେମାନେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି କହିଛନ୍ତି।

## ମା’ ରାମାୟାଣାମ୍ମାଙ୍କ ଘଟଯାତ୍ରା ଆରମ୍ଭ

ଛତ୍ରପୁର,୮।୫(ଡି.ଏନ୍.ଏ.)

ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା’ ରାମାୟାଣାମ୍ମାଙ୍କ ଯାତ୍ରା ଚାଲିଛି। ଅସ୍ଥାୟୀ ଆଡ଼ପ ଗୃହରେ ଗୋଟିଏ ଦିନର ବିଶ୍ରାମ ପରେ ଅର୍ଥାତ ଯାତ୍ରାର ତୃତୀୟ ଦିବସ ରବିବାରଠାରୁ ମା’ଙ୍କ ଘଟ ଯାତ୍ରା ଆରମ୍ଭ ହୋଇଛି। ପୂର୍ବାହ୍ନରେ ସ୍ଥାନୀୟ ଚନ୍ଦ୍ରଶେଖର ମନ୍ଦିରରୁ ଚିତ୍ତାକର୍ଷକ ୯ଟି ମାଟି କଳସ ପାରମ୍ପରିକ ପ୍ରଥାରେ ଅସ୍ଥାୟୀ ଆଡ଼ପ ଗୃହକୁ ଅଣାଯାଇଥିଲା। କଳସ ସଂସ୍ଥାପନା କରାଯାଇ ଦଶମହାବିଦ୍ୟା ପୂଜାପଦ୍ଧତିରେ ଠାକୁରାଣୀଙ୍କ ୯ ସହଚରୀ ଯଥା ମହାକାଳୀ, ତରାଦେବୀ, ଷୋଡଶୀ, ଭୁବନେଶ୍ୱରୀ, ଛିନ୍ନମସ୍ତା, ଭୈରବୀ, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଭାବେ ନାମିତ କରାଯାଇଛି। ୯ଟି ହାଣ୍ଡି ଓ ଏକ ଫୁଲଚାଙ୍ଗୁଡା ସହ ଘଟସ୍ଥଳରେ ଏକ କାଳିକା ମୁଖା ପୂଜା ପାଇବା ବିଧି ରହିଛି । ପ୍ରତ୍ୟେକ ସନ୍ଧ୍ୟାରେ ମା’ଙ୍କ ପସନ୍ଦର ନଡ଼ିଆ ପୁରଦିଆ ମଣ୍ଡାପିଠା ଭୋଗ ଲାଗେ। ପ୍ରଥମ ଘଟଯାତ୍ରାରେ ମା’ ରିକାପଲ୍ଲୀ ଅଭିମୁଖେ ବାହାରି ସ୍ୱର୍ଗତ ୱାଇ.କାମରାଜୁଙ୍କ ବାସଭବନରେ ଶାକରି ନୈବେଦ୍ୟ ରାଜଭୋଗ ସାରି ପ୍ରତ୍ୟାବର୍ତ୍ତନ କରିବେ। ଦ୍ୱିତୀୟ ଦିନ ଅପର ବସଷ୍ଟାଣ୍ଡ ଅଭିମୁଖେ ଯାତ୍ରା କରି ପୂର୍ତ୍ତନକର୍ତ୍ତାଙ୍କ ଭୋଗ ସାରି ମା’ ଭଗବତୀ ଅସ୍ଥାୟୀ ଆଡ଼ପ ଗୃହକୁ ଫେରିଯିବେ । ତା’ପରଠାରୁ ଯାତ୍ରା କମିଟି ଦ୍ୱାରା ନିର୍ଦ୍ଧାରିତ ଦୈନିକ ତାଲିକା ଅନୁଯାୟୀ ମା’ଙ୍କ ଘଟଯାତ୍ରା ସମ୍ପନ୍ନ ହେବ। ଜୁନ ୭ ତାରିଖରେ ଯାତ୍ରା ଉଦଯାପିତ ହେବ।



ପୂଜା ଚାଲିଛି ।

**କାଶୀନଗର ପୋଲିସର ସିମ୍‌କାର୍ଡ ଯାଞ୍ଚ**
କାଶୀନଗର,୮।୫: ଗଜପତି ଜିଲାପାଳ ଜୟରାମ ଶତପଥିଙ୍କ ନିର୍ଦ୍ଦେଶ ପ୍ରକାରେ ରବିବାର କାଶୀନଗର ଥାନା ପୋଲିସ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଥାନା ଏସ୍‌ଆଇ, ହାବିଲଦାର ପ୍ରମୁଖଙ୍କ ଦ୍ୱାରା ସହରରେ ଥିବା ମୋବାଇଲ ଦୋକାନଗୁଡ଼ିକ ଧରପଗଡ଼ କରି ବେନାମୀ ସିମକାର୍ଡ ଓ ଚୋରାରେ ବିକ୍ରି ସିମ୍ କାର୍ଡ ଯାଞ୍ଚ କରିଥିଲେ। କୌଣସି ବେନାମୀ, ଚୋରା ସିମ୍ ମିଳିନଥିବା ଥାନାଧିକାରୀଙ୍କ ଠାରୁ ପ୍ରକାଶ।

## ସଂକ୍ଷେପରେ

### ବିଶ୍ୱ ମାତୃ ଦିବସ, ରେଡକ୍ରସ ଦିବସ

**କାଶୀନଗର,୮।୫:** ବିଶ୍ୱ ମାତୃ ଦିବସ ଓ ରେଡକ୍ରସ ଦିବସ ଅବସରରେ ସ୍ଥାନୀୟ ମେଡିକାଲ ସଭାଗୃହଠାରେ ସାମାଜିକ କର୍ମୀ ହୃଷୀକେଶ ଗୌଡ଼ଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖାଣ୍ଡବା ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ରାଜେଶ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଡା. ମନ୍ଦାକିନି ବେହରା, ବିପିଏମ୍ ଇଶ୍ୱରୀ ଆମ୍ମା ପ୍ରମୁଖ ଯୋଗଦେଇ ମାତୃ ଜାତିକୁ ସମ୍ମାନ ଦେବା, ମାଙ୍କୁ ସନ୍ତାନ କର୍ତ୍ତବ୍ୟ, ଯତ୍ନ ନେବା ସହ ପ୍ରତ୍ୟେକ ମହିଳା ସ୍ୱାସ୍ଥ୍ୟକର୍ମୀ ଦୁଇଜଣ ବୃଦ୍ଧା ମା'ଙ୍କ ନିଜର ଦତ୍ତ ସନ୍ତାନ ଭାବେ ଦାୟିତ୍ୱ ନେବାକୁ ଡାକ୍ତର ବିଶ୍ୱାଳ ପ୍ରସ୍ତାବ ରଖିଥିଲେ। ଖବରଦାତା ମନୋଜ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ମହିଳା କର୍ମୀ, ସାମାଜିକ ସେବୀ ଯୋଗଦେଇଥିଲେ। ନୂତନ ଭାବେ ମା ହୋଇଥିବା ମହିଳା ପାଲକା ଭବାନୀ ଓ ଆର.ସ୍ୱପ୍ନାଙ୍କୁ ସମ୍ମାନିତ କରାଯାଇଥିଲା।

### ଶହୀଦ ପ୍ରକାଶଙ୍କ ସ୍ମୃତିଦିବସ ପାଳିତ

**ବୁଗୁଡା,୮।୫(ଡି.ଏନ.ଏ.):** ବୁଗୁଡା ବ୍ଲକ ଅନ୍ତର୍ଗତ ବେଠିଆ ବୋରଦା ଗ୍ରାମରେ ଶହୀଦ ଯବାନ ପ୍ରକାଶଙ୍କ ପଞ୍ଚମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇ ଉକ୍ତ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଶିକ୍ଷାବିତ୍ ଗୌରୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ସରପଞ୍ଚ ପ୍ରତିନିଧି ଉମାକାନ୍ତ ପାତ୍ର, ସମିତିସଭ୍ୟ ପ୍ରତିନିଧି କାର୍ତ୍ତିକ କୁମାର ସାହାଣୀ, କବି ଅନନ୍ତ କର, ଗୋପାଳ ଗୌଡ଼, ଭଗବାନ ଗୌଡ, ଶିକ୍ଷକ ସୀତାରାମ ତ୍ରିପାଠୀ, ନୀଳାଦ୍ରି ବିହାରୀ ପ୍ରଧାନ ଯୋଗ ଦେଇ ଶହୀଦ ପ୍ରକାଶଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ୪୦ ଜଣଙ୍କୁ ଶହୀଦ ପ୍ରକାଶଙ୍କ ସମ୍ମାନରେ ସମ୍ମାନିତ କରିବା ସହ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ବେହେରା ପରିଚାଳନା କରିଥିଲା ବେଳେ ପରିଶେଷରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଗଜପତି ଜିଲା ପରିଷଦ ବୈଠକ

**ପାରଳଖେମୁଣ୍ଡି,୮।୫(ଡି.ଏନ୍.ଏ.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ୪୭ତମ ଜିଲାପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ କାର୍ଯ୍ୟ ସମୀକ୍ଷା କରାଯିବା ସହ ଆଗାମୀ ଦିନରେ ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ଆଗେଇ ନେବା ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଜିଲା ପରିଷଦ ଉପାଧକ୍ଷା କୁନ୍ତଳା କୁମାରୀ ପ୍ରଧାନ, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ଚନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇ ସମୀକ୍ଷା କରିଥିଲେ। ଏହାସହ ବାର୍ଷିକ ଯୋଜନା ଅନୁମୋଦନ, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଜଳଛାୟା, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ, ଶିକ୍ଷା, ଶ୍ରମ, ପଶୁସମ୍ପଦ ଆଦି ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲାର ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ମାଲଗୁଣ୍ଡି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

ଫୁଲବାଣୀ ଅଫିସ/ ବଲସକୁମ୍ପା ୮।୫- ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୃତିପଡା ପଞ୍ଚାୟତ ଅଧୀନ ମାଲଗୁଣ୍ଡି ଗ୍ରାମରେ ଦୁଇ ଦିନ ଧରି ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ବଲସକୁମ୍ପା ନିକଟ ପିଲା ସାଲୁଙ୍କି ନଦୀ କୂଳରେ ପହଞ୍ଚି ପୂଜା ଅର୍ଚ୍ଚନା କରିବା ସହ ଜଳାଭିମୁଖୀ କରିବା ପରେ ସମସ୍ତେ କଳସରେ ଜଳ ଭରି ଅଧିଷ୍ଠାତ୍ରୀ ଦେବୀ ମା' ବରାଳ ଦେବୀଙ୍କୁ ଦର୍ଶନ କରିଥିଲେ। ଏହା ପରେ ନିଜ ଗ୍ରାମକୁ କଳସ ଯାତ୍ରାରେ ଯାଇଥିଲେ। ଶନିବାର ହରେ କୃଷ୍ଣ ହରେ ରାମ ମହାମନ୍ତ୍ର ଜପ କରି ଅଷ୍ଟ ପ୍ରହର ଯାଏ ନାମ କୀର୍ତ୍ତନ ଚାଲିଥିଲା। ଏହି ପବିତ୍ର ଅଷ୍ଟପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମରେ ଅନେକ ଭକ୍ତ ଶ୍ରଦ୍ଧାଳୁ ଏବଂ ନାମ କୀର୍ତ୍ତନ ଧାରି ଉପସ୍ଥିତ ଥିଲେ। ରବିବାର ନାମ କୀର୍ତ୍ତନ ସରିବା ପରେ ଗ୍ରାମ ଭ୍ରମଣ ଦଧନଉତି ହାଣ୍ଡି ଭଙ୍ଗା କାର୍ଯ୍ୟ ଚାଲିଥିଲା। ପରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶ୍ରୀକୃଷ୍ଣ ଓ ରାଧାଙ୍କ ନାଟକ ବାଣ୍ଡି ବୁଡଲ ନାଟକ ପରିବେଷଣ କରାଯାଇଥିଲା।

# ରାଣୀପଥର ଘାଟିରେ ଜଳୁଛି ଜଙ୍ଗଲ

**ଫୁଲବାଣୀ ଅଫିସ/ ବଲସକୁମ୍ପା, ୮।୫**

ଫୁଲବାଣୀ-ବୌଦ୍ଧ ଜିଲା ୧୫୭ ଜାତୀୟ ରାଜପଥ ରାଣୀପଥର ଘାଟିର ପୁରୁଣାପାଣିଠାରେ ଶାଗୁଆନ ଓ ବାଉଁଶ ଜଙ୍ଗଲ ରବିବାର ୧୦ଟାରୁ ହୁତୁ ହୁତୁ ହୋଇ ଜଳୁଛି। ରାଣୀପଥର ଫରେଷ୍ଟରଙ୍କ ଏଥିପ୍ରତି ନିଘା ନାହିଁ। ଫୁଲବାଣୀ ବନବିଭାଗ ଖଣ୍ଡ ସୁଡ୍ରୁକୁମ୍ପା ବନାଞ୍ଚଳ ଅଧୀନ ରାଣୀପଥର ବନପାଳଙ୍କ ଅଧୀନରେ ଥିବା ପୁରୁଣାପାଣି ଶାଗୁଆନ ଓ ବାଉଁଶ ଜଙ୍ଗଲ ଜାତୀୟ ରାଜପଥ କଡଠାରୁ ମାତ୍ର ୨୦ ମିଟର ଦୂର ଭିତରକୁ ୨/୩ ଜାଗାରେ ନିଆଁଲାଗିଛି। ଏହା ପୂର୍ବରୁ


ଜଙ୍ଗଲରେ ନିଆଁ ଲାଗିଛି।

ଏହି ଫରେଷ୍ଟ ଏରିଆରେ ଅଧିକାଂଶ ଜଙ୍ଗଲ ପୋଡ଼ି ଧ୍ୱଂସ ହୋଇଯାଇଛି। ସ୍ୱଳ୍ପ ମୂଲ୍ୟ ପାରିଶ୍ରମିକ ପାଇ ଦିନରାତି ଜଙ୍ଗଲକୁ ଜଗି ସୁରକ୍ଷା ଦେଉଥିବା ବିଭାଗୀୟ କର୍ମଚାରୀ ଟିମ ଓ ମହିଳା ଫରେଷ୍ଟ ଗାର୍ଡ ମୁକ୍ତାଳୀ ବେହେରାଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ଚଳିତ ବର୍ଷ ଚାରିଆଡ଼େ ଜଙ୍ଗଲରେ ନିଆଁ ଲାଗି ପାରି ନ ଥିବା ଅଞ୍ଚଳର ବୁଦ୍ଧିଜୀବୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୪୦ ରୁ ୫୦ ହଜାର ଟଙ୍କା ମାସକୁ ଦରମା ପାଉଥିବା ବଡ ବଡ ଅଧିକାରୀମାନେ କେବଳ ଲାଭଖୋର ମନଭାବ ଦିଗରେ ମାତି ଜଙ୍ଗଲ ସୁରକ୍ଷାକୁ ଉପେକ୍ଷା କରୁଛନ୍ତି ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

## ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା

**ଆସିକା,୮।୫(ଡି.ଏନ.ଏ.)**



କରୋନା କଟକଣା ଯୋଗୁ ୨ ବର୍ଷ ଧରି ହୋଇପାରିନଥିବା ଆସିକାର ଆରାଧ୍ୟ ଦେବୀ ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ରବିବାର ସ୍ଥାନୀୟ ଖମ୍ବେଶ୍ୱରୀପାଟଣା ଓ କୁମ୍ଭାର ସାହିରେ ବିପୁଳ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଛି। ଶନିବାର ରାତିରେ ଠାକୁରାଣୀଙ୍କ ବିଜେ ପ୍ରତିମାକୁ ବାଦ୍ୟ ବାଜଣା ପଟୁଆର ସହ ମନ୍ଦିରରୁ ବାହାରି ଏନ୍‌ଏସି ଅଫିସ ସମ୍ମୁଖରେ ଥିବା ଅସ୍ଥାୟୀ ପୀଠରେ ରବିବାର ଭୋର୍‌ରୁ ବିଜେ କରାଯାଇଛି। ଦିନ ତମାମ ଅସ୍ଥାୟୀ ପୀଠରେ ପୂଜାର୍ଚ୍ଚନା ଓ ଭକ୍ତଙ୍କ ଦର୍ଶନ ଲାଗି ରହିଛି। ସନ୍ଧ୍ୟାରୁ ଖମ୍ବେଶ୍ୱରୀପାଟଣା ଓ କୁମ୍ଭାର ସାହିରେ ରାମାୟଣ, ମହାଭାରତ, ଭାରତଲୀଳା ଓ ସାମାଜିକ ନାଟକ ମାନ ପ୍ରଦର୍ଶିତ ହୋଇଥିଲା ବେଳେ ସମ୍ପୃକ୍ତ ଅଞ୍ଚଳ ଉତ୍ସବ ମୁଖରିତ ହୋଇଛି। ସୋମବାର ସକାଳେ ପୁଣି ଠାକୁରାଣୀଙ୍କ ବିଜେ ପ୍ରତିମାକୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯିବ ବୋଲି ଜଣାଯାଇଛି। ପୂର୍ବ ବିଧି ମୁତାବକ ଗତ ଚୈତ୍ର ପୂର୍ଣ୍ଣିମାଠାରୁ ପ୍ରାୟ ୨୫ ଦିନ ଧରି ଠାକୁରାଣୀଙ୍କ ବିଜେ ପ୍ରତିମାକୁ ବାଦ୍ୟବଜାଣା ପଟୁଆର ସହ ଖମ୍ବେଶ୍ୱରୀପାଟଣା, କୁମ୍ଭାର ସାହି, ରଘୁନାଥ ନଗର, ବାଣୀବିହାର, ବିନାୟକ ବଜାର, ବସଷ୍ଟାଣ୍ଡ ଆଦି ଅଞ୍ଚଳରେ ପରିକ୍ରମା ଲାଗି ରହିଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯାତ୍ରା ଉତ୍ସବ ପରିଚାଳିତ ହୋଇଛି।

## ରମ୍ଭା ଚନ୍ଦନ ଯାତ୍ରା ନେଇ ବୈଠକ


ବୈଠକରେ ଉପସ୍ଥିତ ଅତିଥି।

**ରମ୍ଭା,୮।୫**

ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ଗତ ଦୁଇ ବର୍ଷଧରି କରୋନା କଟକଣା ମଧ୍ୟରେ ପାଳନ କରାଯାଉଥିଲା। ଚଳିତ ବର୍ଷ କଟକଣା ହଟିବା ପରେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ପରିସରରେ ଏନ୍‌ଏସି ଅଧକ୍ଷା ମାନସୀ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ଶାନ୍ତି କମିଟି ଚନ୍ଦନ ଯାତ୍ରାର ପ୍ରଶାସନିକ ସ୍ତରକୁ ନେଇ ଏକ ଆଲୋଚନା ହୋଇଥିଲା। ଉପରୋକ୍ତ ବୈଠକରେ ବିଦ୍ୟୁତ, ପାନୀୟ ଜଳ, ପୋଲିସ ପ୍ରଶାସନ, ମେଡିକାଲ, ଅଗ୍ନିଶମ, ଓ ଅବକାରୀ ବିଭାଗକୁ ନେଇ ଯାତ୍ରା ସମୟରେ ବିଭାଗୀୟ ଅଫିସର ନିଜ ନିଜର କାର୍ଯ୍ୟ ଦକ୍ଷତା ପ୍ରସ୍ଫୁଟିତ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ନିଜ ନିଜର ଦକ୍ଷତା, ପାରଦର୍ଶିତା ଓ ଉଲ୍ଲେଖନୀୟ ଅବଦାନ କରିବା ପାଇଁ ରମ୍ଭା ବାସିନ୍ଦାଙ୍କ ପକ୍ଷରୁ ଅଣ୍ଟା ଭିଡିବା ସହ ଉତ୍ସାହ ଉଦ୍ଦିପନାରେ ଯାତ୍ରା ତୁଲାଇବାକୁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆୟୋଜିତ ବୈଠକରେ ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିର୍ମୟ ଦାଶ, ବିକାଶ ସାମଲ ସହିତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥିଲେ। ଉପାଧ୍ୟକ୍ଷ କାଳିଆ ସ୍ୱାଇଁ, ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ମଣ୍ଡଳ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ସ୍ଥାୟୀ ସଭାପତି ଆଦିକନ୍ଦ ସେଠୀ, କାର୍ଯ୍ୟକାରିଣୀ ସଭାପତି ତ୍ରିନାଥ ବେହେରା, ଅଧିକାରୀ ଜଗନ୍ନାଥ ଦାଶ, ବନବାସୀ ନାହାକ,ମୁନା ସ୍ୱାଇଁ ଗଦାଧର ପରିଡା, ପୂର୍ଣ୍ଣ ରଥ, କ୍ଷେତ୍ର ମୋହନ ବେହେରା, ଅଭିନାଥ ବେହେରା, କେଦାର ବାରିକ ସାଗର ନାହାକ, ବାବୁଲା ସେଠି, ବିଜୟ ଚନ୍ଦ୍ର ବିଶ୍ୱାଳ, ଭୀମ ସେନ ବେହେରା, ସୁରେଶ ନାହାକ, ଡମ୍ବରୁ ଧର ପାତ୍ର ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଦୀର୍ଘଦିନ ଧରି ରମ୍ଭା ଚନ୍ଦନ ଯାତ୍ରା ଚାଲୁରହିଥିବା ବେଳେ ଚଳିତ ବର୍ଷ ରମ୍ଭା ଆଖଣ୍ଡଳମଣି ମନ୍ଦିର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାକୁ ପ୍ରସ୍ତାବ ଆସିଥିବା ବେଳେ ଆସନ୍ତା ୧୧ ତାରିଖ ପୁନର୍ବାର ଶାନ୍ତି କମିଟି ବୈଠକ ବସିବ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା।

### ୨ ବାଇକ୍ ଧକ୍କା, ୪ ଆହତ

**ଆର.ଉଦୟଗିରି,୮।୫(ଡି.ଏନ.ଏ.)**

ଆର.ଉଦୟଗିରି ଥାନା ବାଘମାରି ଗ୍ରାମରୁ ଶନିବାର ରାତିରେ ଏକ ବାଇକ୍‌ରେ ଗେଗି ରଇତ, ଦିଗାମ୍ବର ରଇତ ଓ ଜେମସ ରଉତ ତିନିଜଣ ଆର.ଉଦୟଗିରି ଅଞ୍ଚଳକୁ କୌଣସି କାମ ନେଇ ଆସୁଥିଲେ। ଅପରପଟୁ ତାଣ୍ଡିଗୁଡ଼ାର ସାନୁଜ ଆନନ୍ଦ ସମ୍ବଲପୁର ଗ୍ରାମ ପଟେ ଯାଉଥିବା ସମୟରେ ଏନ୍.ଖାଲରସିଂ ଗ୍ରାମଠୁ ୩୦୦ ମିଟର ଦୂରରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ୪ ବାଇକ ଆରୋହୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଆହତଙ୍କୁ ଉଦ୍ଧାର କରି ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପାରଳାଖେମୁଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସାନୁଜ ଆନନ୍ଦ ଗୁରୁତର ଆହତ ହୋଇଥିବାରୁ ରବିବାର ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଆର.ଉଦୟଗିରି ଥାନାରେ ନଂ. ୬୦/୨୨ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଦିଗପହଣ୍ଡି,୮।୫(ଡି.ଏନ.ଏ.)**

ଦିଗପହଣ୍ଡି-ବ୍ରହ୍ମପୁର ୧୭ ନଂ ରାଜ୍ୟ ରାଜପଥର ଅନଙ୍ଗପୁର- କୁଶପଡ଼ା ଛକ ନିକଟରେ ରବିବାର ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସାନଖେମୁଣ୍ଡି ବ୍ଲକ ଦିଗପହଣ୍ଡି ଥାନା ବୁଡଙ୍ଗପୁର ଗ୍ରାମ ଧୋବା ସାହିର ପି.ଶ୍ୟାମଘନ ପାତ୍ର। ଯୁବକ ଜଣକ କୌଣସି କାମରେ ନିଜ ବାଇକ ନଂ. ( ଓଡି ୦୭ ଏକେ ୯୨୯୬) ଯୋଗେ ଗୋକର୍ଣ୍ଣପୁର ଗ୍ରାମକୁ ଯାଇଥିଲେ। ସେଠାରୁ କାମସାରି ଫେରୁଥିବା ବେଳେ ଦିଗପହଣ୍ଡିରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ତେବେ ଅନଙ୍ଗପୁର ଗ୍ରାମର କେତେକ ଯୁବକ ଉକ୍ତ ଗାଡ଼ିର ପିଛା କରିଥିଲେ ମଧ୍ୟ ଧରିପାରି ନ ଥିଲେ।

## ଦେଶାତ୍ମବୋଧ ଅନୂଦିତ ନାଟକ ଲୋକାର୍ପିତ


ଅନୂଦିତ ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରୁଛନ୍ତି।

**ଆସିକା,୮।୫(ଡି.ଏନ.ଏ.)**

ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ମେଜର ରମାରମଣ ପାଢୀଙ୍କ ଐତିହାସିକ ଓ ଦେଶାତ୍ମବୋଧ ଓଡିଆ ନାଟକ 'ପାଲଟା ବାଘ' ଇଂରାଜୀ ଓ ହିନ୍ଦୀ ଭାଷାରେ ଅନୂଦିତ ପୁସ୍ତକ ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଜନ୍ମଭୂମିର ସୁରକ୍ଷା ପାଇଁ ଇଂରେଜ ଶାସନ ବିରୋଧରେ ଘୁମୁସରବାସୀଙ୍କ ଦୁଃସାହସିକ ସଂଗ୍ରାମ, ବଳିଦାନ ଓ ବିରତ୍ୱର କାହାଣୀ ଉପରେ ଏହି ନାଟକ ଆଧାରିତ। ଶନିବାର ରାଜଭବନ ଠାରେ ଅନୁଷ୍ଠିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ମେଜର ପାଢୀଙ୍କ ସମେତ ଡ. ସୁନନ୍ଦାମିତ୍ର ପଣ୍ଡା, ପ୍ରଫେସର ତନ୍ମୟ ପଣ୍ଡା, ଉଦୟନ ସୁପକାର ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଲବାଣୀ ପ୍ରେସ୍ କ୍ଲବ ୧୦ ରନରେ ବିଜୟୀ

**ଫୁଲବାଣୀ ଅଫିସ, ୮।୫**

ଫୁଲବାଣୀ ସ୍ଥିତ ପୋଲିସ ରିଜର୍ଭ ପଡିଆରେ ଜିଲା ପ୍ରେସ କ୍ଲବ ଓ ପୋଲିସ ଅଫିସିଆଲ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଛି। ୧୫ ଓଭର ବିଶିଷ୍ଟ ଏହି ମ୍ୟାଚରେ ଜିଲା ପ୍ରେସ୍ କ୍ଲବ ବିପକ୍ଷ ପୋଲିସ ଅଫିସିଆଲକୁ ୧୦ ରନରେ ହରାଇ ବିଜୟୀ ହୋଇଛି। ପ୍ରଥମେ ଟସ ଜିତି ପ୍ରେସ୍ କ୍ଲବ ଟିମ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଜବାବରେ ପୋଲିସ ଟିମ ୮ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ପ୍ରେସ୍ କ୍ଲବ ତରଫରୁ କ୍ୟାପଟେନ ଶିବ ନାୟକ ୨୭ ରନ, ରାମ ୮୮ରନ ସଂଗ୍ରହ କରିଥିଲେ। ରାମ ସର୍ବାଧିକ ରନ ସଂଗ୍ରହ କରି ମ୍ୟାନ ଅଫ ଦ ମ୍ୟାଚ ଘୋଷିତ ହୋଇଥିଲେ। ସଦର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁଙ୍କ କ୍ୟାପଟେନ ସିପରେ ଅନୁଷ୍ଠିତ ମ୍ୟାଚରେ ପୋଲିସ ଟିମ ପକ୍ଷରୁ ତପନ ୭ ଛକା ଓ ୨ଟି ଚୌକା ମାରି ସର୍ବାଧିକ ୫୫ ରନ କରିଥିଲେ। ଆର୍‌ଆଇ ଧର୍ମେନ୍ଦ୍ର ପ୍ରଧାନ ଗୋଟିଏ ଛକା ଓ ୫ ଟି ଚୌକା ମାରି ୨୮ ବଲରେ ୪୧ ରନ ସଂଗ୍ରହ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ

**ଛତ୍ରପୁର,୮।୫(ଡି.ଏନ୍.ଏ.)**

ଛତ୍ରପୁର ବ୍ଲକ ଟାଙ୍ଗଣାପଲ୍ଲି ପଞ୍ଚାୟତ କେରାଣ୍ଡିତୋଳା ଗ୍ରାମ ଚନ୍ଦ୍ରଶେଖର ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ସଭାପତି ନରହରି ପ୍ରଧାନ ସଭାପତିତ୍ୱ କରିଥିବା ବେଳେ କାମରାଜୁ ମହାରଣା ସଭା ସଂଯୋଜନା କରିଥିଲେ। ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ କୃଷି ଓ ବିପଣନ ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ, ସମ୍ମାନିତ ଅତିଥି ବ୍ଲକ ଉପାଧକ୍ଷା ଏସ. ଶାରଦା ରେଡ୍ଡୀ, ବିଜୁ ଶ୍ରମିକ ସାମୁଖ୍ୟର ଜିଲା ଉପସଭାପତି ଶଙ୍କର ଦାଶ, ଯୁବନେତା ଏନ. ଦୁର୍ଯୋଧନ ରେଡ୍ଡୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସ, ବରିଷ୍ଠ ବିଜେଡି ନେତା ଅଶୋକ କୁମାର ପାଣିଗ୍ରାହୀ, ଚମାଖଣ୍ଡି ସରପଞ୍ଚ ସିଏଚ ମନୋଜ ରେଡ୍ଡୀ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଏସ ସଞ୍ଜିବ ରେଡ୍ଡୀ, ବଉଳଗାଁ ସମିତି ସଭ୍ୟ ରାମଚନ୍ଦ୍ର ପରିଡା, ଯୁବ ନେତା ସରୋଜ କୁମାର ଦାସ, ଆର୍ଯ୍ୟପଲ୍ଲି ସରପଞ୍ଚ ତ୍ରିଲୋଚନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ସାମ୍ପ୍ରତିକ ସମାଜରେ ବରିଷ୍ଠ ନାଗରିକ ମାନେ ସାମ୍ନା କରୁଥିବା ସମସ୍ୟା ଓ ତା'ର ନିରାକରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

## ଜିଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ ଦିବସ

**ପାରଳଖେମୁଣ୍ଡି,୮।୫(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ଠାରେ ଗଜପତି ଜିଲାସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ଗ୍ରାମଣୀ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ଚନ୍ଦ୍ର ନାଏକଙ୍କ ଅଧକ୍ଷତା କରି ରେଡ଼କ୍ରସର ଜନ୍ମଦାତା ସାର୍ ଜନ୍ ହେନେରୀ ଡୁନାଷ୍ଟଙ୍କ ସମ୍ପର୍କରେ କହିଥିଲେ। ପାରଳାଖେମୁଣ୍ଡି ପୌରପରିଷଦ ଅଧକ୍ଷା ନିର୍ମଳା ସେଠି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଯୋଗଦେଇ ପୃଥିବୀର କୋଣ ଅନୁକୋଣରେ ରେଡକ୍ରସ କାମ କରୁଛି ବୋଲି କହିଥିଲେ। ରେଡ଼କ୍ରସର ଆଜୀବନ ସସସ୍ୟ ଭାରତ ଭୂଷଣ ମହାନ୍ତି , ବସନ୍ତ ପଣ୍ଡା, ଦିଲୀପ ଶତପଥୀ, ପଞ୍ଚାନନ ପାଣିଗ୍ରାହୀ,ସିଦ୍ଧାର୍ଥ ଶଙ୍କର ପାଠୀ ପ୍ରମୁଖ ରେଡ଼କ୍ରସ ଉପରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲାର ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବରିଷ୍ଠ ନାଗରିକ ଯୋଗଦେଇ ଥିଲେ। ଜରୁରୀ କାଳୀନ ଅଧିକାରୀ ପ୍ରଭାସ କୁମାର ବେହୁରା, ପ୍ରଦ୍ୟୁମ୍ନ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉପସ୍ଥିତ ଅତିଥି।

## ନିର୍ମାଣ ହେଉନି ବଢ଼େଇପୁର ଗ୍ରାମ ରାସ୍ତା


ବିପର୍ଯ୍ୟସ୍ତ ରାସ୍ତା।

**ଆର.ଉଦୟଗିରି,୮।୫(ଡି.ଏନ.ଏ.)**

ମୋହନା ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ। ଏହି ବ୍ଲକର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କାର ଅନୁଦାନ ଦେଇଥାନ୍ତି। କିନ୍ତୁ ସ୍ଥାନୀୟ ଅଧିକାରୀମାନଙ୍କ ଆନ୍ତରିକତା ଅଭାବରୁ ଉନ୍ନତିମୂଳକ ଯୋଜନାଗୁଡିକ ବାଟବଣା ହେଉଥିବା ଦେଖିବାକୁ ମିଳୁଛି। ଏହି ଅଞ୍ଚଳର ଉନ୍ନତି ନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ବିଜୁ କନ୍ଧମାଳ ଏବଂ ଗଜପତି ଯୋଜନା ଆରମ୍ଭ କରିଛନ୍ତି। ମୋହନା ବ୍ଲକ ସଦର ମହକୁମା ମୋହନା ଗ୍ରାମ ପଞ୍ଚାୟତଠାରୁ ମାତ୍ର କିଛି ମିଟର ଦୂରରେ ଥିବା ବଢ଼େଇପୁର ଗ୍ରାମକୁ ଯିବାକୁ ହେଲେ ଏକ ଛୋଟିଆ ନାଳ ପଡୁଛି। ସେହି ନାଳ ବର୍ଷାଦିନ ହେଲେ ଗ୍ରାମରେ ରହୁଥିବା ଶତାଧିକ ଲୋକଙ୍କ ଯିବା ଆସିବାରେ ଅସୁବିଧା ହେବାରୁ ସ୍ଥାନୀୟ ଲୋକଙ୍କ ଦାବିକୁ ଗ୍ରହଣ କରି ଏକ ଛୋଟିଆ ପକ୍କା ପୋଲ ନିର୍ମାଣ ନିମନ୍ତେ ଯୋଜନା ପ୍ରସ୍ତୁତ କରି ଅର୍ଥ ଅନୁଦାନ ବ୍ୟବସ୍ଥା ଦୀର୍ଘ ବର୍ଷ ହେଲାଣି ଆସିଲାଣି। କିନ୍ତୁ ତାହା ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ରାସ୍ତା ସଂଯୋଗ ନିମନ୍ତେ ଉକ୍ତ ଯୋଜନାରେ ୬ ଲକ୍ଷ ଟଙ୍କା ଆସି ପଡିରହିଥିବା ଗ୍ରାମବାସୀ ପ୍ରକାଶ କରିଥିଲେ ମଧ୍ୟ ଉକ୍ତ କାର୍ଯ୍ୟ କେବେ ଆରମ୍ଭ ହେବ ସନ୍ଦେହରେ ଥିବା ପ୍ରକାଶ। ସ୍ଥାନୀୟ ବିଡିଓ ସ୍ୱତନ୍ତ୍ର ଦୃଷ୍ଟିଦେଇ ରାସ୍ତା ନିର୍ମାଣ କଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ପ୍ରକାଶ କରିଛନ୍ତି।

ACCESS TO JUSTICE FOR ALL

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୨

ତା.୧୪.୦୫.୨୦୨୨ (ଶନିବାର)

No.W-01:

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ ।
୩. ତା.୧୪.୦୫.୨୦୨୨ ରିଖ (ଶନିବାର)ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ରାଷ୍ଟ୍ରସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି ।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।
୮. ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଯୋଗାଯୋଗ:
ମୋ-୯୪୩୮୫୭୮୫୮୬ ଏବଂ ୯୪୩୭୯୫୯୭୩୧
OIPR-18008/11/0001/2223

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୭ ମୃତ୍ୟୁ ଘଟଣା

## ନିଆଁ ଲଗାଇଥିଲେ ବିଫଳ ପ୍ରେମିକ

**ଇନ୍ଦୋର,୮।୫:** ଇନ୍ଦୋରର ସ୍ୱର୍ଣ୍ଣବାଗ ଅଞ୍ଚଳରେ ଥିବା ଏକ ୩ ମହଲା ରେସିଡେନ୍ସିଆଲ ବିଲ୍ଡିଂରେ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲାଗି ୨ ମହିଳାଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହେବା ସହ ୫ ଜଣ ଗୁରୁତର ହୋଇଥିଲେ। ଜଣେ ବିଫଳ ପ୍ରେମିକ ପ୍ରତିଶୋଧ ନେବା ଲାଗି ବିଲ୍ଡିଂରେ ନିଆଁ ଲଗାଇଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ସଞ୍ଜୟ ଓରଫ ଶୁଭମ ଦୀକ୍ଷିତ ନାମକ ଏହି ଯୁବକ ନିଆଁ ଲାଗିବାର କିଛି ସେକେଣ୍ଡ ପୂର୍ବରୁ ଉକ୍ତ ବିଲ୍ଡିଂ ପରିସରରୁ ବାହାରିଯାଉଥିବାରୁ ପଡୋଶୀ ବିଲ୍ଡିଂରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ୬ ମାସ ପୂର୍ବରୁ ସଞ୍ଜୟ ଉକ୍ତ ବିଲ୍ଡିଂରେ ଭଡ଼ାରେ ରହୁଥିଲେ ଏବଂ ସେଠାରେ ରହୁଥିବା ଜଣେ ଝିଅ ସହ ତାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତେବେ ଝିଅର ଅନ୍ୟତ୍ର ବିବାହ ସ୍ଥିର ହୋଇଯିବାରୁ ଏଥିରେ କ୍ରୋଧାନ୍ୱିତ ସଞ୍ଜୟ ବିଲ୍ଡିଂରେ ନିଆଁ ଲଗାଇଥିବା କୁହାଯାଉଛି। ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଥିବା ଲୋକେ ସିସିଟିଭି ଫୁଟେଜ୍‌ରୁ ସଞ୍ଜୟଙ୍କୁ ଚିହ୍ନଟ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ସେ ସାଙ୍ଗରେ କିରୋସିନ କିମ୍ବା ପେଟ୍ରୋଲ ନେଇ ଯାଇଥିଲେ ଏବଂ ବିଦ୍ୟୁତ୍ ମିଟର ତଳେ ରଖାଯାଇଥିବା ତାଙ୍କ ପୂର୍ବ ପ୍ରେମିକାଙ୍କ ସ୍କୁଟିରେ ନିଆଁ ଲଗାଇଦେଇଥିଲେ। ଫଳରେ ସେଠାରେ ଥିବା ୧୨ରୁ ଊର୍ଦ୍ଧ୍ୱ ଗାଡ଼ି ପୋଡ଼ିଯିବା ସହ ବିଲ୍ଡିଂରେ ନିଆଁ ଲାଗିଯାଇଥିଲା। ରାତିରେ ଛାତ୍ରୀଛାତ୍ରମାନେ ଶୋଇଥିବାରୁ ଏବଂ ପ୍ରସ୍ଥାନ ପଥରେ ଗାଡ଼ିଗୁଡ଼ିକ ଜଳୁଥିବାରୁ ବିଲ୍ଡିଂରୁ ବାହାରି ନ ପାରି ୭ ଜଣଙ୍କ ମୃତ୍ୟୁ ଘଟିଥିଲା।

## ରାସ୍ତାରେ ଧର୍ମୀୟ ଉତ୍ସବକୁ ମିଳିବନି ଅନୁମତି

**ଝାନ୍ସି,୮।୫:** ରାସ୍ତାରେ ଧର୍ମୀୟ କାର୍ଯ୍ୟକ୍ରମ ଆୟୋଜନକୁ ଅନୁମତି ନ ଦେବା ଲାଗି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି କାର୍ଯ୍ୟକ୍ରମ କେବଳ ଧର୍ମସ୍ଥଳୀ ପରିସରରେ କରାଯିବା ଆବଶ୍ୟକ ବୋଲି ଜଣେ ସରକାରୀ ମୁଖପାତ୍ର କହିଛନ୍ତି। ଲଳିତପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାକୁ ମୁଖ୍ୟମନ୍ତ୍ରୀ ଗମ୍ଭୀରତାର ସହ ନେଇ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବକୁ ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ଟ୍ରେନ୍ ପାଇଖାନାରୁ ଯୁବତୀଙ୍କ ମୃତଦେହ ଜବତ

**ମୁମ୍ବାଇ,୮।୫:** ମହାରାଷ୍ଟ୍ର ପାଲଘର ଜିଲା ଅନ୍ତର୍ଗତ ଦାହାନଚ ରୋଡ୍ ରେଲୱେ ଷ୍ଟେଶନରେ ସ୍ୱରାଜ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଜଣେ ୨୦ ବର୍ଷୀୟା ଯୁବତୀଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବତୀଙ୍କ ନାମ ଆରତୀ ସିଂ ଓ ସେ ବିହାରର ହୋଇଥିବା ଆଧାରକାର୍ଡରୁ ଜଣାପଡ଼ିଛି। ତାଙ୍କ ଗଳାରେ କପଡ଼ା ଗୁଡ଼ାଇ ହୋଇଥିବାରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଟ୍ରେନ୍‌ଟି ବାନ୍ଦ୍ରାରୁ ଜମ୍ମୁ ତାୱି ଅଭିମୁଖେ ଯାତ୍ରା କରୁଥିଲା। ଯୁବତୀ ଜଣକ ଟ୍ରେନରେ ଚଢ଼ିବା ପରେ ପାଇଖାନାକୁ ଯାଇଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ଅନ୍ୟ ଯାତ୍ରୀମାନେ ରେଳ ଅଧିକାରୀଙ୍କୁ ସୂଚନା ଦେଇଥିଲେ।

# ବେଜିଂ ଅନୁଗତ ହଂକଂ ନେତା

## କେରି ଲାମ୍‌ଙ୍କ ସ୍ଥାନ ନେଲେ ଜନ୍ ଲି





ହଂକଂ,୮।୫

ଚାଇନା ସମର୍ଥିତ ପ୍ରାର୍ଥୀ ଜନ୍ ଲି ନିର୍ଦ୍ୱନ୍ଦ୍ୱରେ ହଂକଂର ନୂଆ ନେତା ନିର୍ବାଚିତ ହୋଇଛନ୍ତି। ସେ କେରି ଲାମ୍‌ଙ୍କ ସ୍ଥାନରେ ଦାୟିତ୍ୱ ତୁଲାଇବେ ବୋଲି ରବିବାର ହଂକଂ ପ୍ରଶାସନ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣାକ୍ରମ ପରେ ବ୍ରିଟେନର ପୂର୍ବତନ ଉପନିବେଶ ତଥା ବିଶ୍ୱର ଅନ୍ୟତମ ବୃହତ୍ ଫାଇନାନ୍ସିଆଲ ହବ୍‌ରେ ଚାଇନାର ହସ୍ତକ୍ଷେପ ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

ହଂକଂ କନ୍‌ଭେନ୍‌ସନ ଆଣ୍ଡ ଏକ୍ଜିବିଶନ ସେଣ୍ଟରରେ ନୂଆ ନେତା ବାଛିବା ପାଇଁ ରବିବାର ୯୯% ମତଦାନ ଏବଂ ଘଣ୍ଟାଏ ଭିତରେ ଭୋଟ ଗଣତି ଶେଷ ହୋଇଥିଲା। ୬୪ ବର୍ଷୀୟ ଜନ୍ ଲିଙ୍କୁ ୧୪୬୦ ଇଲେକ୍ଟରଙ୍କ ମଧ୍ୟରୁ ୧୪୧୬ ଜଣ ସମର୍ଥନ କରିଥିବା ରିଟର୍ନିଂ ଅଫିସର ସୂଚନା ଦେଇଛନ୍ତି। ଜନ୍ ବିଦାୟୀ ମୁଖ୍ୟ କାର୍ଯ୍ୟନିର୍ବାହୀ କେରି ଲାମ୍‌ଙ୍କ ଉତ୍ତରାଧିକାରୀ ଭାବେ ଜୁଲାଇ ୧ ତାରିଖରୁ ୫ ବର୍ଷିଆ କାର୍ଯ୍ୟକାଳ ଆରମ୍ଭ କରିବେ। କେରି ଲାମ୍ ଏହି ପଦ ପାଇଁ ଆଉ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ଗତମାସ ସ୍ପଷ୍ଟ କରିବା ପରେ ଜନ୍‌ଙ୍କ ପଥ ପରିଷ୍କାର ହୋଇଥିଲା। ପୂର୍ବରୁ ହଂକଂ ପ୍ରଶାସନର ନଂ.୨ ପାହ୍ୟା ଚିଫ୍ ସେକ୍ରେଟାରି ଭାବେ ଦାୟିତ୍ୱ ସମ୍ଭାଳିଥିବା ଜନ୍‌ଙ୍କ ବିରୋଧରେ କେହି ପ୍ରାର୍ଥୀ ନ ଥିବାରୁ ବେଜିଂ ପକ୍ଷରୁ ୨୦୨୧ରେ ପୁନର୍ଗଠିତ ନିର୍ବାଚନ କମିଟି ତାଙ୍କୁ ନୂଆ ନେତା ଚୟନ କରିଛି। କମିଟି ସଦସ୍ୟମାନେ ଜନ୍‌ଙ୍କ ସହ ଫଟୋ ପାଇଁ ପୋଜ୍ ଦେଉଥିବାବେଳେ ଆଶ୍ୱସ୍ତ ଜଣାପଡୁଥିଲେ। କେରି ଲାମ୍ ଜନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ନିର୍ବାଚନ ଫଳାଫଳ ବେଜିଂକୁ ଅବଗତ କରାଇବେ ବୋଲି ସୂଚନା ଦେଇଛନ୍ତି। ଏହାର ତାତ୍ପର୍ଯ୍ୟ ହେଲା ଜନ୍ ଅଧିକରୁ ଅଧିକ ଚାଇନା ସରକାର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ସଦସ୍ୟଙ୍କୁ ପ୍ରୋତ୍ସାହନ ଦେବେ। ଏଥିସହ ହଂକଂରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ରାଜନୈତିକ ହସ୍ତକ୍ଷେପ ବଢ଼ିବ। ବିନା କୌଣସି ବିରୋଧୀ ଦଳରେ କେରିଙ୍କ ତୁଳନାରେ ହଂକଂକୁ ଶାସନ କରିବା ଜନ୍‌ଙ୍କୁ ସହଜ ହୋଇପାରେ।

ତେବେ ଜନ୍‌ଙ୍କ ନୀତିଗୁଡ଼ିକ ଥାର୍ଡ ସାଇଡ୍ ପାର୍ଟି ପ୍ରତିଷ୍ଠାତା ତଥା ନିର୍ବାଚନ କମିଟି ସଦସ୍ୟ ଟିକ୍ ଚି-ୟୁଏନ୍ ଓଙ୍କୁ ପ୍ରଭାବିତ କରିନାହିଁ। ଟିକ୍ ଗଣମାଧ୍ୟମକୁ କହିଛନ୍ତି, ଜନ୍‌ଙ୍କ ପ୍ଲାଟ୍‌ଫର୍ମ 'ଫାଙ୍କା' ମନେହେଉଛି। ସେଥିରେ ଥାର୍ଡ ସାଇଡ୍‌ର ଆଶା ଆକାଂକ୍ଷା ପ୍ରତିଫଳିତ ହେଉନାହିଁ। ତଥାପି ସୌହାର୍ଦ୍ଦ୍ୟ ଦୃଷ୍ଟିରୁ ଏବଂ ହଂକଂର ସମସ୍ୟାଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ବିଚାରଧାରାର ଦଳଗୁଡ଼ିକ କିପରି ଏକାଠି ହୋଇପାରନ୍ତି, ତାହା ଦର୍ଶାଇବା ପାଇଁ ସେ ଜନ୍‌ଙ୍କୁ ଭୋଟ ଦେଇଛନ୍ତି। ଅନ୍ୟପକ୍ଷେ ଉଭୟ କୋଭିଡ୍ କଟକଣା ସହ ବିକ୍ଷୋଭ ଆଶଙ୍କାରେ ଜାତୀୟ ସୁରକ୍ଷା ଆଇନ ଅଧୀନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବାବେଳେ ମାତ୍ର ୪ ଜଣ ବ୍ୟକ୍ତି ଜନ୍‌ଙ୍କ ନିର୍ବାଚନକୁ ବିରୋଧ କରି ସ୍ୱର ଉତ୍ତୋଳନ କରିଥିଲେ। ଲିଗ୍ ଅଫ୍ ସୋସିଆଲ ଡେମୋକ୍ରାଟ୍ସର ୩ ଆକ୍ଟିଭିଷ୍ଟ ୱାନ୍‌ଚାଇରେ ବିକ୍ଷୋଭ କରୁଥିବାବେଳେ ଜଣେ କର୍ମୀ ମତଦାନ କେନ୍ଦ୍ରକୁ ଯାଇଥିବା ରାସ୍ତା ଅବରୋଧ ପାଇଁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ଗିରଫ କରିଛି। ଏକ୍ଜିକ୍ୟୁଟିଭ୍ କାଉନ୍‌ସିଲ ସଦସ୍ୟ ରୋନି ଟୋଙ୍ଗ୍ ଏହି ନିର୍ବାଚନକୁ 'ୱାନ୍ ମ୍ୟାନ୍ ଶୋ' ଭାବେ ଅଭିହିତ କରିଛନ୍ତି। ଏଥିସହ ବିବିଧ ମତବାଦର ଲୋକଙ୍କୁ ନେଇ ଏକ ସମାବେଶୀ ପ୍ରଶାସନ ଗଠନ ନିମନ୍ତେ ସେ ଜନ୍‌ଙ୍କୁ ପରାମର୍ଶ ଦେଇଛନ୍ତି। ଏପରି କଲେ ୩ ବର୍ଷ ଧରି ହଂକଂ ଭୋଗୁଥିବା ଅସୁବିଧା ଦୂର ହୋଇପାରିବ ବୋଲି ରୋନି କହିଛନ୍ତି। କାର୍ଯ୍ୟନିର୍ବାହୀ ପରିଷଦର ଅନ୍ୟତମ ସଦସ୍ୟ ତଥା ବେଜିଂ ସପକ୍ଷବାଦୀ ଆଇନପ୍ରଣେତା ରେଗିନା ଇପ୍‌ଙ୍କ ମତରେ ଜନ୍ ଚାଇନାର ମୂଳ ଭୂଖଣ୍ଡ ସହ ସଂଲଗ୍ନ ହଂକଂର ସୀମାଗୁଡ଼ିକୁ ଖୋଲିବା ଦିଗରେ ପ୍ରଥମେ ଉଦ୍ୟମ କରିବା ଉଚିତ। ନିର୍ବାଚନ ବ୍ୟବସ୍ଥାରେ ସଂସ୍କାର ଅଣାଯିବା ପରେ ୨୦୨୨ ହଂକଂ ଚିଫ୍ ଏକ୍ଜିକ୍ୟୁଟିଭ୍ ନିର୍ବାଚନ ଭବିଷ୍ୟତ ପାଇଁ ଆଦର୍ଶ ପାଲଟିଛି ବୋଲି ନ୍ୟାଶନାଲ ପିପୁଲ୍ସ କଂଗ୍ରେସର ଉପମୁଖ୍ୟ ତଥା ସିଟିର ଆଇନପ୍ରଣେତା ଷ୍ଟାନ୍‌ଲି ଏନ୍‌ଜି କହିଛନ୍ତି।

### ଚାଇନାର ରାଜନୈତିକ ହସ୍ତକ୍ଷେପ ବଢ଼ିବ




### ପୋଲିସ ଅଧିକାରୀରୁ ମୁଖ୍ୟ କାର୍ଯ୍ୟନିର୍ବାହୀ

ବ୍ରିଟିଶ ଶାସନ ଅମଳରେ ୧୯୫୭ ଡିସେମ୍ବର ୭ରେ ହଂକଂରେ ଜନ୍ ଲି କା-ଚିଉଙ୍କ ଜନ୍ମ। ୩ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ପୋଲିସ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ଜନ୍ ପରବର୍ତ୍ତୀ ସମୟରେ ସୁରକ୍ଷା ମନ୍ତ୍ରଣାଳୟରେ ଯୋଗଦେଇଥିଲେ। ଏହି ମନ୍ତ୍ରଣାଳୟ ଜାତୀୟ ସୁରକ୍ଷା ଉପରେ ଚାଇନାର ଗୁରୁତ୍ୱକୁ ପ୍ରତିପାଦନ କରିଥାଏ। ବିଶେଷକରି ୨୦୧୯ରେ ଗଣତନ୍ତ୍ର ସପକ୍ଷବାଦୀଙ୍କ ହିଂସାତ୍ମକ ଆନ୍ଦୋଳନ ପରଠୁ ବିକ୍ଷୋଭକାରୀଙ୍କ ଦମନ କ୍ଷେତ୍ରରେ ସୁରକ୍ଷା ମନ୍ତ୍ରଣାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସିଛି। କେରି ଲାମ୍ ଆନ୍ଦୋଳନକାରୀଙ୍କ ଉପରେ ଲୁହବୁହା ବାଷ୍ପ ଓ ଲାଠିମାଡ଼ କରି ସେମାନଙ୍କୁ ଗିରଫ କରିବା ପାଇଁ ଦେଉଥିବା ନିର୍ଦ୍ଦେଶକୁ ଜନ୍ କାର୍ଯ୍ୟକାରୀ କରାଉଥିଲେ। ବେଜିଂ ଦ୍ୱାରା ପ୍ରସ୍ତୁତ ଜାତୀୟ ସୁରକ୍ଷା ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ ୧୮୨ ଜଣଙ୍କୁ ଗିରଫ କରାଯାଇଥିଲା। ଏଥିସହ ବହୁ ସଂଖ୍ୟକ ଗଣମାଧ୍ୟମ ସଂସ୍ଥାରେ ତାଲା ଝୁଲାଇ ଦିଆଯାଇଥିଲା। ୨୦୦୩ ଆନ୍ଦୋଳନ ପରେ ହଟାଇ ଦିଆଯାଇଥିବା ଅତିରିକ୍ତ ସୁରକ୍ଷା ଆଇନ 'ଆର୍ଟିକଲ-୨୩'କୁ ଫେରାଇ ଆଣିବା ପାଇଁ କେରିଙ୍କ ପ୍ରତିଜ୍ଞାକୁ ଜନ୍ ପାଳନ କରିବେ ବୋଲି ଦୋହରାଇଛନ୍ତି। ସେହିପରି କେରିଙ୍କ ବିବାଦୀୟ ପ୍ରକଳ୍ପ ନର୍ଦର୍ନ ମେଟ୍ରୋପଲିସ୍ ଏବଂ ଲଣ୍ଟାଉ ଟୁମୋରୋକୁ ମଧ୍ୟ ସେ ସମ୍ପୂର୍ଣ୍ଣ କରିବେ।

## ଆମେରିକା ଫେରନ୍ତା ଦମ୍ପତିଙ୍କୁ ହତ୍ୟା: ୫ କୋଟି ଲୁଟିଲେ ଚାକର



ଚେନ୍ନାଇ,୮।୫

ଚେନ୍ନାଇର ଏକ ଦମ୍ପତିଙ୍କୁ ହତ୍ୟା ପରେ ୫ କୋଟି ଟଙ୍କାର ସମ୍ପତ୍ତି ଲୁଟ୍ ଭଳି ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଏଥିରୁ ସମ୍ପୃକ୍ତ ଦୁଇଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ଘରେ କାମ କରୁଥିବା ଚାକର ଏହି ଜଘନ୍ୟ କାଣ୍ଡ ଭିଆଇଥିବା ପୋଲିସ କହିଛି। ଶ୍ରୀକାନ୍ତ (୬୦) ଏବଂ ସ୍ତ୍ରୀ ଅନୁରାଧା (୫୫) ଶନିବାର ଆମେରିକାରୁ ଫେରିଥିଲେ। ଶ୍ରୀକାନ୍ତ ଜଣେ ଅବସରପ୍ରାପ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ଶ୍ରୀକାନ୍ତ ଓ ଅନୁରାଧାଙ୍କୁ ବୀଭତ୍ସ ଭାବେ ହତ୍ୟା କରିବା ପରେ ସେମାନଙ୍କ ମୃତଦେହକୁ ଫାର୍ମ ହାଉସ୍‌ରେ ପୋତିଥିଲେ ଅଭିଯୁକ୍ତ। ଘଟଣାରେ ସମ୍ପୃକ୍ତ ଚାକର କ୍ରିଷ୍ଣନ୍ ନେପାଳର ହୋଇଥିବାବେଳେ ଅନ୍ୟ ସହଯୋଗୀ ରବି ଆନ୍ଧ୍ରପ୍ରଦେଶ ବାସିନ୍ଦା ଥିଲେ। ତେବେ କ୍ରିଷ୍ଣନ୍ ଓ ରବି ନେପାଳ ଫେରାର୍ ହେବାକୁ ଥିବାବେଳେ ପୋଲିସ ସେମାନଙ୍କୁ ଆନ୍ଧ୍ରପ୍ରଦେଶର ଓଙ୍ଗୋଲରୁ ଗିରଫ କରିବାରେ ସଫଳ ହୋଇଥିଲା। ଶ୍ରୀକାନ୍ତ ସ ଅନୁରାଧାଙ୍କ ଫୋନ୍ ସୁଇଚ୍‌ଅଫ୍ ଆସିବା ପରେ ଆମେରିକାରେ ରହୁଥିବା ତାଙ୍କ ଝିଅ ସମ୍ପର୍କୀୟଙ୍କୁ ମା, ବାପାଙ୍କ ବିଷୟରେ ପଚାରି ବୁଝିଥିଲେ। କିନ୍ତୁ ସେମାନଙ୍କଠାରୁ କୌଣସି ସୂଚନା ନ ମିଳିବା ପରେ ସେ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଚେନ୍ନାଇ ପୋଲିସ କ୍ରିଷ୍ଣନ୍‌ଙ୍କ ଫୋନ୍‌କୁ ଟ୍ରାକ୍ କରି ତାଙ୍କୁ ଧରିବାରେ ସଫଳ ହୋଇଥିବା ଉଚ୍ଚପଦସ୍ଥ ଅଧିକାରୀ ଡା. କାନନ କହିଛନ୍ତି।

# ପାଲ୍‌ଘର ଷ୍ଟିଲ୍ ପ୍ଲାଣ୍ଟରେ ଦଙ୍ଗା

### ଶ୍ରମିକ ସଂଘ ଆକ୍ରମଣରେ ୧୯ ପୋଲିସ ଆହତ, ବହୁ ଗାଡ଼ି ଭଙ୍ଗାରୁଜା



ମୁମ୍ବାଇ,୮।୫

ମହାରାଷ୍ଟ୍ରର ପାଲ୍‌ଘର ଅନ୍ତର୍ଗତ ତାରାପୁର ଏମ୍‌ଆଇଡିସିଠାରେ ଥିବା ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲାଣ୍ଟ ପରିସରରେ ଏକ ଶ୍ରମିକ ସଂଗଠନର ସଦସ୍ୟମାନେ ଶନିବାର ଦଙ୍ଗା ଘଟାଇଛନ୍ତି। ସେମାନଙ୍କ ଆକ୍ରମଣରେ କାରଖାନାର କେତେଜଣ କର୍ମଚାରୀ ଆହତ ହେବା ସହ ବହୁ ଗାଡ଼ି ଓ ସମ୍ପତ୍ତି ଭଙ୍ଗାରୁଜା ହୋଇଛି। ଦଙ୍ଗା ନିୟନ୍ତ୍ରଣ ପାଇଁ ଉଦ୍ୟମ କରୁଥିବା ପୋଲିସ ଉପରେ ଶ୍ରମିକ ୟୁନିୟନର ସଦସ୍ୟମାନେ ଆକ୍ରମଣ କରିବାରୁ ୧୯ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ୨୭ କର୍ମଚାରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ଓ ଦଙ୍ଗା ମାମଲା ରୁଜୁ ହୋଇଛି। କାରଖାନା ଚାରିପଟେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି।

ବୋଏସାର ଏମ୍‌ଆଇଡିସି ପୋଲିସ କହିବା ଅନୁଯାୟୀ, ୧୫୦ କର୍ମଚାରୀଙ୍କୁ ନେଇ ଗଠିତ ନୂଆ ୟୁନିୟନ ୧୬ ତାରିଖରୁ କାରଖାନାରେ ଧର୍ମଘଟ କରି କାମ ବନ୍ଦ ରଖିବାକୁ ଧମକ ଦେଇଥିଲା। କାରଖାନା ପରିଚାଳନା କର୍ତ୍ତୃପକ୍ଷ ଧର୍ମଘଟ ବିରୋଧରେ କୋର୍ଟ ନିର୍ଦ୍ଦେଶ ଆଣିଥିଲେ ଏବଂ ୟୁନିୟନ ସଦସ୍ୟମାନଙ୍କୁ କାରଖାନା ପରିସରରେ ପ୍ରବେଶକୁ ବାରଣ କରିଥିଲେ। ଶନିବାର ଅପରାହ୍ନରେ ୟୁନିୟନ ସଦସ୍ୟମାନେ ଜବରଦସ୍ତ ପ୍ରବେଶ କରିବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ସ୍ଥାୟୀ କର୍ମଚାରୀମାନେ ଧର୍ମଘଟ କଲେ ଠିକା କର୍ମଚାରୀଙ୍କୁ ନେଇ କାମ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। କାରଖାନା ପରିସରରେ ଭଙ୍ଗାରୁଜା କରୁଥିବା ୟୁନିୟନ ସଦସ୍ୟମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଟିମ୍ ପହଞ୍ଚିଥିଲା। ତେବେ ଉତ୍ତ୍ୟକ୍ତ କର୍ମଚାରୀମାନେ ପୋଲିସକୁ ଆକ୍ରମଣ କରିବା ସହ ଭ୍ୟାନ୍ ଭଙ୍ଗାରୁଜା କରିଥିଲେ। ସେମାନଙ୍କ ଆକ୍ରମଣରେ କାରଖାନାର ସମ୍ପତ୍ତି ଓ ସେଠାରେ ଥିବା କେତେକ ଅଟୋରିକ୍ସା ଭାଙ୍ଗିରୁଜି ଯାଇଛି। ଉତ୍ତ୍ୟକ୍ତ ଲୋକଙ୍କୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଫଳରେ ସେଠାରେ ଉପସ୍ଥିତ ଥିବା କେତେଜଣ ବାହାର ଲୋକ ମଧ୍ୟ ଆହତ ହୋଇଥିଲେ। ତେବେ ଶ୍ରମିକମାନଙ୍କ କହିବା ଅନୁଯାୟୀ, ପରିଚାଳନା କର୍ତ୍ତୃପକ୍ଷ ପ୍ରଥମେ ଆକ୍ରମଣ କରିବାରୁ ସେମାନେ ପ୍ରତିଆକ୍ରମଣ କରିଥିଲେ। ଏହି ଦଙ୍ଗାରେ ୮ରୁ ୧୦ କର୍ମଚାରୀ ଆହତ ହୋଇଛନ୍ତି। ଆହତମାନଙ୍କୁ ବୋଇସାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଦେଶଦ୍ରୋହ ଆଇନର ବୈଧତା ଯାଞ୍ଚ ଅନାବଶ୍ୟକ: କେନ୍ଦ୍ର

**ନୂଆଦିଲ୍ଲୀ,୮।୫:** ଦେଶଦ୍ରୋହ ଆଇନ ଉଚ୍ଛେଦକୁ କେନ୍ଦ୍ର ସରକାର ବିରୋଧ କରିଛନ୍ତି। ଉକ୍ତ ଆଇନ ଆଧାରରେ ଦିଆଯାଇଥିବା ରାୟର ପୁନଃ ସମୀକ୍ଷା ଆବଶ୍ୟକ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ୬ ଦଶନ୍ଧି ତଳର ରାୟରେ ଧାରା ୧୨୪ଏର ବୈଧତାକୁ କାଏମ ରଖାଯାଇଥିଲା। ଏହା ଏକ ଭଲ ଆଇନ ଏବଂ ସମ୍ବିଧାନର ଅଧିକାର ଓ ରାଷ୍ଟ୍ରର ଆବଶ୍ୟକତା ମଧ୍ୟରେ ସନ୍ତୁଳନ ରକ୍ଷା କରୁଛି ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଦେଶଦ୍ରୋହ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ଦାଏର ହୋଇଥିଲା। ଏହାକୁ ସାମ୍ବିଧାନିକ ବେଞ୍ଚକୁ ପଠାଯିବ କି ନାହିଁ ପ୍ରସଙ୍ଗ ଉପରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଛନ୍ତି, ୧୯୬୨ର ରାୟ ଗୁରୁତ୍ୱପୂର୍ଣ୍ଣ ଓ ଏହାର ପୁନର୍ବିଚାର କରିବା ଆବଶ୍ୟକ ନାହିଁ। ଅପବ୍ୟବହାର ନେଇ ଆବେଦନକାରୀମାନେ ଆଣିଥିବା ଅଭିଯୋଗ ଆଧାରରେ ଉକ୍ତ ଆଇନକୁ ଉଚ୍ଛେଦ କରାଯାଇପାରିବ ନାହିଁ।



ଟ୍ୟୁନିସିଆ ରାଷ୍ଟ୍ରପତି କାଇସ୍ ସଇଦ୍‌ଙ୍କ ସପକ୍ଷରେ ଟ୍ୟୁନିସ୍‌ରେ ରବିବାର ଶୋଭାଯାତ୍ରାବେଳେ ବିକ୍ଷୋଭକାରୀମାନେ ସ୍ଲୋଗାନ ଦେଉଛନ୍ତି।

## ବିସ୍ଫୋରକ ସହ ଦୁଇ ଗିରଫ



ଚଣ୍ଡିଗଡ,୮।୫

ପଞ୍ଜାବର ତରନ ତାରନ ସାହିବ ଜିଲାରୁ ପୋଲିସ ରବିବାର ବିସ୍ଫୋରକ ସାମଗ୍ରୀ ସମେତ ଦୁଇ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଦ୍ୱୟ ହେଲେ ଗୁଜରପୁରାର ବଲଜିନ୍ଦର ସିଂ ଏବଂ ଖାନୋୱାଲ ଗ୍ରାମର ଜଗତାର ସିଂ। ସେମାନଙ୍କ ପାଖରୁ ଅଢେଇ କିଲୋଗ୍ରାମ ଓଜନର ଆଇଇଡି, ଟାଇମର, ଡିଟୋନେଟର ଓ ବ୍ୟାଟେରି ପୋଲିସର ହସ୍ତଗତ ହୋଇଥିବାବେଳେ ଦୁଇଟି ମୋବାଇଲ ଫୋନ୍ ଓ ଗୋଟିଏ ମୋଟର ସାଇକେଲ ସେମାନଙ୍କଠାରୁ ଜବତ କରାଯାଇଛି। ଗିରଫ ଯୁବକ ପଞ୍ଜାବ, ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳରେ ବିସ୍ଫୋରଣ ଘଟାଇବା ଉଦ୍ଦେଶ୍ୟରେ ଥିବା ପୋଲିସ କହିଛି। ବଜିନ୍ଦର ସିଂ ଅଜନାଲାରେ ଥିବା ଏକ ଘରୋଇ ଡାକ୍ତରଖାନାରେ ନର୍ସିଂ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବାବେଳେ ଜଗ୍ଗା ଶ୍ରମିକ ଭାବେ କାର୍ଯ୍ୟକରନ୍ତି। ଟଙ୍କା ଓ ଡ୍ରଗ୍ ପାଇଁ ଦୁହେଁ ଏ ପ୍ରକାର ଆପରାଧିକ କାର୍ଯ୍ୟରେ ଲିପ୍ତ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ହିମାଚଳ ବିଧାନସଭା ଫାଟକରେ ଖଲିସ୍ତାନ ପତାକା

ଧର୍ମଶାଳା,୮।୫

ହିମାଚଳପ୍ରଦେଶ ବିଧାନସଭାର ମୁଖ୍ୟ ପ୍ରବେଶ ପଥ ଏବଂ କାନ୍ଥରେ ରବିବାର ଖଲିସ୍ତାନ ପତାକା ଲାଗିଥିବା ଦେଖାଯାଇଛି। ଧର୍ମଶାଳାସ୍ଥିତ ଆସେମ୍ବ୍ଲି ବିଲ୍ଡିଂର କାନ୍ଥରେ ସ୍ଲୋଗାନ ମଧ୍ୟ ଲେଖାଯାଇଛି। ପ୍ରଶାସନ ଉକ୍ତ ପତାକାକୁ ହଟାଇ ଦେଇଛି। ଖଲିସ୍ତାନ ପତାକା ଲଗାଯିବା ଘଟଣାକୁ ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ନିନ୍ଦା କରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ପଛରେ ପଞ୍ଜାବର କେତେଜଣ ଆତଙ୍କବାଦୀ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବାରୁ ବିଭିନ୍ନ ରାଜ୍ୟ ସୀମାରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯିବ ବୋଲି ସେ କହିଛନ୍ତି। ହିମାଚଳପ୍ରଦେଶ ସୀମାକୁ ଲାଗି ଜମ୍ମୁ-କଶ୍ମୀର, ଲଦାଖ, ଉତ୍ତରାଖଣ୍ଡ, ହରିୟାଣା ଏବଂ ପଞ୍ଜାବ ସୀମା ରହିଛି। ଖଲିସ୍ତାନ ପତାକା ଲଗାଯିବା ଘଟଣାରେ ଏତଲା ଦାଏର ହେବା ସହ ତଦନ୍ତ ଆରମ୍ଭ ହୋଇଛି। ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯାଇ ଉପଯୁକ୍ତ ଦଣ୍ଡବିଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ




# ୩୦% ମହିଳା ଶାରୀରିକ ହିଂସାର ଶିକାର

ନୂଆଦିଲ୍ଲୀ,୮।୫

ଭାରତର ପ୍ରାୟ ଏକତୃତୀୟାଂଶ ମହିଳା ଶାରୀରିକ ଏବଂ ଯୌନହିଂସାର ଶିକାର ହୋଇଥାନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ (ଏନ୍‌ଏଫ୍‌ଏଚ୍‌ଏସ୍-୫) ରିପୋର୍ଟରେ ଏହା କୁହାଯାଇଛି। ଦେଶରେ ମହିଳାମାନଙ୍କ ପ୍ରତି ଘରୋଇ ହିଂସା ୩୧.୨ ପ୍ରତିଶତରୁ ୨୯.୩ ପ୍ରତିଶତକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ୧୮ରୁ ୪୯ ବର୍ଷ ବୟସ ବର୍ଗର ୩୦% ମହିଳା ୧୫ ବର୍ଷ ବୟସରୁ ଶାରୀରିକ ହିଂସାର ସମ୍ମୁଖୀନ ହେଉଥିବାବେଳେ ୬ ପ୍ରତିଶତ ସାରା ଜୀବନ ଏଭଳି ନିର୍ଯାତନାର ଶିକାର ହୋଇଥାନ୍ତି। ତେବେ ମାତ୍ର ୧୪ ପ୍ରତିଶତ ମହିଳା ସେମାନଙ୍କ ପ୍ରତି ହେଉଥିବା ଶାରୀରିକ କିମ୍ବା ଯୌନ ହିଂସା ବିରୋଧରେ ସ୍ୱର ଉଠାଇଥାନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଉକ୍ତ ରିପୋର୍ଟକୁ ଉନ୍ମୋଚନ କରିଛନ୍ତି।



ପୂର୍ବରୁ ୧୫ରୁ ୪୯ ବର୍ଷ ବୟସ ବର୍ଗର ମହିଳାଙ୍କ ଉପରେ ଏନ୍‌ଏଫ୍‌ଏଚ୍‌ଏସ୍-୪ ରିପୋର୍ଟ ପ୍ରକାଶ ପାଇଥିବାବେଳେ ଏଥର ୧୮ରୁ ୪୯ ବର୍ଷ ବୟସର ମହିଳାଙ୍କୁ ସର୍ଭେରେ ସାମିଲ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ୩୨ ପ୍ରତିଶତ ବିବାହିତା ମହିଳା (୧୮ରୁ ୪୯ ବର୍ଷ) ଶାରୀରିକ, ଯୌନ କିମ୍ବା ଭାବାବେଗଜନିତ ହିଂସାର ଶିକାର ହୋଇଥାନ୍ତି। ବୈବାହିକ ହିଂସା ମଧ୍ୟରୁ ଶାରୀରିକ ହିଂସା ସର୍ବାଧିକ ୨୮ ପ୍ରତିଶତ ହୋଇଥିବାବେଳେ ଏହା ପଛକୁ ଭାବାବେଗ ଜନିତ ହିଂସା ଓ ଯୌନ ହିଂସା ରହିଛି। କର୍ନାଟକରେ ମହିଳାଙ୍କ ପ୍ରତି ଘରୋଇ ହିଂସା ସର୍ବାଧିକ ୪୮ ପ୍ରତିଶତ ହୋଇଥିବାବେଳେ ଏହା ପଛକୁ ବିହାର, ତେଲଙ୍ଗାନା, ମଣିପୁର ଓ ତାମିଲନାଡୁ ରହିଛନ୍ତି। ଲାକ୍ଷାଦ୍ୱୀପରେ ଘରୋଇ ହିଂସା ସର୍ବନିମ୍ନ ୨.୧ ପ୍ରତିଶତ ରହିଛି।

### ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ ରିପୋର୍ଟ

ରିପୋର୍ଟ ଅନୁଯାୟୀ, ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ମହିଳା ଅଧିକ ଶାରୀରିକ ହିଂସାର ସମ୍ମୁଖୀନ ହୋଇଥାନ୍ତି। ଗ୍ରାମାଞ୍ଚଳରେ ୩୨ ପ୍ରତିଶତ ମହିଳା ଶାରୀରିକ ହିଂସାର ଶିକାର ହେଉଥିବାବେଳେ ସହରାଞ୍ଚଳରେ ୨୪ ପ୍ରତିଶତଙ୍କୁ ଏଭଳି ହିଂସାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସେହିପରି ୧୮ ପ୍ରତିଶତ ଶିକ୍ଷିତା ମହିଳା ଏବଂ ୪୦ ପ୍ରତିଶତ ସ୍କୁଲ୍ ଯାଇ ନ ଥିବା ମହିଳା ଘରୋଇ ହିଂସାର ଶିକାର ହୋଇଥାନ୍ତି। ଗରିବ ପରିବାର ଅପେକ୍ଷା ସ୍ୱଚ୍ଛଳ ପରିବାରରେ ଘରୋଇ ହିଂସା ଘଟଣା କମ୍ ଦେଖିବାକୁ ମିଳିଥାଏ। ସ୍ୱଚ୍ଛଳ ବର୍ଗର ୧୭ ପ୍ରତିଶତ ମହିଳା ହିଂସାର ଶିକାର ହେଉଥିବାବେଳେ ଅସ୍ୱଚ୍ଛଳ ବର୍ଗର ୩୯ ପ୍ରତିଶତଙ୍କୁ ଏଭଳି ନିର୍ଯାତନା ସହିବାକୁ ପଡ଼ିଥାଏ ବୋଲି ରିପୋର୍ଟରେ କୁହାଯାଇଛି। ୮୦ ପ୍ରତିଶତ ଶାରୀରିକ ହିଂସା ସ୍ୱାମୀଙ୍କ ଦ୍ୱାରା ହୋଇଥାଏ। ୨୧ ପ୍ରତିଶତ ଶିକ୍ଷିତ ସ୍ୱାମୀ ଘରୋଇ ହିଂସାରେ ସମ୍ପୃକ୍ତ ରହୁଥିବାବେଳେ ସ୍କୁଲ୍ ଯାଇ ନ ଥିବା ୪୩ ପ୍ରତିଶତ ସ୍ୱାମୀ ଏଭଳି କାର୍ଯ୍ୟରେ ସାମିଲ ହୋଇଥାନ୍ତି। ସେହିପରି ମଦ୍ୟପ ସ୍ୱାମୀଙ୍କ ଯୋଗୁ ମହିଳାମାନେ ଅଧିକ ଶାରୀରିକ କିମ୍ବା ଭାବାବେଗ ଜନିତ ହିଂସାର ସମ୍ମୁଖୀନ ହୁଅନ୍ତି। ରିପୋର୍ଟ ଅନୁଯାୟୀ ହିଂସାର ଶିକାର ହେଉଥିବା ମହିଳାଙ୍କ ମଧ୍ୟରୁ ୭୦ ପ୍ରତିଶତଙ୍କ ସ୍ୱାମୀ ମଦ ପିଇଥାନ୍ତି।

**ବ୍ରିଜ ପ୍ୟାକ ରଣନୀତି ଆପଣାଇବେ କମ୍ପାନୀ**

**ନୂଆଦିଲ୍ଲୀ:** ହିନ୍ଦୁସ୍ତାନ ୟୁନି ଲିଭର ଲିଃ (ଏଚ୍‌ୟୁଏଲ)ର ତ୍ରୈମାସିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ଆଗାମୀ କିଛିମାସ ପର୍ଯ୍ୟନ୍ତ ଭାରତୀୟ ମୁଦ୍ରାସ୍ଫୀତିର ପ୍ରଭାବ ବିଭିନ୍ନ କମ୍ପାନୀଙ୍କ ଉପରେ ପଡିବ ବୋଲି ଆକଳନ କରାଯାଉଛି। ଏହାର ପରିଚାଳନା ବାତାବରଣ ମଧ ବେଶ ଆହ୍ୱାନପୂର୍ଣ୍ଣ ରହିବ। ସେହିଭଳି ଏହି ଆହ୍ୱାନର ମୁକାବିଲା ଲାଗି କମ୍ପାନୀମାନେ ବର୍ତ୍ତମାନ 'ବ୍ରିଜ ପ୍ୟାକ୍' ରଣନୀତି ଅବଲମ୍ବନ କରିବାକୁ ଯାଉଥିବା କୁହାଯାଇଛି। ଏହି ରଣନୀତିରେ ଉଚ୍ଚତମ ଓ ସବୁଠୁ କମ୍ ମୂଲ୍ୟର ଉତ୍ପାଦର ମଧ୍ୟବର୍ତ୍ତୀ ଉତ୍ପାଦ ଆଣିବା ଲାଗି କମ୍ପାନୀଗୁଡିକ ଯୋଜନା କରୁଛନ୍ତି।

## ସଂକ୍ଷେପରେ

### ୫ମ ଦିନ ସୁଦ୍ଧା ୧.୭୯ ଗୁଣା ସବ୍‌ସ୍କ୍ରିପ୍ସନ୍

**ନୂଆଦିଲ୍ଲୀ,୮।୫:** ଛୁଟିଦିନଗୁଡ଼ିକରେ ମଧ ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି)ର ପ୍ରାରମ୍ଭିକ ସର୍ବସାଧାରଣ ଅଫର (ଆଇପିଓ)କୁ ନିବେଶକଙ୍କର ଦୃଢ଼ ସମର୍ଥନ ଦେଖିବାକୁ ମିଳିଛି। ଓପନ୍ ହେବାର ୫ମ ଦିନ ଅର୍ଥାତ୍ ମେ' ୮ ତାରିଖ ସୁଦ୍ଧା ନିବେଶକଙ୍କ ଉଦ୍ଦେଶ୍ୟରେ ରହିଥିବା ଶେୟାରଠାରୁ ଏହା ୧.୭୯ ଗୁଣା ସବ୍‌ସ୍କ୍ରାଇବ୍ ହୋଇଥିବା ଜଣାଯାଇଛି। ପ୍ରଥମ ଦିନରେ ଏହାର ୬୭% ସବ୍‌ସ୍କ୍ରିପ୍ସନ ହୋଇସାରିଥିଲା ଏବଂ ୨ୟ ଦିନରେ ସମ୍ପୂର୍ଣ୍ଣ ପୂରଣ ହୋଇଯାଇଥିଲା। ଏଲ୍‌ଆଇସି ଆଇପିଓରେ ନିବେଶ ପାଇଁ ରହିଥିବା ୧୬.୨ କୋଟି ଶେୟାର ଓପନିଂର ୨ୟ ଦିନ ସୁଦ୍ଧା ଶେଷ ହୋଇଯାଇଥିଲା। ଆରମ୍ଭ ଦିନରେ ଆଇପିଓର ପଲିସି ହୋଲ୍ଡର ଏବଂ କର୍ମଚାରୀ ସଂରକ୍ଷଣ ସମ୍ପୂର୍ଣ୍ଣ ପୂରଣ ହୋଇଯାଇଥିଲା। ୫ମ ଦିନ ସନ୍ଧ୍ୟା ସୁଦ୍ଧା ପଲିସିହୋଲ୍ଡର ସେଗ୍‌ମେଣ୍ଟରେ ୫.୦୪ ଗୁଣା ଏବଂ କର୍ମଚାରୀ ବିଭାଗରେ ୩.୭୯ ଗୁଣା ଅଧିକ ସବ୍‌ସ୍କ୍ରିପ୍ସନ୍ ଦେଖିବାକୁ ମିଳିଛି। ଖୁଚୁରା ନିବେଶକଙ୍କ ଅଂଶରେ ୧.୫୯ ଗୁଣା ଅଧିକ ଶେୟାର କ୍ରୟ କରାଯାଇଛି।

### ନିବେଶ ପାଇଁ ମସ୍କଙ୍କୁ ପୁନାୱାଲାଙ୍କ ଆହ୍ୱାନ

**ନୂଆଦିଲ୍ଲୀ,୮।୫:** କୋଭିଡ ସମୟରେ ଚର୍ଚ୍ଚାରେ ରହିଥିବା ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ସିଆଇଆଇ)ର ସିଇଓ ଆଦର ପୁନାୱାଲା ଟୁଇଟରର ନୂତନ ମାଲିକ ଏଲନ୍ ମସ୍କଙ୍କୁ ଭାରତରେ ପୁଞ୍ଜି ବିନିଯୋଗ କରିବାକୁ ଆହ୍ୱାନ କରିଛନ୍ତି। ଏ ନେଇ ସେ ମଧ ଟୁଇଟ କରି କହିଛନ୍ତି, ମସ୍କ ଯଦି ଆପଣ ଟୁଇଟର କିଣିବାକୁ ଚାହୁଁନାହାନ୍ତି, ତେବେ ସେହି ପୁଞ୍ଜିର କିଛି ଅଂଶକୁ ଭାରତ ବଜାରରେ ବିନିଯୋଗ କରନ୍ତୁ। ଉକ୍ତ ବିନିଯୋଗ ଜରିଆରେ ଏଠାରେ ଉଚ୍ଚମାନର ଟେସ୍ଲା କାର ନିର୍ମାଣ କରନ୍ତୁ ବୋଲି ପୁନାୱାଲା କହିଛନ୍ତି। ସେହିଭଳି ଏହା ଆପଣଙ୍କର ସର୍ବୋତ୍ତମ ନିବେଶ ହେବା ସହ ଆପଣଙ୍କୁ ଅନେକାଂଶରେ ଭଲ ସୁଯୋଗ ମଧ ଦେବ, ଏପରିକି ମୁଁ ଆପଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛି ଯେ ଏହା ତୁମର ସର୍ବଶ୍ରେଷ୍ଠ ପୁଞ୍ଜିନିବେଶ ହେବ।

# ୩୦୦୦୦ କୋଟି ସଂଗ୍ରହ ଲକ୍ଷ୍ୟ

## କମ୍ପାନୀର ଅଂଶଧନ ବିକ୍ରି କରିବ ଫ୍ୟୁଚର

## ଋଣମୁକ୍ତ ହେବାକୁ ଏଫ୍‌ଇଏଲ୍‌ର ପ୍ରୟାସ

ନୂଆଦିଲ୍ଲୀ,୮।୫

ଋଣଭାରରେ ବୁଡି ରହିଥିବା ଫ୍ୟୁଚର ଗ୍ରୁପ୍‌ର କମ୍ପାନୀ ଫ୍ୟୁଚର ଏଣ୍ଟରପ୍ରାଇସେସ୍ ଲିମିଟେଡ୍ (ଏଫ୍‌ଇଏଲ୍) କରଜ ଶୁଝିବା ପାଇଁ ବୀମା କାରବାରରେ ନିଜ ଅଂଶଧନ ବିକ୍ରି କରି ୩୦୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖିଛି। କମ୍ପାନୀ ସୂଚନା ଅନୁସାରେ ଏହାଦ୍ୱାରା କମ୍ପାନୀ ଦେବାଳିଆ ହେବାରୁ ରକ୍ଷା ପାଇପାରିବ। ଏହା ପୂର୍ବରୁ ଗତ ଗୁରୁବାର ଏଫ୍‌ଇଏଲ୍ ପକ୍ଷରୁ ୧୨୬୬.୦୭ କୋଟି ଟଙ୍କା ପାଇଁ ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଏଫ୍‌ଜିଆଇଆଇସିଏଲ୍) ଜରିଆରେ ଜେନେରାଲିକୁ ୨୫% ଅଂଶଧନ ବିକ୍ରି କରିବା ପ୍ରକ୍ରିୟା ଶେଷ ହୋଇଛି। ଏହାପରଠାରୁ ଏଫ୍‌ଜିଆଇଆଇସିଏଲ୍‌ରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ରୂପରେ ଏଫ୍‌ଇଏଲ୍‌ର ୨୪.୯୧% ଅଂଶଧନ କାଏମ୍ ରହିବ। କମ୍ପାନୀ ସୂତ୍ର ଅନୁସାରେ ଆଗାମୀ ୩୦-୪୦ ଦିନ ମଧ୍ୟରେ ସାଧାରଣ ବୀମା କାରବାରରେ ଏଫ୍‌ଇଏଲ୍ ପକ୍ଷରୁ ଅବଶିଷ୍ଟ ୨୫% ଅଂଶଧନକୁ ୧୨୫୦ କୋଟି ଟଙ୍କାରେ ଅନ୍ୟ କମ୍ପାନୀକୁ ବିକ୍ରି କରାଯିବ। ଏହାଛଡ଼ା ଫ୍ୟୁଚର ଜେନେରାଲି ଇଣ୍ଡିଆ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍‌ରେ ଏଫ୍‌ଇଏଲ୍ ୩୩.୩% ଅଂଶଧନ ବିକ୍ରି କରିବାର ଯୋଜନା ରହିଛି। ଏହି କାରବାର ଦ୍ୱାରା କମ୍ପାନୀ ୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠୁଳ କରିପାରିବ। ଏହାଦ୍ୱାରା କିଶୋର ବିୟାନୀଙ୍କ ଗ୍ରୁପ୍‌ର ଏହି କମ୍ପାନୀ ବୀମା କାରବାରରୁ ସମ୍ପୂର୍ଣ୍ଣ ରୂପେ ବାହାର ହୋଇଯିବ। ଏହି ସମସ୍ତ କାରବାର ଦ୍ୱାରା ଏଫ୍‌ଇଏଲ୍ ପ୍ରାୟ ୨୯୫୦ କୋଟି ଟଙ୍କା ସଂଗ୍ରହ କରି ଉକ୍ତ ଅର୍ଥ ଜରିଆରେ କମ୍ପାନୀର ଋଣ ଶୁଝାଯାଇପାରିବ। କମ୍ପାନୀକୁ ଦେବାଳିଆ ହେବାରୁ ରକ୍ଷା କରି, ଋଣ ଶୁଝି, କମ୍ପାନୀକୁ ନିୟମିତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଏଫ୍‌ଇଏଲ ପକ୍ଷରୁ ମାର୍ଚ୍ଚ ୩୧ ସୁଦ୍ଧା ବିଭିନ୍ନ ବ୍ୟାଙ୍କ୍‌ର କନ୍‌ସୋର୍ଟିୟମ୍ ଏବଂ କରଜଦାତାଙ୍କୁ ୨୯୧୧.୫୧ କୋଟି ଟଙ୍କାର ଋଣ ପରିଶୋଧ କରି ନ ପାରି ଖିଲାପକାରୀ ତାଲିକାଭୁକ୍ତ ଥିଲା। ଏହାଛଡ଼ା ଗତ ଶୁକ୍ରବାର ଫ୍ୟୁଚର ଗ୍ରୁପ୍‌ର ଅନ୍ୟ ଏକ କମ୍ପାନୀ ଫ୍ୟୁଚର କନ୍‌ଜ୍ୟୁମର ଲିମିଟେଡ୍ ପକ୍ଷରୁ ଅମର ଚିତ୍ରକଥା ପ୍ରାଇଭେଟ୍ ଲିମିଟେଡ୍‌ରେ ନିଜର ଅଂଶଧନ ୧୩.୬୨ କୋଟି ଟଙ୍କାରେ ବିକ୍ରି କରିବାକୁ ଘୋଷଣା କରିଥିଲା। ସୂଚନାଯୋଗ୍ୟ, ଏଫ୍‌ଇଏଲ୍‌ର ବିଗ୍ ବଜାର, ଇଜି ଡେ' ଆଣ୍ଡ୍ ହେରିଟେଜ୍ ଭଳି ଖୁଚୁରା ଚେନ୍ କମ୍ପାନୀ ରହିଛି।

### ଆଜିଠାରୁ ହାଇ ଲାଇଫ୍‌ର ୨ ଦିନିଆ ପ୍ରଦର୍ଶନୀ

ଭୁବନେଶ୍ୱର,୮।୫

ଦେଶର ଅଗ୍ରଣୀ ଫ୍ୟାଶନ ଆଣ୍ଡ ଲାଇଭ ଷ୍ଟାଇଲ ଏକ୍‌ଜିବିଶନ ଅନୁଷ୍ଠାନ 'ହାଇ ଲାଇଫ୍' ପକ୍ଷରୁ ୨ ଦିନିଆ ପ୍ରଦର୍ଶନୀ ଆଜିଠାରୁ ଆରମ୍ଭ ହେଉଛି। ସଂସ୍ଥା ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଏଭଳି ପ୍ରଦର୍ଶନୀ ହୋଟେଲ ମେ ଫେୟାର ପରିସରରେ ଆୟୋଜନ କରିଛି। ଚଳିତ ମାସ ୯ ଓ ୧୦ ତାରିଖ ଏହି ଫ୍ୟାଶନ ଆଣ୍ଡ ଲାଇଭ ଷ୍ଟାଇଲ ଏକ୍‌ଜିବିଶନ ଅନୁଷ୍ଠିତ ହେଉଛି। ଉକ୍ତ ପ୍ରଦର୍ଶନୀରେ ଭାରତର ଖ୍ୟାତିସମ୍ପନ୍ନ ପ୍ରଦର୍ଶନକାରୀ ଏବଂ ଡିଜାଇନରମାନେ ସେମାନଙ୍କ ସାମଗ୍ରୀ ଏଠାରେ ପ୍ରଦର୍ଶିତ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ବ୍ରାଇଡାଲ ୱିୟରଠାରୁ ଆରମ୍ଭ କରି ଡିଜାଇନର ପୋଷାକ, ଗହଣା, ଫ୍ୟାଶନ ଆସେସୋରିଜ୍, ହୋମ ଆସେସୋରିଜ୍ ଏବଂ କଳାକୃତି ଭଳି ଅନେକ ଲାଇଫଷ୍ଟାଇଲ୍ ଏବଂ ଫ୍ୟାଶନ ସାମଗ୍ରୀ ଏଠାରେ ଉପଲବ୍ଧ ହେବ।

### ବାତ୍ୟା ପାଇଁ ଟିପିସିଓଡିଏଲ୍‌ର ପ୍ରସ୍ତୁତି

ଭୁବନେଶ୍ୱର,୮।୫

ଆଇଏମ୍‌ଡିର ରିପୋର୍ଟ ଅନୁଯାୟୀ ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହାର ଆଖପାଖରେ ସୃଷ୍ଟି ହୋଇଥିବା ଏକ ଲଘୁଚାପ ରବିବାର ସୁଦ୍ଧା ଏକ ସାମୁଦ୍ରିକ ବାତ୍ୟାରେ ରୂପାନ୍ତରିତ ହେବାର ଆଶା କରାଯାଉଛି। ବାତ୍ୟା ସ୍ଥିତି ଉତ୍ପନ୍ନ ହେଲେ ଏହାର ମୁକାବିଲା କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷ କରି ଏକ ସମ୍ପୂର୍ଣ୍ଣ ବ୍ୟବସାୟ ନୀରବଚ୍ଛିନ୍ନତା ଓ ବିପର୍ଯ୍ୟୟ ପରିଚାଳନା ଯୋଜନା (ବିସିଡିଏମ୍‌ପି) ମଧ ପ୍ରସ୍ତୁତ କରାଯାଇଛି। ଏହି ଡିସ୍‌କମ୍ ପକ୍ଷରୁ ବିଦ୍ୟୁତ୍ ବିଭ୍ରାଟକୁ ସୁଧାରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକ ଉପକରଣର ମଧ ବ୍ୟବସ୍ଥା କରାଯାଇଛି। ଯେ କୌଣସି ପ୍ରକାର ଆପାତକାଳୀନ ସ୍ଥିତିର ମୁକାବିଲା ଏବଂ ବିଦ୍ୟୁତ୍ ଯୋଗାଣ ପାଇଁ ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ଟିପିସିଓଡିଏଲ୍ ସର୍ବଦା ପ୍ରସ୍ତୁତ ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଏହାର ଲାଇସେନ୍ସ ପ୍ରାପ୍ତ ଅଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଉତ୍ସର୍ଗୀକୃତ ଦ୍ରୁତ ପ୍ରଶମନ ଟିମ୍ ମଧ ମୁତୟନ କରାଯାଇଛି। ବାତ୍ୟା ସମୟରେ ଜରୁରିକାଳୀନ ସେବା ଲାଗି ଗ୍ରାହକମାନେ ୨୪ ଘଣ୍ଟିଆ କଲ୍ ସେଣ୍ଟରର ଦେୟମୁକ୍ତ ନମ୍ବର ୧୯୧୨ କିମ୍ବା ୧୮୦୦୩୪୫୭୧୨୨ରେ କଲ୍ କରିପାରିବେ କିମ୍ବା ଟିପିସିଓଡିଏଲ୍ ମିତ୍ର ଆପ୍ କିମ୍ବା ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରିପାରିବେ।

# ୪,୮୦୦ କୋଟି ନିବେଶ କରିବ ଟୟୋଟା

ନୂଆଦିଲ୍ଲୀ,୮।୫

ଟୟୋଟା ଗ୍ରୁପ ଅଫ କମ୍ପାନୀ ଏବଂ ଏହାର ଆନୁଷଙ୍ଗିକ କମ୍ପାନୀ ଟିଆଇଇଆଇ ମିଳିତ ଭାବେ କର୍ନାଟକରେ ୪,୮୦୦ କୋଟି ଟଙ୍କା ନିବେଶ କରିବେ। ଏ ନେଇ କର୍ନାଟକ ସରକାରଙ୍କ ସହ ଏକ ଏମ୍‌ଓୟୁ ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ କମାଇବା ସହ ବିଦ୍ୟୁତୀକରଣ ଏବଂ ସବୁଜ ପ୍ରଯୁକ୍ତିବିଦ୍ୟାକୁ ଗୁରୁତ୍ୱାରୋପ ଲାଗି ଏହି ବୁଝାମଣା ହୋଇଛି। ମେକ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ଦେଶରେ ଆଗେଇ ନେବା ପାଇଁ ଟୟୋଟା କିର୍ଲୋସ୍କର ମୋଟର ଏବଂ ଟୟୋଟା କିର୍ଲୋସ୍କର ଅଟୋ ପାର୍ଟସ ପକ୍ଷରୁ ମଧ ୪,୧୦୦ କୋଟି ଟଙ୍କା ବିନିଯୋଗ ପାଇଁ କର୍ନାଟକ ସରକାରଙ୍କ ସହ ଏକ ଚୁକ୍ତିନାମା ହୋଇଛି। ଏହି ପରିପ୍ରେକ୍ଷୀରେ କର୍ନାଟକ ମୁଖ୍ୟମନ୍ତ୍ରୀ ବାସଭରାଜ ବୋମାଇ ଏବଂ ଟୟୋଟା କିର୍ଲୋସ୍କର ମୋଟର ଉପାଧ୍ୟକ୍ଷ ବିକ୍ରମ.ଏସ. କିର୍ଲୋସ୍କରଙ୍କ ମଧ୍ୟରେ ଏକ ଏମଓୟୁ ବିନିମୟ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ କର୍ନାଟକ ବୃହତ୍ ଏବଂ ମଧ୍ୟମ ଶିଳ୍ପମନ୍ତ୍ରୀ ଡକ୍ଟର ମୁରୁଗେଶ. ଆର୍.ନିରାନି,କର୍ନାଟକ ସରକାରଙ୍କ ମୁଖ୍ୟ ଶାସନ ସଚିବ, ରବି.କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କର୍ନାଟକ ମୁଖ୍ୟମନ୍ତ୍ରୀ ବାସଭରାଜ ବୋମାଇ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଏକବିଂଶ ଶତାବ୍ଦୀର ଶିଳ୍ପାଞ୍ଚଳ ଏବଂ କରିଡର ନିର୍ମାଣ କରିବା। ନିରନ୍ତର ବିକାଶ ପାଇଁ ଏକ ପ୍ରତିବଦ୍ଧତା ତଥା ଦେଶର ପ୍ରଗତିରେ ସହଯୋଗ କରୁଥିବା ଏକ ରାଜ୍ୟ ଭାବରେ ଆମେ କର୍ନାଟକକୁ ଆମର ଏକ ବିଶ୍ୱ ଯୋଗାଣ-ଶୃଙ୍ଖଳା ଏବଂ ଉତ୍ପାଦନ ହବ୍ କରିବାକୁ ଚାହୁଁଛୁ। ଟୟୋଟା ଗ୍ରୁପ ଅଫ କମ୍ପାନୀଗୁଡିକ ସହିତ ଏମଓୟୁ ଏହି କ୍ଷେତ୍ରରେ ଏକ ବଡ ପଦକ୍ଷେପ। ସେହିଭଳି ଟୟୋଟା କିର୍ଲୋସ୍କର ମୋଟର ଉପାଧ୍ୟକ୍ଷ ବିକ୍ରମ ଏସ. କିର୍ଲୋସ୍କର କହିଛନ୍ତି, ମେକ ଇନ୍ ଇଣ୍ଡିଆ ସହିତ ଘରୋଇ ଉତ୍ପାଦନର ବିଦ୍ୟୁତୀକରଣର ଗତି ବଢ଼ାଇବା ପାଇଁ ଟୟୋଟା ପ୍ରତିଶ୍ରୁତିବଦ୍ଧ। କର୍ନାଟକ ସରକାରଙ୍କ ସହ ଏହି ଏମଓୟୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ।

### ବନ୍ଦ ହେବନି ସିବିଆଇ ଶାଖା

ନୂଆଦିଲ୍ଲୀ,୮।୫

ଚଳିତ ଆର୍ଥିକ ବର୍ଷରେ ସେଣ୍ଟ୍ରାଲ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କୌଣସି ଶାଖା ବନ୍ଦ ହେବନାହିଁ। ଖବର ଏଜେନ୍ସି ରୟଟର୍ସ ପକ୍ଷରୁ ସେଣ୍ଟ୍ରାଲ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଆର୍ଥିକ ସ୍ଥିତି ଭଲ ନ ଥିବା କାରଣରୁ ବ୍ରାଞ୍ଚ୍ ବନ୍ଦ ପାଇଁ ଖବର ପ୍ରକାଶ ପାଇବା ପରେ ବ୍ୟାଙ୍କ୍ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ବ୍ୟାଙ୍କ୍‌ର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ, ପ୍ରତ୍ୟେକ ଆର୍ଥିକ ବର୍ଷ ଶେଷରେ ବ୍ୟାଙ୍କ୍‌ର ଶାଖାଗୁଡ଼ିକର ସମୀକ୍ଷା କରାଯାଇ ଟପ୍ ଲାଇନ୍ ଏବଂ ବଟମ୍ ଲାଇନ୍‌ରେ ସେମାନଙ୍କର ଅଂଶଗ୍ରହଣ ସମ୍ପର୍କରେ ସମୀକ୍ଷା କରାଯାଏ। ଏହାଛଡ଼ା ବ୍ୟାଙ୍କ୍ ଫିଲ୍ଡରେ ନିଜ କର୍ମଚାରୀଙ୍କ ଦ୍ୱାରା ସମସ୍ତ ଶାଖାଗୁଡ଼ିକର ସମୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ ଏବଂ ଉକ୍ତ ରିପୋର୍ଟ ଆଧାରରେ ବ୍ୟାଙ୍କ୍‌ଗୁଡ଼ିକର ବନ୍ଦ ହେବା ନ ହେବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥାଏ।

### ଭାରତ ଛାଡ଼ିପାରେ ଟେସ୍‌ଲା

**ନୂଆଦିଲ୍ଲୀ,୮।୫:** କେନ୍ଦ୍ର ସରକାରଙ୍କ ସର୍ତ୍ତାବଳୀଗୁଡ଼ିକୁ ନେଇ ଟେସ୍‌ଲା ସିଇଓ ଏଲନ୍ ମସ୍କ ଅସନ୍ତୁଷ୍ଟ ଅଛନ୍ତି। ଏପରିକି ସେ ଭାରତ ବଜାର ଉପରୁ ନଜର ହଟାଇ ଅନ୍ୟ ଦେଶର ବଜାର ଉପରେ ନଜର ପକାଇବା ଆରମ୍ଭ କରିଛନ୍ତି। ସେହିଭଳି ଭାରତରେ ଟେସ୍‌ଲାର ସୁପର ଚାର୍ଜର ନେଟୱର୍କ ଦାୟିତ୍ୱରେ ଅବସ୍ଥାପିତ ନିଶାନ୍ତ ପ୍ରସାଦଙ୍କ ଲିଙ୍କଡ ଇନ୍ ପ୍ରୋଫାଇଲ ଇତିମଧ୍ୟରେ ବଦଳିଯାଇଛି। ଭାରତ ବଦଳରେ ତାଙ୍କୁ ଏସିଆ-ପାସିଫିକ ଚାର୍ଜିଂ ଅପରେଶନ ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଭାରତରେ ଟେସ୍‌ଲାର ପ୍ରଥମ କର୍ମଚାରୀ ମନୋଜ ଖୁରାନାଙ୍କୁ କାଲିଫର୍ନିଆରେ ଅବସ୍ଥାପିତ କରାଯାଇଛି।

## ଫୁର୍‌ସତ୍

# ନିଶା ନ ହେବାରୁ ମନ୍ତ୍ରୀଙ୍କୁ ଅଭିଯୋଗ

### ଦୁଇ ବୋତଲ ମଦ କାମ ଦେଲାନି

**ଭୋପାଳ:** ମଦ ପିଇବା ପରେ ନିଶା ନ ହେବାରୁ ଉତ୍ତର ପ୍ରଦେଶରେ ଜଣେ ବ୍ୟକ୍ତି ରାଜ୍ୟ ଗୃହମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯୁପିର ଉଜ୍ଜୟିନୀରୁ ଏହି ଅଜବ ଘଟଣା ସାମ୍ନାକୁ ଆସିଛି। ଉଜ୍ଜୟିନୀର ଲୋକେନ୍ଦ୍ର ସାଥିୟା। ଏପ୍ରିଲ ୧୨ ତାରିଖରେ ଲୋକେନ୍ଦ୍ର ସ୍ଥାନୀୟ ଏକ ଦେଶୀମଦ ଦୋକାନରୁ ୪ଟି ମଦ ବୋତଲ କିଣିଥିଲେ। ସେଥିରୁ ୨ଟି ବୋତଲ ମଦ ପିଇବା ପରେ ତାଙ୍କୁ ନିଶା ହୋଇ ନ ଥିଲା। ଆଉ ଏହାପରେ ସେ ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ନିଶାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ଦୋକାନରେ ନକଲି ଏବଂ ପାଣି ମିଶ୍ରିତ ମଦ ବିକ୍ରି ହେଉଥିବା ସେ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ନିଶା ନ ହେବାରୁ ପ୍ରଥମେ ଲୋକେନ୍ଦ୍ର ମଦ କିଣିଥିବା ଦୋକାନ କର୍ମଚାରୀଙ୍କୁ



ଏ ବାବଦରେ କହିଥିଲେ। ସେମାନେ ଲୋକେନ୍ଦ୍ରଙ୍କ କଥାକୁ ଖାତିର ନ କରି ଅଭିଯୋଗ କରିବା ପାଇଁ ତାଙ୍କୁ କହିଲେ। ଲୋକେନ୍ଦ୍ର ଖାଲି ଗୃହମନ୍ତ୍ରୀଙ୍କୁ ଏ ବାବଦରେ ଅଭିଯୋଗ କରି ନାହାନ୍ତି ବରଂ ଉକ୍ତ ଦୋକାନରେ ନକଲି ମଦ ବିକ୍ରି ହେଉଥିବା ନେଇ ସେ ଅବକାରୀ ବିଭାଗକୁ ପତ୍ର ଲେଖିଥିବା ରିପୋର୍ଟ ପ୍ରକାଶ ପାଇଛି। ପ୍ରମାଣ ହିସାବରେ ସେ ପିଇଥିବା ମଦ ବୋତଲକୁ ମଧ ଦାଖଲ କରିଛନ୍ତି। ଲୋକେନ୍ଦ୍ର ନିୟମିତ ମଦ ପାନ କରନ୍ତି। ଖବର ପ୍ରକାଶ ପାଇବା ପରେ ଉକ୍ତ ମାମଲାର ତଦାରଖ ସାଙ୍ଗକୁ ଅଭିଯୋଗ ସତ ପ୍ରମାଣିତ ହେଲେ ମଦ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ବିଭାଗ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି।

# ଶ୍ରୁତିଙ୍କ ସୌଭାଗ୍ୟ

ହାଇଦ୍ରାବାଦ



ପାନ୍ ଇଣ୍ଡିଆ ଫିଲ୍ମକୁ ନେଇ ହିନ୍ଦୀ ଓ ଦକ୍ଷିଣ ଭାରତ ଚଳଚ୍ଚିତ୍ର ଜଗତରେ ଏକ ଶୀତଳ ଯୁଦ୍ଧ ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ କଳାକାର ଏ ବାବଦରେ ନିଜ ପକ୍ଷ ରଖୁଛନ୍ତି। ତେବେ ଏ ନେଇ ନାୟିକା ଶ୍ରୁତି ହାସନ ମଧ ଏ ବାବଦରେ ପ୍ରତିକ୍ରିୟା ରଖିଛନ୍ତି। ପାନ୍ ଇଣ୍ଡିଆ ଚଳଚ୍ଚିତ୍ରରେ କାମ କରିଥିବାରୁ ସେ ବହୁତ ଖୁସି ଥିବାବେଳେ ଏହା ତାଙ୍କ ପାଇଁ ସୌଭାଗ୍ୟର କଥା ବୋଲ ଶ୍ରୁତି କହିଛନ୍ତି। ହିନ୍ଦୀ, ତାମିଲ, ତେଲୁଗୁ ସାଙ୍ଗକୁ କନ୍ନଡ଼ ଆଦି ଭାଷାର ଫିଲ୍ମରେ ସେ କାମ କରିଛନ୍ତି। ଫିଲ୍ମ ଯେକୌଣସି ଆଞ୍ଚଳିକ ଭାଷାରେ ତିଆରି ହେଲେ ମଧ ଫିଲ୍ମଟି ଦର୍ଶକଙ୍କୁ ପସନ୍ଦ ଆସିଲେ ଏହା ଏହା ମାର୍କେଟରେ ଭଲ ବ୍ୟବସାୟ କରେ, ଯାହା ପ୍ରଭାବ ସମ୍ପୂର୍ଣ୍ଣ ଫିଲ୍ମ ଇଣ୍ଡଷ୍ଟ୍ରିରେ ପଡ଼ିଥାଏ। ବିଶେଷ କରି ବାପା କମଳ ହାସନଙ୍କ ପାଇଁ ସେ ନିଜକୁ ଜଣେ ପାନ୍ ଇଣ୍ଡିଆ କଳାକାର ବୋଲି କହୁଥିବା ଶ୍ରୁତି ପ୍ରକାଶ କରିଛନ୍ତି। ଫିଲ୍ମ ବ୍ୟତୀତ ଏହି ନାୟିକା ଜଣକ ଓଟିଟି ପ୍ଲାଟଫର୍ମରେ ମଧ ଅଭିନୟ କରୁଛନ୍ତି। ଶ୍ରୁତିଙ୍କ ଦ୍ୱାରା ଅଭିନୀତ ୱେବ୍ ସିରିଜ୍ 'ବେଷ୍ଟସେଲର' ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ବର୍ତ୍ତମାନ ଶୃତି ନିଜ ଆଗାମୀ ଫିଲ୍ମ 'ସଲାର' ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏହି ଫିଲ୍ମରେ ଶ୍ରୁତିଙ୍କ ସହ ସ୍କ୍ରିନ୍ ଶେୟାର କରିବେ ସାଉଥ୍ ସୁପରଷ୍ଟାର ପ୍ରଭାସ।

# ସ୍କୁଲରେ ପଢୁଛନ୍ତି ଭଗବାନ

**ନୂଆଦିଲ୍ଲୀ:** ସ୍କୁଲରେ ପାଠ ପଢୁଛନ୍ତି ଭଗବାନ। ଖବରଟି ପଢ଼ିଲାବେଳକୁ ଅଜବ ଲାଗୁଥିଲେ ମଧ ଏହା ସତ । ବୃନ୍ଦାବନ ଚୈତନ୍ୟ ବିହାରରେ ଥିବା ସନ୍ଦିପନୀ ମୁନି ସ୍କୁଲରେ ଏ ପ୍ରକାର ଦୃଶ୍ୟ ଦେଖିବାକୁ ମିଳିଛି। ରାଜଧାନୀ ଦିଲ୍ଲୀରେ ୬୫ ବର୍ଷୀୟ ରାମଗୋପାଳଙ୍କ ଘର। ତାଙ୍କ ପରିବାର ବୋଲି କହିଲେ ସ୍ତ୍ରୀ , ଗୋଟିଏ ଝିଅ ଓ ଗୋଟିଏ ପୁଅ। ରାମଗୋପାଳ ପାରିବାରିକ ଜଞ୍ଜାଳରୁ ମୁକ୍ତ ହୋଇସାରି ଭଗବାନ ପ୍ରେମରେ ପଡ଼ିଯାଇଛନ୍ତି। ଭଗବାନ ବାଳଗୋପାଳଙ୍କୁ ନେଇ ତାଙ୍କ ମନରେ ରହିଛି ଅଗାଢ଼ ଭଲପାଇବା ଓ ଶ୍ରଦ୍ଧା। ସେଥିପାଇଁ ତ ସେ ଭଗବାନଙ୍କୁ ନିଜ ଦ୍ୱିତୀୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ୭ ବର୍ଷ ପୂର୍ବେ ରାମଗୋପାଳ ସ୍ତ୍ରୀଙ୍କ ସହ ବୃନ୍ଦାବନ ଯାଇଥିଲେ। ସେଠାରୁ ସେ ପ୍ରଭୁ ବାଳଗୋପାଳଙ୍କ ମୂର୍ତ୍ତି କିଣି ଆଣିଥିଲେ। ମୂର୍ତ୍ତିକୁ ଘରେ ରଖି ସେ ପିଲାଭଳି ଲାଳନପାଳନ କରୁଥିଲେ।



ବାଳଗୋପାଳଙ୍କୁ ଦ୍ୱିତୀୟ ସନ୍ତାନ ଭାବେ ଗ୍ରହଣ କରିଥିବା ରାମଗୋପାଳ ତାଙ୍କୁ ପାଠ ପଢ଼ାଇବା କଥା ଭାବିଥିଲେ, ଯାହାପରେ ସେ ବୃନ୍ଦାବନ ସ୍ଥିତ ସନ୍ଦିପନୀ ମୁନି ସ୍କୁଲରେ ତାଙ୍କ ନାମ ଲେଖିବାକୁ ପହଞ୍ଚିଥିଲେ। ସ୍କୁଲରେ ବାଳ ଗୋପାଳଙ୍କ ଆଡମିଶନ କରିବା ପାଇଁ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦୀପିକା ମନାକରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବାଳ ଗୋପାଳଙ୍କ ଜନ୍ମ ପ୍ରମାଣ ପତ୍ର ସାଙ୍ଗକୁ ଆଧାର କାର୍ଡ ଆଣିବା ପରେ ସ୍କୁଲରେ ନାମ ଲେଖାହୋଇ ପାରିବ ବୋଲି ସେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ କଥା ଶୁଣିବା ପରେ ରାମଗୋପାଳ ନିରାଶ ହୋଇଯାଇଥିଲେ। ଏ ଭିତରେ ସ୍କୁଲର ସଂସ୍ଥାପକ ରୂପା ରଘୁନାଥ ବାଳ ଗୋପାଳଙ୍କୁ ସ୍କୁଲ ଆସି ପାଠ ପଢ଼ିବାକୁ ଅନୁମତି ଦେଇଥିଲେ। ରାମଗୋପାଳ ପ୍ରତ୍ୟେକ ଦିନ ବାଳ ଗୋପାଳଙ୍କୁ ସ୍କୁଲ ନେବା ଆଣିବା କରୁଛନ୍ତି। ଖାଲି ସେତିକି ନୁହେଁ କ୍ଲାସ ସରିବା ପର୍ଯ୍ୟନ୍ତ ସେ ଶ୍ରେଣୀଗୃହ ବାହାରେ ବସୁଥିବା ମଧ ଦେଖିବାକୁ ମିଳିଛି। ଅନ୍ୟ ପିଲାଙ୍କ ଭଳି ବାଳ ଗୋପାଳ ସ୍କୁଲ ୟୁନିଫର୍ମ ପିନ୍ଧିବା ସହ ବିଦ୍ୟାଳୟକୁ ପାଣି ବୋତଲ ଓ ଟିଫିନ୍ ନେଇ ଆସୁଛନ୍ତି।

# ଆରାମଦାୟକ 'ଡଗ୍ ବେଡ୍'

**ଲଣ୍ଡନ:** ଏବେ ମଣିଷମାନଙ୍କ ଶୋଇବା ପାଇଁ ଏକ ବେଡ ତିଆରି ହୋଇଛି। ଯାହାର ନାମ ଡଗ୍ ବେଡ୍। ବେଡ୍‌ର ଆକାର କୁକୁର ପରି। ବ୍ରିଟିଶ କଲମ୍ବିଆ ବିଶ୍ୱବିଦ୍ୟାଳୟର ଛାତ୍ର ନେହା ସିଲଭରମ୍ୟାନ ଏବଂ ୟୁକି କିନୋଶିତାଙ୍କ ଦ୍ୱାରା ଏହି ବେଡ୍ ପ୍ରସ୍ତୁତ କରାଯାଇଛି। ତେବେ ଏହି ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଡଗ୍ ବେଡ୍ ତିଆରି କରିଛନ୍ତି। ଏହା ଭଲ ନିଦ ହେବା ପାଇଁ ଡିଜାଇନ କରାଯାଇଛି। ଏହି ବେଡ୍ରେ ଶୋଇବା ସମୟରେ ଆପଣ କେବଳ ଆରାମ ପାଇବେ ନାହିଁ, ଶୋଇଥିବା ବ୍ୟକ୍ତି ସୁରକ୍ଷା, ଆରାମ ପାଇବା ସହିତ ଚାପ ଏବଂ ଚିନ୍ତାରୁ ମୁକ୍ତି ପାଇବେ। କୌତୂହଳର ବିଷୟ ହେଉଛି ଏହି ବେଡ୍‌ରୁ ଲୋକମାନେ ପସନ୍ଦ କରିଛନ୍ତି। ଏହି ବେଡ୍‌ରେ ତକିଆ ବି ରହିଛି। ଏହି ବିଳାସପୂର୍ଣ୍ଣ ବେଡ ବଜାରକୁ ଆସିବା ପାଇଁ ଟିକିଏ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ। ଏହାର ଦାମ ବି ବହୁତ ମହଙ୍ଗା ରହିବ ବୋଲି ତିଆରି କରିଥିବା ଛାତ୍ର ଦ୍ୱୟ କହିଛନ୍ତି।

# ୪୨ ବର୍ଷ ପରେ ବାହାଘର ରୀତି

**ପାଟନା:** ବିହାର ଛାପରା ଜିଲା ଅନ୍ତର୍ଗତ ଆମଦାହି ଗାଁରେ ଏକ ଅଜବ ବାହାଘର ଦେଖିବାକୁ ମିଳିଛି। ୭୦ ବର୍ଷୀୟ ରାଜକୁମାର ସିଂ ଦୀର୍ଘ ୪୨ବର୍ଷ ପରେ ବରଯାତ୍ରୀ ନେଇ ଶ୍ୱଶୁର ଘରକୁ ଯାଇଛନ୍ତି। ତେବେ ବାପାଙ୍କ ବରଯାତ୍ରୀ ସାଜିଛନ୍ତି ରାଜକୁମାରଙ୍କ ୭ ଝିଅ ଓ ପୁଅ। ବିହାରରେ ବାହାଘର ପରେ 'ଡାଙ୍ଗା' ନାମରେ ଏକ ପରମ୍ପରା ଅନୁଷ୍ଠିତ ହୁଏ, ଯାହାକୁ ପୂରଣ କରିବା ପାଇଁ ରାଜକୁମାର ବରଯାତ୍ରୀ ନେଇ ଶ୍ୱଶୁର ଘରେ ପହଞ୍ଚିଥିଲେ। ରାଜବଂଶୀ ପରମ୍ପରା ଅନୁସାରେ ବରଯାତ୍ରୀରେ



ହାତୀ, ଘୋଡ଼ା, ଓଟ ସାଙ୍ଗକୁ ବ୍ୟାଣ୍ଡ, ବାଜା ଏବଂ ଡିଜେ ନେଇ ରାଜକୁମାର ଶ୍ୱଶୁର ଘରେ ପହଞ୍ଚିଥିଲେ। ୪୨ ବର୍ଷ ପୂର୍ବେ ମେ' ୫ ତାରିଖରେ ରାଜକୁମାର ବାହା ହୋଇଥିବାବେଳେ ପରମ୍ପରା ଅନୁସାରେ ଥିବା ଡାଙ୍ଗା କାର୍ଯ୍ୟକ୍ରମ ସେ ପୂରା କରି ନ ଥିଲେ। ରାଜକୁମାର ସିଂ ଏକ ଅଟାକଳ ଚଳାଉଥିବାବେଳେ ତାଙ୍କ ପୁଅ, ଝିଅମାନେ ସରକାରୀ ଚାକିରି କରନ୍ତି।

# ଆର୍‌ସିବିକୁ ଜିତାଇଲେ ଡୁ'ପ୍ଲେସି, ହସରଙ୍ଗା

**ମୁମ୍ବାଇ, ୮।୫**

ଅଧିନାୟକ ଫାଫ୍ ଡୁ'ପ୍ଲେସିଙ୍କ ଦ୍ରୁତ ଅର୍ଦ୍ଧଶତକ ଓ ୱାନିନ୍ଦୁ ହସରଙ୍ଗାଙ୍କ ଯାଦୁକରୀ ସ୍ପିନ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୬୭ ରନରେ ପରାସ୍ତ କରିଛି। ଆରସିବି ୨୦ ଓଭରରେ ୩ ଉଇକେଟ ହରାଇ ୧୯୨ ରନ କରିଥିବାବେଳେ ସନ୍‌ରାଇଜର୍ସ ୧୯.୨ ଓଭରରେ ୧୨୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦୁଇ ଦଳ ମଧ୍ୟରେ ପୂର୍ବରୁ ଖେଳାଯାଇଥିବା ମୁକାବିଲାରେ ଆରସିବି ୬୮ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଏଠାରେ ୬୭ ରନରେ ବିଜୟୀ ହୋଇ ମଧୁର ପ୍ରତିଶୋଧ ନେବା ସହ ଦଳର ରନହାରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ୧୨ ମ୍ୟାଚରୁ ୭ମ ବିଜୟ ସହ ଆରସିବି ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ କ୍ରମାଗତ ୫ ବିଜୟ ପରେ ହାଇଦ୍ରାବାଦ ଦଳ ଲଗାତର ୪ଟି ମ୍ୟାଚରେ ପରାଜିତ ହୋଇଛି।

**ଶତକୀୟ ଭାଗୀଦାରି**

ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଡୁ'ପ୍ଲେସି। ଇନିଂସର ପ୍ରଥମ ବଲ୍‌ରେ ବିରାଟ କୋହଲି ଆଉଟ ହୋଇଥିଲେ ହେଁ ଡୁ'ପ୍ଲେସି ଓ ରଜତ ପଟିଦାର ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ୩୮ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୮ ରନ କରିଥିବାବେଳେ ପଟିଦାର ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। କୋହଲିଙ୍କୁ ଆଉଟ କରିଥିବା ଜଗଦୀଶ ସୁଚିଥ ୧୩ତମ ଓଭରର ଦ୍ୱିତୀୟ ବଲ୍‌ରେ ପଟିଦାରଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ। ଡୁ'ପ୍ଲେସି ଓ ପଟିଦାର ଦ୍ୱିତୀୟ ଉଇକେଟ ଯୋଡ଼ିରେ ୭୩ ବଲ୍‌ରୁ ୧୦୫ ରନ ସଂଗ୍ରହ କରିଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ୱାନିନ୍ଦୁ ହସରଙ୍ଗା।

ଦକ୍ଷତା ଅନୁସାରେ ବ୍ୟାଟିଂ କରିପାରି ନ ଥିଲେ ହେଁ ଗ୍ଲେନ ମ୍ୟାକ୍ସୱେଲ ୨୪ ବଲ୍‌ରୁ ୩୩ (୩ ଚୌକା, ୨ ଛକା) ରନର ଇନିଂସ ଖେଳିଥିଲେ। ଶେଷ ଭାଗରେ ମାତ୍ର ୮ଟି ବଲ୍ ଖେଳିବାକୁ ସୁଯୋଗ ପାଇଥିଲେ ଦୀନେଶ କାର୍ତ୍ତିକ। ଏହାର ସଦୁପଯୋଗ କରି ସେ ୧ ଚୌକା ଓ ୪ ଛକା ସହାୟତାରେ ୩୦ ରନରେ ଅପରାଜିତ ରହି ଆର୍‌ସିବି ଇନିଂସକୁ ୧୯୨ରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ବାଙ୍ଗାଲୋର ଦଳର ବ୍ୟାଟିଂ ମେରୁଦଣ୍ଡ ସାଜିଥିବା ଡୁ'ପ୍ଲେସି ୫୦ଟି ବଲ୍ ଖେଳି ୮ ଚୌକା ଓ ୨ ଛକା ସହ ୭୩ ରନରେ ଅପରାଜିତ ରହିଥିଲେ। ସନ୍‌ରାଇଜର୍ସ ବୋଲର ସୁଚିଥ ୨ଟି ଓ କାର୍ତ୍ତିକ ତ୍ୟାଗୀ ଗୋଟିଏ ଉଇକେଟ ନେଇଥିଲେ।

**ହସରଙ୍ଗାଙ୍କୁ ୫ ଉଇକେଟ**

ବଡ଼ ସ୍କୋରର ପିଛା କରିଥିବା ସନ୍‌ରାଇଜର୍ସ ମାତ୍ର ୧ ରନରେ ଦୁଇ ଓପନରଙ୍କ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଏହି ବିପର୍ଯ୍ୟୟରୁ ଦଳ ଆଉ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା। ରାହୁଲ ତ୍ରିପାଠୀ ୩୭ ବଲ୍‌ରୁ ୫୮ (୬ ଚୌକା, ୨ ଛକା) ଓ ଏଡେନ ମାରକ୍ରାମ ୨୭ ବଲ୍‌ରୁ ୨୧ (୧ ଚୌକା, ୧ ଛକା) କିଛି ଓଭର ଆର୍‌ସିବି ବୋଲରଙ୍କୁ ମୁକାବିଲା କରିବାରେ ସକ୍ଷମ ହୋଇଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଦଳର ୮ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶକରିପାରି ନ ଥିଲେ। ଆରସିବିର ଶ୍ରୀଲଙ୍କା ସ୍ପିନର ୱାନିନ୍ଦୁ ହସରଙ୍ଗା ୪ ଓଭରରେ ଗୋଟିଏ ମେଡେନ ନେଇ ମାତ୍ର ୧୮ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ସନ୍‌ରାଇଜର୍ସର ବ୍ୟାଟିଂ ବିପର୍ଯ୍ୟୟ ଘଟାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଜୋଶ୍ ହାଜେଲ୍‌ଉଡ୍ ୨ଟି ଏବଂ ଗ୍ଲେନ ମ୍ୟାକ୍ସୱେଲ ଓ ହର୍ଶଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୯୨/୩ (ଫାଫ୍ ଡୁ'ପ୍ଲେସି-୭୩*, ରଜତ ପଟିଦାର-୪୮, ଗ୍ଲେନ ମ୍ୟାକ୍ସୱେଲ-୩୩, ଦୀନେଶ କାର୍ତ୍ତିକ-୩୦*, ଜଗଦୀଶ ସୁଚିଥ-୨/୩୦, କାର୍ତ୍ତିକ ତ୍ୟାଗୀ-୧/୪୨)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୯.୨ ଓଭରରେ ୧୨୫/ଅଲ୍‌ଆଉଟ (ରାହୁଲ ତ୍ରିପାଠୀ-୫୮, ୱାନିନ୍ଦୁ ହସରଙ୍ଗା-୫/୧୮, ଜୋଶ୍ ହାଜେଲଉଡ୍-୨/୧୭, ଗ୍ଲେନ ମ୍ୟାକ୍ସୱେଲ-୧/୧୩, ହର୍ଶଲ ପଟେଲ-୧/୨୦)।

# 'ହକିପ୍ରେମୀଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି'

**ଭୁବନେଶ୍ୱର, ୮।୫ (କ୍ରୀଡ଼ା ପ୍ରତିନିଧି)**









ଆଉ ୨୫୦ ଦିନ ପରେ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ ଏଫ୍‌ଆଇଏଚ୍ ଓଡ଼ିଶା ହକି (ପୁରୁଷ) ବିଶ୍ୱକପ୍। ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଏହି ମେଗା ପ୍ରତିଯୋଗିତା ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜନ ହେବ। ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ହକି ଜଗତର ନଜର ଏବେ ଓଡ଼ିଶା ଉପରେ କେନ୍ଦ୍ରୀଭୂତ ହୋଇଥିବାବେଳେ ଓଡ଼ିଶାର ପ୍ରଶଂସକଙ୍କ ମନରେ ଉତ୍ସାହ ବଢ଼ିବାରେ ଲାଗିଛି। "ରାଉରକେଲାରେ ପ୍ରଥମଥର ପାଇଁ ବିଶ୍ୱକପ୍ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଥିବାରୁ ସ୍ଥାନୀୟ ଲୋକଙ୍କ ମନରେ ପ୍ରବଳ ଉତ୍ସାହ ରହିଛି। ଏହି ଅଞ୍ଚଳରେ ହକି ପ୍ରତି ଥିବା ଲୋକଙ୍କ ଉତ୍ସାହକୁ ମପାଯାଇ ପାରିବ ନାହିଁ। ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ ରାଉରକେଲାରେ ନିର୍ମାଣାଧୀନ ଥିବାରୁ ଲୋକମାନେ ହକି ବିଶ୍ୱକପ୍‌ର ଅବଗଣନା ଆରମ୍ଭ କରିଦେଇଛନ୍ତି। ହକି ପାଇଁ ପାଗଳ ଲୋକଙ୍କ ସମ୍ମୁଖରେ ଖେଳିବା ଲାଗି ଆମ ପରି ଖେଳାଳିମାନେ ଆଗ୍ରହର ସହ ଅପେକ୍ଷା କରିଛନ୍ତି" ବୋଲି ଭାରତୀୟ ଦଳର ତାରକା ଓଡ଼ିଆ ଡିଫେଣ୍ଡର ଅମିତ୍ ରୋହିଦାସ ପ୍ରକାଶ କରିଛନ୍ତି। ଦଳର ପ୍ରସ୍ତୁତି ସମ୍ପର୍କରେ ଅମିତ୍ କହିଛନ୍ତି ଯେ, ଆମେ ଏବେ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରରେ ପ୍ରାକ୍ଟିସ କରୁଛୁ। ଏଠାକାର ପରିବେଶ ବହୁତ ବଢ଼ିଆ। ଗୋଟିଏ ସେଣ୍ଟରରେ ୬ଟି ହକି ଦଳର ଅଭ୍ୟାସ ଚାଲିଛି। କୋଭିଡ୍ ଅନ୍ତର୍ଜାତୀୟ ହକି କ୍ୟାଲେଣ୍ଡରକୁ ପ୍ରଭାବିତ କରିଥିଲେ ହେଁ ଆମେ ଏ ସମ୍ପର୍କରେ ଅଧିକ କିଛି ଚିନ୍ତା କରୁନାହୁଁ। କାରଣ ଏହା ଆମ ନିୟନ୍ତ୍ରଣରେ ନାହିଁ। ହକି ପ୍ରୋ ଲିଗ୍ ଅବସରରେ ଆମର ଯେଉଁ ବିଭାଗ ଦୁର୍ବଳ ଥିବା ଅନୁଭବ କରୁଥିଲୁ ସେଥିରେ ସୁଧାର ଆଣିବାକୁ ଏଠାରେ ଫୋକସ କରୁଛୁ।

ବିଶ୍ୱସ୍ତରୀୟ ଭିତ୍ତିଭୂମି ସହ ଓଡ଼ିଶା ହକି ବିଶ୍ୱକପ୍ ଆୟୋଜନ ପାଇଁ ପ୍ରସ୍ତୁତ ହେଉଛି। ଭାରତୀୟ ହକିର ନର୍ସରୀ କୁହାଯାଉଥିବା ସୁନ୍ଦରଗଡ଼ରୁ ଅନେକ ତାରକା ଖେଳାଳି ବାହାରି ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିସାରିଛନ୍ତି। ୨୦୧୮ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିଥିବା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ୨୦୨୩ ବିଶ୍ୱକପ୍‌ର ଅନ୍ୟତମ ଭେନ୍ୟୁ। ରାଉରକେଲା ଓ ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପ୍‌କୁ ଅବିସ୍ମରଣୀୟ କରିବା ପାଇଁ ଓଡ଼ିଶା ସରକାର ବଦ୍ଧପରିକର। କୋଭିଡ୍ ସଂକ୍ରମଣ ମୁଣ୍ଡ ଟେକିବାର ଆଶଙ୍କା ଯଦିଓ ରହୁଛି ତେବେ ଏହି ମେଗା ଇଭେଣ୍ଟ ସୁରକ୍ଷିତ ଏବଂ ସଫଳତାର ସହ ସମ୍ପନ୍ନ ହେବା ଆଶା କରାଯାଉଛି।

# ପୃଥ୍ୱୀ ଶ'ଙ୍କୁ ଜ୍ୱର, ହସ୍ପିଟାଲରେ ଭର୍ତ୍ତି

**ମୁମ୍ବାଇ, ୮।୫ (ପି.ଟି.):** ଭୀଷଣ ଜ୍ୱରରେ ପୀଡ଼ିତ ହୋଇ ଦିଲ୍ଲୀ କ୍ୟାପିଟାଲ୍ସ ଓପନର ପୃଥ୍ୱୀ ଶ' ରବିବାର ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କୋଭିଡ୍ ଟେଷ୍ଟରେ କିନ୍ତୁ ତାଙ୍କର ନେଗେଟିଭ ଆସିଛି। ପୃଥ୍ୱୀ ଗତ ମ୍ୟାଚରେ ମଧ୍ୟ ଖେଳି ନ ଥିଲେ। ସେ କ୍ରମେ ସୁସ୍ଥ ହେବାରେ ଲାଗିଥିବା ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି କହିଛନ୍ତି। ରବିବାର ସକାଳେ ଚେନ୍ନାଇ ସୁପର କିଙ୍ଗ୍ସ ଆଇପିଏଲ୍ ମ୍ୟାଚ ପୂର୍ବରୁ ଜଣେ ନେଟ୍ ବୋଲର କୋଭିଡ ପଜିଟିଭ ଚିହ୍ନଟ ହେବା ପରେ ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳି ମାନଙ୍କୁ ଆଇସୋଲେଶନରେ ରଖାଯାଇଥିଲା।

# ଥୋମାସ ଓ ଉବର କପ୍: ଜର୍ମାନୀ ବିପକ୍ଷରେ ଭାରତର କ୍ଲିନ୍ ସୁଇପ୍

**ବ୍ୟାଙ୍କକ୍, ୮।୫(ପି.ଟି.):** ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳ ଜବରଦସ୍ତ ବିଜୟ ସହ ଥୋମାସ କପ୍ ଅଭିଯାନ ଆରମ୍ଭ କରିଛି। ରବିବାର ଜର୍ମାନୀ ବିପକ୍ଷ ପ୍ରଥମ ମୁକାବିଲାକୁ ଭାରତ ୫-୦ ବ୍ୟବଧାନରେ ଜିତି କ୍ଲିନ୍ ସୁଇପ୍ ହାସଲ କରିଛି।

ପ୍ରଥମେ ବିଶ୍ୱ ଚାମ୍ପିୟନ ବ୍ରୋଞ୍ଜ୍ ପଦକଧାରୀ ଲକ୍ଷ୍ୟ ସେନ ୨୧-୧୬, ୨୧-୧୩ ଗେମ୍‌ରେ ବିଶ୍ୱର ୬୪ ର୍ୟାଙ୍କପ୍ରାପ୍ତ ମ୍ୟାକ୍ସ ୱିସକିରଚେନଙ୍କୁ ହରାଇ ଦେଇଥିଲେ। ଡବଲ୍ସ ମ୍ୟାଚ୍‌ରେ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ୩ ଗେମ୍‌ବିଶିଷ୍ଟ ମ୍ୟାଚ୍‌କୁ ଜିତି ଭାରତକୁ ୨-୦ରେ ଆଗୁଆ କରାଇଥିଲେ। ସେମାନେ ଜୋନ୍ସ ରାଲଫି ଜାନସେନ ଏବଂ ମାର୍ଭିନ ସିଡିଲଙ୍କୁ ୨୧-୧୫, ୧୦-୨୧, ୨୧-୧୩ ଗେମ୍‌ରେ ପରାସ୍ତ କରିଥିଲେ। ଏହି ବିଜୟ ପାଇଁ ଭାରତୀୟ ଯୋଡ଼ିକୁ ଏକ ଘଣ୍ଟା ଧରି ସଂଘର୍ଷ କରିବାକୁ ପଡ଼ିଥିଲା। ବିଶ୍ୱର ୧୧ ନମ୍ବର କିଡ଼ାମ୍ବି ଶ୍ରୀକାନ୍ତ ୧୮-୨୧, ୨୧-୯, ୨୧-୧୧ ଗେମ୍‌ରେ କାଇ ସ୍କଫରଙ୍କୁ ହରାଇ ଦେଇଥିଲେ। ପରେ ଦ୍ୱିତୀୟ ଡବଲ୍ସ ମ୍ୟାଚ୍‌ରେ ବଜାର୍ନେ ଗିସ ଓ ଜାନ କଲିନ ଭଲକରଙ୍କ ଯୋଡ଼ିକୁ ୨୫-୨୩, ୨୧-୧୫ ଗେମ୍‌ରେ ପରାସ୍ତ କରିଥିଲେ ଏମ୍‌ଆର ଅର୍ଜୁନ ଓ ଧ୍ରୁବ କାପିଲା। ଶେଷରେ ବିଶ୍ୱ ୨୩ତମ ର୍ୟାଙ୍କପ୍ରାପ୍ତ ଏଚ୍‌ଏସ୍ ପ୍ରଣୟ ଅତି ସହଜରେ ପ୍ରତିପକ୍ଷ ଖେଳାଳିଙ୍କୁ ହରାଇ ଦେଇଥିଲେ। ସେ ୨୧-୯, ୨୧-୯ ଗେମ୍‌ରେ ମାଥିଆସ କିକ୍‌ଲିଜଙ୍କୁ ମାତ୍ ଦେଇଥିଲେ। ଫଳରେ ଭାରତ ଗ୍ରୁପ୍ ସି'ର ପ୍ରଥମ ମୁକାବିଲାରେ କ୍ଲିନ୍ ସୁଇପ୍ ହାସଲ କରିଛି। ଟୁର୍ନାମେଣ୍ଟରେ ପ୍ରଥମ ପଦକ ଅପେକ୍ଷାରେ ଥିବା ଭାରତୀୟ ପୁରୁଷ ଦଳ ପାଇଁ ଏହା ଶ୍ରେଷ୍ଠ ଆରମ୍ଭ। ଏ ପର୍ଯ୍ୟନ୍ତ କୌଣସି ଭାରତୀୟ ପୁରୁଷ ଦଳ ଥୋମାସ କପ୍ ସେମିଫାଇନାଲରେ ପହଞ୍ଚି ପାରିନାହିଁ। ଗତବର୍ଷ କ୍ୱାର୍ଟର ଫାଇନାଲରେ ଭାରତୀୟ ଦଳର ଅଭିଯାନ ଶେଷ ହୋଇଥିଲା।



ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱର ଶାଖାର ଗ୍ରେଡିଂ ଟେଷ୍ଟରେ ଅଂଶଗ୍ରହଣ କରିଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

# ସପ୍ତାହାନ୍ତ ଆନ୍ତଃ ବିଦ୍ୟାଳୟ ବାସ୍କେଟବଲ ୧୫ରୁ

**ଭୁବନେଶ୍ୱର, ୮।୫ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୧୭ ଓ ୧୩ ବର୍ଷରୁ କମ୍ ଆନ୍ତଃ ବିଦ୍ୟାଳୟ ବାସ୍କେଟବଲ ପ୍ରତିଯୋଗିତା ଚଳିତ ମାସ ୧୫ରୁ ୟୁନିଟ-୧ସ୍ଥିତ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ହେବ। ବାଳିକା ଓ ବାଳକ ବର୍ଗରେ ହେବାକୁଥିବା ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ୧୬ଟି ବିଦ୍ୟାଳୟ ଅଂଶଗ୍ରହଣ କରିବେ। ଲିଗ୍ ଓ ନକ୍‌ଆଉଟ ଭିତ୍ତିରେ ଏହି ପ୍ରତିଯୋଗିତା ସପ୍ତାହର ଶନିବାର ଓ ରବିବାର ଅନୁଷ୍ଠିତ ହେବ। ରବିବାର ପ୍ରତିଯୋଗିତାର ପ୍ରସ୍ତୁତି ବୈଠକ ଖୋର୍ଦ୍ଧାଜିଲା ବାସ୍କେଟବଲ ଆସୋସିଏଶନ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ, ବାସ୍କେଟବଲ ପ୍ରଶିକ୍ଷକ, ଆୟୋଜକ ଏବଂ ମ୍ୟାଚ ପରିଚାଳନା କରିବାକୁଥିବା ରେଫରିମାନେ ଉପସ୍ଥିତ ଥିଲେ। ମଦର୍ସ ପବ୍ଲିକ୍, ସାଇ ଇଣ୍ଟରନ୍ୟାଶନାଲ, ଭେଙ୍କଟେଶ୍ୱର, ଓଡିଏମ୍, କିଟ୍ ଓ କିସ୍, ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟ, ସହିଦ ନଗର, ବିଜେଇଏମ୍, ଗୁଡିକା, ଟାଇମ୍ସ ଗୁରୁକୁଳ, ଆଦିତ୍ୟ ବିର୍ଲା ଆଦି ସ୍କୁଲଗୁଡ଼ିକ ଅଂଶଗ୍ରହଣ ପାଇଁ ସମ୍ମତି ଜଣାଇ ସାରିଥିବା ଆୟୋଜକ ଆସୋସିଏଶନ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ପ୍ରକାଶ କରିଛନ୍ତି।

# ଶୁଟିଂରେ ଭାରତକୁ ଆଉ ଏକ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୮।୫ (ପି.ଟି.):** ବ୍ରାଜିଲରେ ଚାଲିଥିବା ୨୪ତମ ବଧିର ଅଲିମ୍ପିକ୍ସ ଶୁଟିଂ ପ୍ରତିଯୋଗିତାରେ ଭାରତ ଆଉ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଧନୁଷ ଶ୍ରୀକାନ୍ତ ଓ ପ୍ରିୟେଶା ଦେଶମୁଖ ୧୦ମିଟର ମିକ୍ସଡ ଟିମ୍ ପ୍ରତିଯୋଗିତା ଜିତିଛନ୍ତି। ଶୁଟିଂ ପ୍ରତିଯୋଗିତାର ୬ଷ୍ଠ ଦିବସରେ ଅନୁଷ୍ଠିତ ସ୍ୱର୍ଣ୍ଣପଦକ ମ୍ୟାଚରେ ଧନୁଷ ଓ ପ୍ରିୟେଶା ୧୬-୧୦ରେ ଜର୍ମାନୀର ସେବାଷ୍ଟିଆନ ହର୍ମାନି ଓ ସାବ୍ରିନା ଏସ୍କର୍ଟଙ୍କୁ ହରାଇ ଦେଇଛନ୍ତି। ଗେମ୍ସରେ ଧନୁଷଙ୍କର ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣ। ପୂର୍ବରୁ ସେ ବ୍ୟକ୍ତିଗତ ପୁରୁଷ ୧୦ ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ଜିତିଥିଲେ। ତେଲଙ୍ଗାନା ରାଜ୍ୟର ଧନୁଷ ହାଇଦ୍ରାବାଦସ୍ଥିତ ଅଲିମ୍ପିକ ପଦକ ବିଜେତା ଗଗନ ନାରଙ୍ଗଙ୍କ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ବଧିର ଅଲିମ୍ପିକ୍ସରେ ବର୍ତ୍ତମାନ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୩ରେ ପହଞ୍ଚିଛି। ଅଭିନବ ଦେଶୱାଲ ପୂର୍ବରୁ ଶୁକ୍ରବାର ପୁରୁଷ ୧୦ମିଟର ଏୟାର ପିସ୍ତଲ

**ବଧିର ଅଲିମ୍ପିକ୍ସ**

ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଭାରତ ଆହୁରି ମଧ୍ୟ ଦୁଇଟି ବ୍ରୋଞ୍ଜ ସୌର୍ଯ୍ୟ ସଇନି (ପୁରୁଷ ୧୦ମିଟର ଏୟାର ରାଇଫଲ) ଓ ବେଦିକା ଶର୍ମା (ମହିଳା ୧୦ ମିଟର ଏୟାର ପିସ୍ତଲ)ଙ୍କ ଜରିଆରେ ହାସଲ କରିଛି। ଭାରତ ଏ ପର୍ଯ୍ୟନ୍ତ କେବଳ ଶୁଟିଂରେ ୫ ପଦକ ହାସଲ କରି ସାରିଲାଣି।

**5th Birthday**



Yash Raj Puri (Sonu)
Many many happy returns of the day. Wish you an auspicious Happy Birth Day Yash Raj.
Best Wishes From: Bapa, mama, Bhai, Bada bapa, Bada mama, kaki, kaka, jejemaa, Aja, Aae, Mamu, Main And Family.
ଧ-୩୭୩

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ
ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ପ୍ରତିଚୀ ଡ଼ାଏରୀ ପ୍ରଡକ୍ଟ ପ୍ରା.ଲିଃ.
ପ୍ଲଟ୍ ନଂ-୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ।
Email : pratichidairyproducts@gmail.com
Mob : 9853003317

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଉତ୍କଳ କରାଟେ ସ୍କୁଲର ଗ୍ରେଡିଂ ଟେଷ୍ଟ

**ଭୁବନେଶ୍ୱର, ୮।୫ (କ୍ରୀଡ଼ା ପ୍ରତିନିଧି)**

ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱର ଶାଖାର ଗ୍ରେଡିଂ ଟେଷ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଟେଷ୍ଟରେ ଉତ୍କଳ କରାଟେ ସ୍କୁଲ ମୁଖ୍ୟ କେନ୍ଦ୍ର ବ୍ୟତିରେକେ ରସୁଲଗଡ଼, ଡୁମ୍‌ଡୁମା, ନୟାପଲ୍ଲୀ, ଓଏମ୍‌ସି କଲୋନୀ, ସତ୍ୟନଗର, ଚନ୍ଦ୍ରଶେଖରପୁର, ଉରାଳି, ଡେକାଥଲନ, ରଶ୍ମିବିହାର ଆଦି ଶାଖାରୁ ୩୫୦ କରାଟେକା ଅଂଶଗ୍ରହଣ କରିଥିଲେ। ସେନ୍‌ସେଇ ଖାରବେଳ ମଲ୍ଲିକ, ଗୌରୀ ମହାନ୍ତି, ଦୀପକ ସାମନ୍ତରା, ଅନୁପମା ସ୍ୱାଇଁ, କୃଷ୍ଣଚନ୍ଦ୍ର ମହାରଣା, କୃଷ୍ଣ ନାୟକ, କ୍ରିଷ୍ଣା ଶିକାରୀ, ସୁସ୍ମିନି ପାଲଟାସିଂ, ମହେଶ ଡୋରା, ଅନୁରାଧା ପାତ୍ର, ଅମିୟ ସାହୁ, ସପନ ମିଶ୍ର, ଦୀପକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେମାନଙ୍କୁ ସନ୍ଦୀପ ଦାସ, ନ୍ୟାସା, ମଧୁପ୍ରିୟା, ସପନ ସ୍ୱାଇଁ, ଭଗବାନ ରେଡ୍ଡୀ ପ୍ରମୁଖ ସହାୟତା କରିଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ଓଡ଼ିଶା କରାଟେ ଆସୋସିଏଶନ ସଭାପତି ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରେଡିଂ ଟେଷ୍ଟ ହୋଇଥିଲା।

# ଗୁୟାନା ଫେରିଲେ ହେଟମେର

**ମୁମ୍ବାଇ, ୮।୫(ପି.ଟି.):** ରାଜସ୍ଥାନ ରୟାଲ୍ସର ୱେଷ୍ଟଇଣ୍ଡିଜ ବ୍ୟାଟର ଶିମରନ ହେଟମେର ରବିବାର ଗୁୟାନା ଯାଇଛନ୍ତି। ତାଙ୍କର ପ୍ରଥମ ସନ୍ତାନ ଜନ୍ମ ହେବାକୁ ଯାଉଥିବାରୁ ସେ ସ୍ୱଦେଶ ଫେରିଛନ୍ତି। "ଆମେ ତାଙ୍କୁ ଯଥାସମ୍ଭବ ସାହାଯ୍ୟ କରୁଛୁ। ଆମର ଶୁଭେଚ୍ଛା ହେଟମେର ଓ ତାଙ୍କ ପତ୍ନୀ ନିରଭାନିଙ୍କ ସହିତ ରହିଛି" ବୋଲି ରୟାଲ୍ସ ପକ୍ଷରୁ ଟୁଇଟ୍ କରାଯାଇଛି।

# କିଗେନ୍, ବୋରେଚା ବିଜେତା

**ପ୍ରେଗ୍, ୮।୫ (ଏପି):** କେନିଆର ନୋବର୍ଟ କିଗେନ୍ ପ୍ରେଗ୍ ଇଣ୍ଟରନ୍ୟାଶନାଲ ମାରାଥନ ପୁରୁଷ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ରେସ୍‌ରେ ଇଥିଓପିଆର ବେକିଲେଚ୍ ବୋରେଚା ଦ୍ରୁତତମ ମହିଳା ବିବେଚିତ ହୋଇଛନ୍ତି। ଇଥିଓପିଆର ଧାବକମାନଙ୍କୁ ପଛରେ ପକାଇ କିଗେନ୍ ୨ ଘଣ୍ଟା ୭ ମିନିଟ ଓ ୫୪ ସେକେଣ୍ଡରେ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ। କେଲକିଲେ ଓଲ୍‌ଡାରଗେ (୨:୦୮:୩୦) ଦ୍ୱିତୀୟ ଏବଂ ୟିତାୟଲ ଜେରିହୁଁ ଆହୁରି ୧୪ ସେକେଣ୍ଡ ପଛରେ ରହି ତୃତୀୟ ହୋଇଥିଲେ। ଅନ୍ୟପକ୍ଷରେ ବୋରେଚା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ୨:୨୨:୫୬ ଟାଇମିଂରେ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ।

ମନେ ପଡ଼ନ୍ତି

୨୫ତମ ପୁଣ୍ୟତିଥି



ସ୍ୱର୍ଗତ ଦେବବ୍ରତ ଦାସ
ଗୋପୀନାଥ ସାହି, ଖୋର୍ଦ୍ଧା
ଆବିର୍ଭାବ: ୦୫।୦୨।୧୯୬୪
ତିରୋଧାନ: ୦୯।୦୫।୧୯୯୭
ଚାହୁଁ ଚାହୁଁ ୨୫ବର୍ଷ ବିତିଗଲା, ତୁମ ସ୍ମୃତି ଆମ ପାଇଁ ଏବେବି ଅତୁଟ ରହିଛି। ଖୋର୍ଦ୍ଧାବାସୀଙ୍କ ପ୍ରତି ତୁମର ସ୍ନେହ, ବଳିଷ୍ଠ ନେତୃତ୍ୱ ତଥା ପରୋପକାରିତା ଚିର ସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ।
ଧ-୭୩୨୪୪

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ପ୍ରଭାସିନି ମଙ୍ଗରାଜ
ସାଇନିଡ୍ରମ୍ ଗୌରୀନଗର ପ୍ଲଟ୍ ନଂ.- 3660/4088, ଭୁବନେଶ୍ୱର
ଆବିର୍ଭାବ-୨୬।୦୧।୧୯୪୯
ତିରୋଧାନ- ୧୨।୦୫।୨୦୦୮
ଆପଣଙ୍କର ଧର୍ମପରାୟଣତା, ପରୋପକାରିତା, ମିଷ୍ଟ ଭାଷିନତା, ଆତିଥ୍ୟପରାୟଣତା ଆମର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀ ଜଗନ୍ନାଥ ଓ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ ବିନ୍ଦୁରେ ପ୍ରାର୍ଥନା। ସରଗପୁରରେ ଥାଇ ଦିଅ ହେ ଆଶିଷ, ପ୍ରଭୁ ପାଦତଳେ ଏହି ଅଭିଳାଷ।
ଶୋକସନ୍ତପ୍ତ ତୁମର ହତଭାଗ୍ୟ
ସ୍ୱାମୀ: ଅନ୍ତର୍ଯ୍ୟାମୀ ମଙ୍ଗରାଜ, ପୁଅ, ଝିଅ, ବୋହୂ, ନାତି, ନାତୁଣୀ, ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ-୭୦୭୯୪

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୈଳାସ ଚନ୍ଦ୍ର ନାୟକ
ଘାଟିକିଆ ଖଣ୍ଡଗିରିବାରି, ଭୁବନେଶ୍ୱର
ତିରୋଧାନ: ୦୯।୦୫।୨୦୦୯
(ବୁଦ୍ଧ ପୂର୍ଣ୍ଣମୀ)
ବାପା, ଜୀବନର ଚଲାପଥରେ ଆମେ ଏକାକୀ ତୁମର ଉପସ୍ଥିତି ଅନୁଭବ କରି ତୁମର ଆଶୀର୍ବାଦ କାମନା କରୁଛୁ। ଆଜି ତୁମର ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ଦିବସ ଉପଲକ୍ଷେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ଝିଅ: ମୀନା, ବୀଣା, ପୁଅ: ମୋହନ ଓ ନାତୁଣୀ-DD.
ଧ-୩୭୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ



✓ସୁନୟନା ହୋତା
ସ୍ୱାମୀ: ଶ୍ରୀ ଅନିରୁଦ୍ଧ ହୋତା
ବଳଭଦ୍ରପୁର, ବାଲିପାଟଣା, ଜି- ଖୋର୍ଦ୍ଧା
ଆବିର୍ଭାବ: ତା୨୫।୦୯।୧୯୫୦
ତିରୋଧାନ: ତା୨୦।୦୫।୨୦୨୧
ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସଭକ୍ତି ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ: ବାବୁନା ଜୁଲି, ଟୁଟୁ-ଲିତନ, ବାପି-ଏଲି, ଝିଅ-ଜ୍ୱାଇଁ: ମିଟୁ-ଲିଲି, ନାତୁଣୀ-ନାତୁଣୀଜ୍ୱାଇଁ: ଲାନୁ-ପାପାଲି, ନାତି-ନାତୁଣୀ: ରୋମି, ପାୟଲ, ସାଇ, କ୍ରିଷ୍ଣା, ରୁଦ୍ର, ଲକ୍ଷ୍ମୀ, ଦେବାଂଶୁ।
ଧ-୭୧୮୯୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ବାପୁ : ✓ ଶୂନ୍ୟବାସୀ ସୁନ୍ଦରାୟ
ଆବିର୍ଭାବ : ୦୮.୦୭.୧୯୪୩, ତିରୋଧାନ : ୨୦.୦୫.୨୦୨୧
ମାମା : ✓ ଶୈଳ ସୁନ୍ଦରାୟ
ଆବିର୍ଭାବ : ୧୦.୦୧.୧୯୫୦, ତିରୋଧାନ : ୧୯.୦୫.୨୦୨୧
ଆପଣଙ୍କର ଅନୁପସ୍ଥିତି ଆମେ ସମସ୍ତେ ମର୍ମାହତ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମମାନଙ୍କର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳୀ ଜଣାଉଛୁ।
-: ଶୋକସନ୍ତପ୍ତ :-
ସୁନ୍ଦରାୟ ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ।
ଆଇଗିଣିଆ, ଭୁବନେଶ୍ୱର
ଧ-୭୩୬୦୩

# ଲାଇଟ୍ ଥେରାପି



ଆଲ୍‌ଜିମର୍ସ ଏକ ବୟସଜନିତ ରୋଗ। ଏହା ମସ୍ତିଷ୍କକୁ ଦୁର୍ବଳ କରିବା ସହ ସ୍ନାୟୁକୋଷ ବିକାଶରେ ବି ବାଧା ଉପୁଜାଏ। ପ୍ରାଥମିକ ଲକ୍ଷଣ ଭାବେ ମସ୍ତିଷ୍କ କୋଷରେ ବେଟା ଆମ୍‌ଲଏଡ୍ ଏବଂ ଟାଉ ପ୍ରୋଟିନ୍ ସୃଷ୍ଟି ହୋଇ ଏହାକୁ ନଷ୍ଟ କରିଦିଏ। ସେଥିପାଇଁ ନଭେଲ୍ ଲାଇଟ୍ ଥେରାପି ଯାହା ଶରୀରରେ ଗାମା ୱେଭ୍(ତରଙ୍ଗ) ପ୍ରେରଣ କରି ଆଲ୍‌ଜିମର୍ ରୋଗ ତିଆରି କରୁଥିବା ଜୀବାଣୁଗୁଡ଼ିକୁ ମାରିଦିଏ। ଶରୀରକୁ ଦୁର୍ବଳ ଲାଗିବା ଓ ନିଦ ନ ହେବାଠାରୁ ମଧ୍ୟ ଏହା ରକ୍ଷା କରିଥାଏ। ନିକଟରେ ହୋଇଥିବା ଜାତୀୟ ସ୍ୱାସ୍ଥ୍ୟ ସଂଗଠନ(ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ)ର ଏକ ସଦ୍ୟତମ ଗବେଷଣାରୁ ଏହା ଜଣାପଡ଼ିଛି। ଗାମା ୱେଭ୍ ଯେତେବେଳେ ସେକେଣ୍ଡକୁ ୪୦ଥର ବା ୪୦ହର୍ସରେ ଶରୀରରେ ଗତି କରେ, ସେତେବେଳେ ଏହି ରଶ୍ମିରେ ଥିବା କୋଷଗୁଡ଼ିକ ଉପରେ ପ୍ରଭାବ ପକାଇ ମସ୍ତିଷ୍କକୁ ଶକ୍ତି ଯୋଗାଏ। ସେହିପରି ଏହା ଆଲ୍‌ଜିମର୍ସପୀଡ଼ିତ ରୋଗୀମାନଙ୍କର ସ୍ମରଣ ଶକ୍ତି ବଢ଼ାଇବାରେ ମଧ୍ୟ ସାହାଯ୍ୟ କରେ। ଏହା ସହ କୋଷଗୁଡ଼ିକରେ ବିଷାକ୍ତ ଜିନିଷ ସୃଷ୍ଟି ହେବାରୁ ବି ରକ୍ଷା କରିଥାଏ ବୋଲି ଲାଇଟ୍ ହେଲ୍‌ଥ ରିସର୍ଚ୍ଚ ସେଣ୍ଟରର ମୁଖ୍ୟ ମାରିଆନା ଫିଗୁରିଓ ପ୍ରକାଶ କରିଛନ୍ତି।

# ପାଠପଢ଼ା ଓ ବ୍ୟାୟାମ

ପାଠ ପଢ଼ା ପ୍ରତି ଅଧିକ ଆଗ୍ରହ ରହିଲେ ତାହାର କ୍ୟାରିୟରକୁ ସୁରୁଖୁରୁରେ ଆଗକୁ ଆଗେଇ ନେଇଥାଏ। ତା'ସହ ଛାତ୍ରୀଛାତ୍ର ସେମାନଙ୍କର ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥାଆନ୍ତି। ହେଲେ ଏଥିପ୍ରତି ଅଧିକ ଆଗ୍ରହ ସୃଷ୍ଟି କରିବା ଲାଗି ଏକ ସହଜ ଉପାୟ ଆପଣେଇ ପାରନ୍ତି। ତାହା ହେଲା ବ୍ୟାୟାମ। ୟୁନିଭର୍ସିଟି ଅଫ କାଲିଫର୍ନିଆର ମନୋବିଜ୍ଞାନୀମାନେ ଏ ନେଇ ଏକ ସର୍ଭେ କରିଥିଲେ। ପାଠପଢ଼ାରେ ଅଧିକ ମନୋନିବେଶ କରୁଥିବା କିଛି ଛାତ୍ରୀଛାତ୍ରଙ୍କ ଦୈନନ୍ଦିନ ଜୀବନଶୈଳୀକୁ ତନ୍ନ ତନ୍ନ କରି ସର୍ଭେ କରାଯାଇଥିଲା। ଖାସ୍ କଥା ହେଲା, ଯେଉଁମାନେ ନିୟମିତ କିଛି ସମୟ ବ୍ୟାୟାମ କରୁଥିଲେ ସେମାନଙ୍କର ପାଠପଢ଼ା ପ୍ରତି ଅଧିକ ଏକଗ୍ରତା ରହୁଥିଲା। ତେବେ ଜଣେ ବ୍ୟାୟାମ କରିବା ସମୟରେ ନିଜର ମାନସିକତାକୁ ସକାରାତ୍ମକ ରଖିବା ଦରକାର। ତା'ହେଲେ ଏହାର ସୁପ୍ରଭାବ ଶରୀର ଉପରେ ପଡିଥାଏ।



# ପ୍ରବଳ ମୁଣ୍ଡ ବିନ୍ଧୁ ଥିଲେ..



ମୁଣ୍ଡ ବିନ୍ଧିବା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେବେ ଏହା ପଛରେ କେତୋଟି କାରଣ ରହିଛି। ଯଦି ଆମେ କେତେକ ବିଷୟ ପ୍ରତି ଧ୍ୟାନ ଦେବା ତେବେ ଏପରି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ଯଥେଷ୍ଟ କମ୍ ରହିବ। ତା'ସହ ଏଭଳି କେତୋଟି ଉପଚାର ରହିଛି ଯାହାକୁ ଆପଣେଇ ପାରିଲେ ମୁଣ୍ଡବିନ୍ଧାରୁ କେତେକାଂଶରେ ଉପଶମ ମିଳିଥାଏ। ପ୍ରବଳ ମୁଣ୍ଡ ବିନ୍ଧୁଥିଲେ ଏହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ବେଳେବେଳେ ଆବଶ୍ୟକ ମୁତାବକ ପାଣି ନ ପିଇବାରୁ ମୁଣ୍ଡ ବିନ୍ଧେ। ତେଣୁ ପ୍ରତିଦିନ ପ୍ରଚୁର ପାଣି ପିଅନ୍ତୁ। କାରଣ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଲେ ତାହା ମୁଣ୍ଡବିନ୍ଧାରୁ କେତେକାଂଶରେ ଉପଶମ ଦେଇଥାଏ। ଯଦି ନିଶାଦ୍ରବ୍ୟ ସେବନ କରୁଛନ୍ତି ତେବେ ଏପରି ଅଭ୍ୟାସକୁ ତୁରନ୍ତ ବର୍ଜନ କରନ୍ତୁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଦ୍ରା। ଯଦି ଆମେ ରାତିରେ ଅତିକମ୍‌ରେ ୬-୭ ନ ଶୋଇବା ତେବେ ତାହା ମୁଣ୍ଡ ବିନ୍ଧାର କାରଣ ସାଜିଥାଏ। ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ। ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହାଦ୍ୱାରା ମୁଣ୍ଡବିନ୍ଧାରୁ କେତେକାଂଶରେ ଉପଶମ ମିଳିଥାଏ।

# ଭାରତର ମହାନ୍ ପରମାଣୁ ପରୀକ୍ଷଣ



ନିକୁଞ୍ଜ ବିହାରୀ ସାହୁ

"ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ପରମାଣୁ ସାମଗ୍ରୀକୁ ଅତି ସତର୍କତାର ସହିତ 'L' ଆକୃତିର ଭୂତଳ ଗର୍ତ୍ତ ମଧ୍ୟକୁ ଖସାଇ ଦିଆଯାଇଥିଲା। ସଂଯୋଜନଶୀଳ ପ୍ରଥମ ବୋମାକୁ ୬୬୦ ଫୁଟ୍ ଗଭୀରତାର ଏକ ଗର୍ତ୍ତ ମଧ୍ୟରେ ସ୍ଥାପନ କରାଗଲା, ଯାହାର ଛଦ୍ମ ନାମ ଥିଲା 'ହ୍ୱାଇଟ୍ ହାଉସ୍'। ତା'ପରେ ବିଖଣ୍ଡନଶୀଳ ବୋମାକୁ ୪୯୦ ଫୁଟ୍ ଗଭୀରତାର ଅନ୍ୟ ଏକ ଗର୍ତ୍ତ ମଧ୍ୟରେ ଅବସ୍ଥାପିତ କରାଗଲା। ଏହି ଗର୍ତ୍ତର ଛଦ୍ମନାମ ଥିଲା 'ତାଜମହଲ'। ତା'ପରେ ତୃତୀୟ ନିମ୍ନ କିଲୋଟନ୍ ବୋମାକୁ 'କୁମ୍ଭକର୍ଣ୍ଣ' ଛଦ୍ମନାମରେ ନାମିତ ଅନ୍ୟ ଏକ ଗର୍ତ୍ତ ମଧ୍ୟରେ ସ୍ଥାପନ କରାଗଲା।"



ବିଗତ ୧୯୯୮ ମସିହା ମେ ୧୧ ତାରିଖ ଥିଲା ଭାରତୀୟ ବୈଜ୍ଞାନିକମାନଙ୍କ ପାଇଁ ଏକ ଗୌରବୋଜ୍ଜ୍ୱଳ ଦିବସ। ଏହି ଦିନ ଭାରତ ସାରା ବିଶ୍ୱକୁ ଆଶ୍ଚର୍ଯ୍ୟ ଚକିତ କରି ରାଜସ୍ଥାନର ପୋଖରାନ ମରୁଭୂମିରେ ପରପର କରି ସମୁଦାୟ ତିନୋଟି ପରମାଣୁ ବୋମା ପରୀକ୍ଷା କରିଥିଲା। ପ୍ରଥମ ପରୀକ୍ଷାଟି ଏକ ବିଖଣ୍ଡନଶୀଳ (Fission) ବୋମା ଥିଲାବେଳେ ଅନ୍ୟ ଦୁଇଟି ପରୀକ୍ଷା ସଂଯୋଜନଶୀଳ (Fusion) ଉପକରଣ ଥିଲା। ଏହି ପରମାଣୁ ପରୀକ୍ଷାର ଗୁପ୍ତ ନାମ ଥିଲା 'ଅପରେଶନ ଶକ୍ତି'। ଏହି ପ୍ରଯୁକ୍ତିଗତ ଉପଲବ୍ଧି ସହିତ ଭାରତ ବିଶ୍ୱର ଷଷ୍ଠ ରାଷ୍ଟ୍ର ରୂପେ ପରମାଣୁ ରାଷ୍ଟ୍ରସମୂହ (Nuclear Club)ରେ ସାମିଲ ହୋଇଥିଲା। ଇତିମଧ୍ୟରେ ଦୀର୍ଘ ୨୪ ବର୍ଷ ବିତିଯାଇଥିଲେ ସୁଦ୍ଧା ସେଦିନର ସେ କଥା ମନେ ପଡ଼ିଲେ ହୃଦୟ ଉଲ୍ଲସିତ ହେବା ସଙ୍ଗେସଙ୍ଗେ ରୋମ ଟାଙ୍କୁରି ଉଠେ। ଏଠାରେ ସେଦିନର ସେହି ଐତିହାସିକ ଘଟଣାର କିଛି ସ୍ମୃତି ପରିବେଷଣ କରାଗଲା।

ଭାରତର ଏହି ପରମାଣୁ ପରୀକ୍ଷଣ (DRDO) ସଂସ୍ଥାର ତତ୍କାଳୀନ ମୁଖ୍ୟ ତଥା ରାଷ୍ଟ୍ରପତିଙ୍କ ବୈଜ୍ଞାନିକ ପରାମର୍ଶଦାତା ଡ. ଏ.ପି.ଜେ. ଅବଦୁଲ କଲାମ ଏବଂ ପରମାଣୁ ଶକ୍ତି ଆୟୋଗର ଅଧ୍ୟକ୍ଷ ଡ. ଆର୍. ଚିଦାମ୍ବରମଙ୍କ ନେତୃତ୍ୱରେ ସମ୍ପାଦନ କରାଯାଇଥିଲା। ଆମେରିକାର ଗୋଇନ୍ଦା ସଂସ୍ଥା (CIA) ନିଜର ଗୁପ୍ତଚର ଉପଗ୍ରହଗୁଡ଼ିକ ଜରିଆରେ ଭାରତର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମ ଉପରେ କଡ଼ା ନଜର ରଖିଥିବାରୁ ଏବଂ ଏଥିନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟାର ଆଶଙ୍କା ରହିଥିବାରୁ ଏହି ପରୀକ୍ଷାର ପ୍ରସ୍ତୁତି ଓ ରୂପାୟନ ପାଇଁ ସମ୍ପୂର୍ଣ୍ଣ ସତର୍କତା ଓ ଗୋପନୀୟତା ଅବଲମ୍ବନ କରାଯାଇଥିଲା। ବୈଜ୍ଞାନିକମାନେ ପ୍ରଥମେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ବିଭିନ୍ନ ଛଦ୍ମ ନାମରେ ସାମରିକ ପୋଷାକ ପରିଧାନ କରି ପରୀକ୍ଷଣସ୍ଥଳୀକୁ ଯାତ୍ରା କରିଥିଲେ। ଏପରିକି, ସେମାନଙ୍କର ନିକଟ ସମ୍ପର୍କୀୟମାନଙ୍କ ନିକଟରେ ଏ ସମ୍ପର୍କରେ କୌଣସି ସୂଚନା ନ ଥିଲା ଏବଂ ସରକାରଙ୍କ ବରିଷ୍ଠ କର୍ମକର୍ତ୍ତାମାନେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିବା ପାଇଁ ଭାରତୀୟ ସେନାର ଇଞ୍ଜିନିୟରିଙ୍ଗ ବିଭାଗରେ ଏକ ସ୍ୱତନ୍ତ୍ର ରେଜିମେଣ୍ଟ (୫୮ତମ ଇଞ୍ଜିନିୟରିଙ୍ଗ ରେଜିମେଣ୍ଟ) ଗଠନ କରାଯାଇ ପ୍ରସ୍ତୁତିର ସମ୍ପୂର୍ଣ୍ଣ ସୁରକ୍ଷା ଓ ଗୋପନୀୟତା ରକ୍ଷା ନିମନ୍ତେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆମେରିକାର ଗୁଇନ୍ଦା ଉପଗ୍ରହର ନଜର ଏଡାଇବାକୁ ଅଧିକାଂଶ ପ୍ରସ୍ତୁତି କେବଳ ରାତି ସମୟରେ ହିଁ ସମ୍ପାଦନ କରାଯାଉଥିଲା ଏବଂ କାର୍ଯ୍ୟ ସରିଯିବା ପରେ ସମସ୍ତ ସାମଗ୍ରୀକୁ ମୂଳସ୍ଥାନକୁ ଫେରାଇ ନିଆଯାଉଥିଲା, ଯାହା ଫଳରେ ସାମଗ୍ରୀସବୁ ଆଦୌ ସ୍ଥାନାନ୍ତରିତ ହୋଇ ନ ଥିବାର ଭ୍ରମ ଧାରଣା ସୃଷ୍ଟି ହେଉଥିଲା। ପରୀକ୍ଷଣ ନିମନ୍ତେ ଖୋଳା ଯାଇଥିବା ଭୂତଳ ଗର୍ତ୍ତକୁ ସ୍ଥାନୀୟ ପରିବେଶ ସହିତ ମିଶି ଯାଉଥିବା ଭଳି ବିଭ୍ରମକାରୀ ରଙ୍ଗର ଜାଲି ଦ୍ୱାରା ଢଙ୍କା ଯାଉଥିଲା ଏବଂ ନିର୍ଗତ ବାଲୁକାରାଶିକୁ ଏକ ପ୍ରାକୃତିକ ବାଲୁକାସ୍ତୂପ ଆକାରରେ ଜମା କରାଯାଉଥିଲା।

ବୋମାର ସମସ୍ତ ସାମଗ୍ରୀକୁ ପରୀକ୍ଷଣର କିଛି ଦିନ ପୂର୍ବରୁ ପ୍ରଥମେ ମୁମ୍ବାଇସ୍ଥିତ ଭାବା ପରମାଣୁ ଗବେଷଣା କେନ୍ଦ୍ରରୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଜରିଆରେ ରାଜସ୍ଥାନର ଜଇସାଲମେର ବିମାନଘାଟିକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀକୁ ସେନାର ୪ଟି ଟ୍ରକ୍ ଜରିଆରେ ୪ ଥର କରି ପୋଖରାନ ପରୀକ୍ଷଣସ୍ଥଳୀକୁ ପରିବହନ କରାଯାଇଥିଲା। ପୋଖରାନଠାରେ ଯେଉଁ ଗୃହରେ ଏହି ପରମାଣୁ ସାମଗ୍ରୀ ରଖାଯାଇଥିଲା ତାହାକୁ 'ପ୍ରାର୍ଥନା ଗୃହ' ବୋଲି ଛଦ୍ମନାମ ଦିଆଯାଇଥିଲା। ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ପରମାଣୁ ସାମଗ୍ରୀକୁ ଅତି ସତର୍କତାର ସହିତ 'L' ଆକୃତିର ଭୂତଳ ଗର୍ତ୍ତ ମଧ୍ୟକୁ ଖସାଇ ଦିଆଯାଇଥିଲା। ସଂଯୋଜନଶୀଳ ପ୍ରଥମ ବୋମାକୁ ୬୬୦ ଫୁଟ ଗଭୀରତାର ଏକ ଗର୍ତ୍ତ ମଧ୍ୟରେ ସ୍ଥାପନ କରାଗଲା, ଯାହାର ଛଦ୍ମ ନାମ ଥିଲା 'ହ୍ୱାଇଟ୍ ହାଉସ୍'। ତା'ପରେ ବିଖଣ୍ଡନଶୀଳ ବୋମାକୁ ୪୯୦ ଫୁଟ୍ ଗଭୀରତାର ଅନ୍ୟ ଏକ ଗର୍ତ୍ତ ମଧ୍ୟରେ ଅବସ୍ଥାପିତ କରାଗଲା। ଏହି ଗର୍ତ୍ତର ଛଦ୍ମନାମ ଥିଲା 'ତାଜମହଲ'। ତା'ପରେ ତୃତୀୟ ନିମ୍ନ କିଲୋଟନ୍ ବୋମାକୁ 'କୁମ୍ଭକର୍ଣ୍ଣ' ଛଦ୍ମନାମରେ ନାମିତ ଅନ୍ୟ ଏକ ଗର୍ତ୍ତ ମଧ୍ୟରେ ସ୍ଥାପନ କରାଗଲା। ବିସ୍ଫୋରଣ ଜନିତ ତେଜସ୍କ୍ରିୟ ଉତ୍ସର୍ଜନକୁ ପ୍ରତିହତ କରିବା ପାଇଁ ସେନାର ଇଞ୍ଜିନିୟରିଙ୍ଗ ବିଭାଗର ଏକ ସ୍ୱତନ୍ତ୍ର ଦଳ ଦ୍ୱାରା ଏହି ସମସ୍ତ ଗର୍ତ୍ତକୁ ପରୀକ୍ଷଣର ଅବ୍ୟବହିତ ପୂର୍ବରୁ ଅତି ସନ୍ତର୍ପଣରେ ସିଲ୍ କରି ଦିଆଯାଇଥିଲା।

ପରିଶେଷରେ ସେହି ବହୁ-ପ୍ରତୀକ୍ଷିତ ମୁହୂର୍ତ୍ତ ମେ ୧୧ ତାରିଖ ଉପସ୍ଥିତ ହୋଇଥିଲା। ପରୀକ୍ଷଣର ବାସ୍ତବ ସମୟ ସ୍ଥାନୀୟ ପାଣିପାଗ ଏବଂ ବିଶେଷକରି ବାୟୁପ୍ରବାହର ବେଗ ଉପରେ ବହୁମାତ୍ରାରେ ନିର୍ଭର କରୁଥିଲା। ସକାଳ ସମୟରେ ବାୟୁପ୍ରବାହର ବେଗ ଅଧିକ ଥିବାରୁ ସେଦିନ ପରୀକ୍ଷଣ ଅସମ୍ଭବ ଜଣା ପଡ଼ିବାରୁ ବୈଜ୍ଞାନିକମାନେ ପ୍ରଥମେ ନିରାଶ ହୋଇ ପଡ଼ିଥିଲେ। ମାତ୍ର ଅପରାହ୍ନରେ ପାଗ ଅଚାନକ ବଦଳିଯାଇ ବାୟୁପ୍ରବାହର ବେଗ କମିବାରୁ ପରୀକ୍ଷଣ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରାଗଲା। ନିୟମ ଅନୁସାରେ, DRDO ତରଫରୁ ପରୀକ୍ଷଣସ୍ଥଳୀର ପ୍ରସ୍ତୁତି ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ବୈଜ୍ଞାନିକ ଡ. କେ. ସନ୍ଥନମ କାଉଣ୍ଟ ଡାଉନ୍ (ଅବଗଣନା) ପ୍ରକ୍ରିୟାକୁ ପ୍ରାରମ୍ଭ କରିବା ନିମନ୍ତେ ଦୁଇଟି ବିଶେଷ ଚାବି ପରୀକ୍ଷଣସ୍ଥଳୀ ସୁରକ୍ଷା ଦାୟିତ୍ୱରେ ଥିବା ବୈଜ୍ଞାନିକ ଡ. ଏମ୍. ବାସୁଦେବଙ୍କୁ ହସ୍ତାନ୍ତର କଲେ। ଡ. ବାସୁଦେବ ପରୀକ୍ଷଣର ସଫଳତା ନିମନ୍ତେ ସମସ୍ତ ସୂଚକ ବ୍ୟବସ୍ଥାକୁ କଠୋର ରୂପେ ଯାଞ୍ଚ କରି କାଉଣ୍ଟ ଡାଉନ୍ ଆରମ୍ଭ କରିବା ନିମନ୍ତେ ସେଥି ମଧ୍ୟରୁ ଗୋଟିଏ ଚାବି ଭାବା ପରମାଣୁ ଗବେଷଣା କେନ୍ଦ୍ରର ଜଣେ ପ୍ରତିନିଧି ଓ ଅନ୍ୟ ଗୋଟିଏ ଚାବି DRDO ର ଜଣେ ପ୍ରତିନିଧିଙ୍କୁ ହସ୍ତାନ୍ତର କଲେ। ନିର୍ଦ୍ଧାରିତ ଯୋଜନା ମତେ କାଉଣ୍ଟ ଡାଉନ୍ ଆରମ୍ଭ ହେଲା ଏବଂ ଅପରାହ୍ନ ୩.୪୫ ମିନିଟ ସମୟରେ ପୃଥିବୀର ବୁକୁ ଥରାଇ ନିଥର ମରୁଭୂମିର ଭୂତଳ ଗର୍ତ୍ତ ମଧ୍ୟରେ ଉପକରଣଗୁଡିକର ପ୍ରଚଣ୍ଡ ବିସ୍ଫୋରଣ ଘଟିଲା।

ବିସ୍ଫୋରଣର କିଛି ସମୟ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀ ଡାକି ଦୃଢ଼ କଣ୍ଠରେ ଘୋଷଣା କଲେ , 'ଆଜି ଅପରାହ୍ନ ୩ଟା ୪୫ ମିନିଟ ସମୟରେ ଭାରତ ସ୍ଥଳସେନାର ପୋଖରାନ ପରୀକ୍ଷଣସ୍ଥଳୀଠାରେ ତିନୋଟି ଭୂତଳ ପରମାଣୁ ବୋମାର ପରୀକ୍ଷା କରିଛି। ସମ୍ପାଦିତ ପରୀକ୍ଷଣଗୁଡ଼ିକ ହେଲା : ଏକ ବିଖଣ୍ଡନଶୀଳ ଉପକରଣ, ଏକ ସ୍ୱଳ୍ପ-ଶକ୍ତି ସମ୍ପନ୍ନ ଉପକରଣ ଏବଂ ଏକ ତାପ-ନାଭିକୀୟ ଉପକରଣ। ପରୀକ୍ଷଣର ଶକ୍ତି ଉତ୍ସର୍ଜନ ଆଶାନୁରୂପେ ଘଟିଛି। ସଂଗୃହୀତ ତଥ୍ୟରୁ ଜଣାପଡିଛି ଯେ, ପରୀକ୍ଷଣ ଦ୍ୱାରା ବାୟୁମଣ୍ଡଳକୁ କୌଣସି ବିପଜ୍ଜନକ ତେଜସ୍କ୍ରିୟ ବସ୍ତୁର ବିକିରଣ ଘଟିନାହିଁ। ଏଗୁଡିକ ୧୯୭୪ ମସିହା ମେ' ମାସରେ କରାଯାଇଥିବା ପ୍ରଥମ ପରୀକ୍ଷଣ ଭଳି ନିୟନ୍ତ୍ରିତ ବିସ୍ଫୋରଣ। ଏହି ସଫଳ ପରୀକ୍ଷଣ ପାଇଁ ମୁଁ ମୋର ବୈଜ୍ଞାନିକ ଓ ଇଞ୍ଜିନିୟର୍‌ମାନଙ୍କୁ ସମ୍ବର୍ଦ୍ଧନା ଜଣାଉଛି।'

ବାଜପେୟୀଙ୍କ ଏହି ଘୋଷଣା ସଙ୍ଗେସଙ୍ଗେ ସାରା ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଭାରତର ଏହି ଅପ୍ରତ୍ୟାଶିତ କାର୍ଯ୍ୟକ୍ରମରେ ଘୋର ଉଦବେଗ ପ୍ରକାଶ କରି ପାକିସ୍ତାନ ସମେତ ବିଶ୍ୱର ବହୁ ରାଷ୍ଟ୍ର ଯଥା ଯୁକ୍ତରାଷ୍ଟ୍ର ଆମେରିକା, ଚାଇନା, ଜାପାନ ଓ କାନାଡା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ମାତ୍ର ଭାରତ ପାଇଁ ଏହି ଦିନଟି ଥିଲା ପ୍ରଯୁକ୍ତି କ୍ଷେତ୍ରରେ ଉପଲବ୍ଧିର ଏକ ସ୍ୱର୍ଣ୍ଣାଭ ଦିବସ। ସୁତରାଂ ଏହି ଦିନକୁ ସ୍ମରଣୀୟ କରିବା ପାଇଁ ଭାରତ ସରକାର ମେ ୧୧ ତାରିଖକୁ 'ରାଷ୍ଟ୍ରୀୟ ପ୍ରଯୁକ୍ତି ଦିବସ' ରୂପେ ଘୋଷଣା କରିଛନ୍ତି।

-ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ,ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮



# ଅତ୍ୟଧିକ ମିଠା ଖାଉଥିଲେ...

ମିଠା ଏପରି ଏକ ଜିନିଷ ଯାହାକୁ ଦେଖିଲେ ଅନେକଙ୍କ ପାଟିରୁ ଲାଳ ଗଡିଥାଏ। ଲୋଭର ବଶବର୍ତ୍ତୀ ହୋଇ କେତେକେ ଆବଶ୍ୟକତାଠାରୁ ଅଧିକ ମିଠା ଖାଇବାକୁ ପଛାଇ ନ ଥାନ୍ତି। କିନ୍ତୁ ଅତ୍ୟଧିକ ମିଠା ଖାଇଲେ ତାହାର ପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିଥାଏ। ଏପରି କି ବେଳେବେଳେ ଏଥିରେ ତାରତମ୍ୟ ପରିଲକ୍ଷିତ ହୋଇଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ମିଠା ଖାଆନ୍ତି ତେବେ ତାହାଦ୍ୱାରା ତାଙ୍କର ସ୍ମରଣ ଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। 'ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଅତ୍ୟଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା କମିଥିବାର ଜଣାପଡ଼ିଥିଲା।



# ଉପକାରୀ ହଳଦୀ

**ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକରୀ ଗୁଣ ଭରି ରିହିଛି। ଜାଣନ୍ତୁ ସେ ସମ୍ପର୍କରେ...**

ହଳଦୀରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରିହିଛି। ଏଥିରେ କୁର୍‌କୁମିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଶରୀରରେ ଥଣ୍ଡାକୁ କମାଇବାରେ ସାହାଯ୍ୟ କରିଥାଏ। ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯାହାଦ୍ୱାରା ଆମେ ଏପରି ସମସ୍ୟାରୁ ଅନେକାଂଶରେ ରକ୍ଷା ପାଇଥାଉ। ଥଣ୍ଡାରୁ ଉପଶମ ପାଇବା ଲାଗି ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇପାରନ୍ତି। ହଳଦୀ ଶରୀରରେ ଇନ୍‌ସୁଲିନ୍ ପ୍ରତିରୋଧକୁ ବଢ଼ାଇଥାଏ। ଏହା ଆମ ଶରୀରରେ ଏକ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି କରେ ଯାହାଦ୍ୱାରା ଆମର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ହଳଦୀ ଖାଇବା ଦ୍ୱାରା ଏହା ଆମ ଶରୀରର କୋଷ ମଧ୍ୟକୁ ପ୍ରବେଶ କରେ ଓ ମାଂସପେଶୀକୁ ଶକ୍ତ ରଖିଥାଏ। ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ ହଦଳୀ। ଏହା ରକ୍ତ ଚାପକୁ କମାଇବା ସହ ଶରୀରରେ ରକ୍ତ ପ୍ରବାହକୁ ଠିକ୍ ଭାବେ ସଞ୍ଚାଳିତ କରାଇଥାଏ।



## ୧୦ଟି କଥା

- ନିଜକୁ ସବୁବେଳେ ଟେନ୍‌ସନଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ସବୁବେଳେ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ପରିମାଣରେ ଖାଇଲେ ଭଲ।
- ପ୍ରତିଦିନ କିଛି ସମୟ ଯୋଗ କିମ୍ବା ପ୍ରାଣାୟାମ କରନ୍ତୁ। ଏହାଦ୍ୱାରା ମାନସିକ ଶାନ୍ତି ମିଳିଥାଏ।
- ଯଦି ଆପଣଙ୍କ ବୟସ ୪୦ ଟପିଗଲାଣି ତେବେ ନିୟମିତ ସମୟ ବ୍ୟବଧାନରେ ଶରୀରର ରୋଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।
- ସବୁବେଳେ ନିଜର ସାମର୍ଥ୍ୟ ଅନୁସାରେ କାମ କରନ୍ତୁ। କୌଣସି କାମକୁ କିପରି ସୁଚାରୁ ରୂପେ ତୁଲାଇବେ ସେ ନେଇ ପ୍ଲାନିଂ କରିବାକୁ ଭୁଲନ୍ତୁ ନାହିଁ।
- ନିଜର ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।
- ଚାପର ବଶବର୍ତ୍ତୀ ହୋଇଥିଲେ ପ୍ରଥମେ ସେଥିରୁ ମୁକୁଳିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ନିଜର ଜୀବନଶୈଳୀକୁ ସୁରୁଖୁରୁରେ ଆଗେଇ ନେଇ ପାରିବେ।
- ଟେନ୍‌ସନ୍‌କୁ ନେଇ ଅଧିକ ଟେନ୍‌ସନ୍ ହୁଅନ୍ତୁ ନାହିଁ। କାରଣ ଏହାଦ୍ୱାରା ସବୁ କାମ ଅଡୁଆ ତଡୁଆ ହୋଇଯାଇଥାଏ।
- ତଟକା ଫଳମୂଳ, ଜୁସ୍‌କୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।
- ଖାଦ୍ୟ ଖାଇବା ପରେ ଆଦୌ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ।



## ସ୍ୱାସ୍ଥ୍ୟ ସୂଚନା

- ଯଦି ବ୍ୟାୟାମ କରିବା ପୂର୍ବରୁ ମନରେ କିଛି ପ୍ରଶ୍ନ ରହିଛି ତେବେ ଅଭିଜ୍ଞ ବ୍ୟାୟାମ ବିଶେଷଜ୍ଞଙ୍କ ସହ ସେ ନେଇ ବିଷଦ ଭାବରେ ଆଲୋଚନା କରନ୍ତୁ।
- ରାତ୍ରଭୋଜନରେ ଆଦୌ ଗରିଷ୍ଠ ଖାଦ୍ୟ ସାମିଲ ନ କରିବା ଭଲ। କାରଣ ସବୁବେଳେ ରାତିରେ ହାଲୁକା ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇଥାଏ।
- କୌଣସି ରୋଗ ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିବା ସମୟରେ ଏ ନେଇ କୌଣସି ତଥ୍ୟ ଲୁଚାନ୍ତୁ ନାହିଁ। ଯଦି ଡାକ୍ତର କିଛି ପାଥୋଲୋଜିକାଲ ପରୀକ୍ଷା କରିବାକୁ ପ୍ରେସକ୍ରିପସନରେ ଉଲ୍ଲେଖ କରିଛନ୍ତି ତେବେ ତାହାକୁ ଅଣଦେଖା କରନ୍ତୁ ନାହିଁ। କାରଣ ତାହାଦ୍ୱାରା ସେ ରୋଗ ବିଷୟରେ ଅଧିକ ତଥ୍ୟ ଜାଣିପାରିବେ।
- ଖାଦ୍ୟ ଖାଇସାରିବା ପରେ ଆଦୌ କୋଲ୍ଡ ଡ୍ରିଙ୍କସ ପିଅନ୍ତୁ ନାହିଁ।
- ଯଦି ଆପଣ ମେଦବହୁଳତା ସମସ୍ୟା ସହ ଜଡିତ ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଓଜନ ମାପି ନିଅନ୍ତୁ। ତା'ସହ ଓଜନ କମାଇବା ଲାଗି ଖାଦ୍ୟପେୟ ପ୍ରତି ସତର୍କ ହେବା ସହ ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ।
- ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ ଖାଇବାକୁ ଭୁଲନ୍ତୁ ନାହିଁ।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ସିଏସ୍‌କେର ବୃହତ୍ ସ୍କୋର

**ମୁମ୍ବାଇ,୮।୫**

ଡେଭନ କନୱେ ଏବଂ ଋତୁରାଜ ଗାଏକ୍ୱାଡଙ୍କ ଶତକୀୟ ଓପନିଂ ଭାଗୀଦାରି ଯୋଗୁ ଦିଲ୍ଲୀ କ୍ୟାପିଟାଲ୍ସ ଆଗରେ ୨୦୯ ରନ୍‌ର ବିଶାଳ ଟାର୍ଗେଟ ଛିଡ଼ା କରିଛି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)। ସ୍ଥାନୀୟ ଡି ୱାଇ

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ମୁମ୍ବାଇ ଇଣ୍ଡିଆନ୍ସ ବନାମ
କୋଲକାତା ନାଇଟ ରାଇଡର୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ପାଟିଲ ସ୍ପୋର୍ଟ୍ସ ଏକାଡେମୀରେ ରବିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ସିଏସ୍‌କେ ୨୦ ଓଭରରେ ୬ ଉଇକେଟ ହରାଇ ୨୦୮ ରନ୍ କରିଛି। ରବୀନ୍ଦ୍ର ଜାଡେଜା ଫିଟ୍ ନ ଥିବାରୁ ତାଙ୍କ ବଦଳରେ ଶିବମ ଦୁବେଙ୍କୁ ଚେନ୍ନାଇ ଦଳରେ ସୁଯୋଗ ମିଳିଥିଲା।



ଡେଭନ କନୱେ

ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ ଦିଲ୍ଲୀ ଅଧିନାୟକ ରିଷଭ ପନ୍ତ। କିନ୍ତୁ ତାଙ୍କ ନିଷ୍ପତ୍ତିକୁ ଭୁଲ ସାବ୍ୟସ୍ତ କରିଥିଲେ ସିଏସ୍‌କେର ଦୁଇ ଓପନର। ଦିଲ୍ଲୀର ସବୁ ବୋଲରଙ୍କୁ ଧୂଳେଇ କରି ଗାଏକ୍ୱାଡ ଓ କନୱେ ୧୧ ଓଭରରେ ୧୧୦ ରନ୍ ଯୋଡ଼ିଥିଲେ। ୩୩ ବଲରେ ୪ ଚୌକା ଓ ୧ ଛକା ସହାୟତାରେ ୪୧ ରନ୍ କରିଥିବା ଗାଏକ୍ୱାଡ ଦିଲ୍ଲୀ ପେସର ଏନରିଚ ନର୍ଜେଙ୍କ ବାଉନ୍ସରକୁ ଖେଳିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଥିଲେ। ତାଙ୍କ ଉଇକେଟ ପଡ଼ିବା ପରେ କନୱେଙ୍କ ସହ ମିଶି ଶିବମ ଦୁବେ (୩୨ ରନ୍, ୨ ଲେଖାଏ ଚୌକା ଓ ଛକା) ଦଳୀୟ ରନ୍ ହାରକୁ ଖସିବାକୁ ଦେଇ ନ ଥିଲେ। ଦୁହେଁ ଦ୍ୱିତୀୟ ଉଇକେଟ ଲାଗି ୫୯ ରନ୍ ଯୋଡ଼ିଥିଲେ। ଦୁର୍ଭାଗ୍ୟବଶତଃ ଶତକ ନିକଟତର ହୋଇଥିବା କନୱେ ଏକ ଇନୋଭେଟିଭ ଶଟ୍ ଖେଳିବାକୁ ଯାଇ ଉଇକେଟକିପର ପନ୍ତଙ୍କ ହାତରେ ଧରା ପଡ଼ିଥିଲେ। ସେ ୪୯ ବଲରେ ୭ ଚୌକା ଓ ୫ ଛକା ସହାୟତାରେ ୮୭ ରନ୍ କରିଥିଲେ। ତା' ପରେ ଚେନ୍ନାଇ ପ୍ରତ୍ୟେକ ଓଭରରେ ଉଇକେଟ ହରାଇଥିଲା। କିନ୍ତୁ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଶେଷ ଆଡ଼କୁ ୮ ବଲରେ ୨ ଛକା ଓ ୧ ଚୌକା ବଳରେ ୨୧ ରନ୍ କରିଥିଲେ। ଯାହା ଫଳରେ ଚେନ୍ନାଇ ୨୦ ଓଭରରେ ୬ ଉଇକେଟ ହରାଇ ୨୦୮ ରନ୍ କରିଥିଲା। ଚଳିତ ସିଜନରେ ୪ର୍ଥ ଥର ପାଇଁ ଚେନ୍ନାଇ ୨୦୦ରୁ ଊର୍ଦ୍ଧ୍ୱ ସ୍କୋର କରିଛି। ଦିଲ୍ଲୀ ପକ୍ଷରୁ ନର୍ଜେ ୩ ଉଇକେଟ ନେଇଥିବା ବେଳେ ଖଲିଲ ଅହମ୍ମଦ ୨ଟି ଓ ମିଚେଲ ମାର୍ଶ ଗୋଟିଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୦୮/୬(ଡେଭନ କନୱେ-୮୭, ଋତୁରାଜ କାଏକ୍ୱାଡ -୪୧, ଶିବମ ଦୁବେ-୩୨, ମହେନ୍ଦ୍ର ସିଂ ଧୋନୀ-୨୧*, ଏନରିଚ ନର୍ଜେ-୩/୪୨, ଖଲିଲ ଅହମ୍ମଦ-୨/୨୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୧ | ୮ | ୩ | ୧୬ | +୦.୭୦୩ |
| ଗୁଜରାଟ ଟାଇଟାନ୍ସ | ୧୧ | ୮ | ୩ | ୧୬ | +୦.୧୨୦ |
| ରାଜସ୍ଥାନ ରୟାଲ୍ସ | ୧୧ | ୭ | ୪ | ୧୪ | +୦.୩୨୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୭ | ୫ | ୧୪ | -୦.୧୧୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୫ | ୫ | ୧୦ | +୦.୬୪୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୫ | ୬ | ୧୦ | -୦.୦୩୧ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୨୩୧ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୪ | ୭ | ୮ | -୦.୩୦୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୩ | ୭ | ୬ | -୦.୪୩୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୨ | ୮ | ୪ | -୦.୭୨୫ |

## 'ଉମରାନଙ୍କୁ ଅଣଦେଖା କରାଯାଇ ନ ପାରେ'

**ସିଡ୍‌ନୀ, ୮।୫(ପି.ଟି.):** ଭାରତୀୟ କ୍ରିକେଟ ଏଇ କିଛିବର୍ଷ ମଧ୍ୟରେ ଅନେକ ବିଶ୍ୱଶ୍ରେଣୀୟ ବୋଲର ସୃଷ୍ଟି କରିପାରିଛି। ଆଗାମୀ ଦିନରେ ଖୁବ୍ ସ୍ପିଡ୍ ବୋଲିଂ କରିପାରୁଥିବା ଉମରାନ ମଲିକଙ୍କ ଭଳି ପେସ୍ ବୋଲରଙ୍କୁ ଅଣଦେଖା କରାଯାଇ ନ ପାରେ ବୋଲି ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ଇଆନ ଚାପେଲ ପ୍ରକାଶ କରିଛନ୍ତି। ବିଶ୍ୱ କ୍ରିକେଟରେ ଚାପେଲଙ୍କ ବକ୍ତବ୍ୟର ଗୁରୁତ୍ୱ ରହିଛି। ପେସ୍ ବୋଲିଂରେ ଭାରତର ଦକ୍ଷତା ବୃଦ୍ଧିରେ ଆଇପିଏଲ୍‌ର ବିଶେଷ ଭୂମିକା ରହିଛି। ଭାରତର ପେସ୍ ବୋଲିଂ ବିପ୍ଳବ ଜାରି ରହିବ ବୋଲି ସେ ମନେ କରୁଛନ୍ତି। ଆଇପିଏଲ ଦେଖଣାହାରିଙ୍କ ମଧ୍ୟରେ ଉମରାନ ବର୍ତ୍ତମାନ ଜଣେ ଚର୍ଚ୍ଚିତ ଖେଳାଳି। ଭାରତ ଏହାର ଫାଷ୍ଟ-ବୋଲିଂ ଗ୍ରୁପ୍‌କୁ ବିକଶିତ କରିବାରେ ଧୈର୍ଯ୍ୟ ଅବଲମ୍ବନ କରିଛି। ଆଗାମୀ ଦିନରେ ଉମରାନଙ୍କ ଭଳି ପେସ୍ ବୋଲରଙ୍କୁ ଅଣଦେଖା କରିହେବ ନାହିଁ ବୋଲି ଚାପେଲ ତାଙ୍କର ଏକ ସାକ୍ଷାତ୍‌କାରରେ କହିଛନ୍ତି।







